୪୫

# ଧରିତ୍ରୀ
DHARITRI

ବ୍ରହ୍ମପୁର, ଗୁରୁବାର, ନଭେମ୍ବର ୨୯/୨୦୧୮ (୧୬ ପୃଷ୍ଠା+ମନ ମିଜାଜ) Berhampur, Thursday, November 29/ 2018 | ★★★

୧୪ ଶ ଭାଗ ୩୦୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ସୂର୍ଯ୍ୟକାନ୍ତଙ୍କୁ ୭ ଉଇକେଟ

ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଘାତକ ବୋଲିଂ ବଳରେ ଓଡ଼ିଶା ରଣ୍ଜୀ ଟ୍ରଫିରେ ତ୍ରିପୁରାକୁ ୧୨୨ ରନ୍‌ରେ ଅଲ୍‌ଆଉଟ୍ କରିଦେଇଛି ।

୧୫୦୨

## ଜାହ୍ନବୀଙ୍କୁ ପ୍ରେମ

ନବାଗତ ଇଷାନ ଖଟ୍ଟରଙ୍କ ସହ ପ୍ରେମରେ ବାନ୍ଧି ହୋଇଯାଇଛନ୍ତି ଶ୍ରୀଦେବୀ ତନୟା ଜାହ୍ନବୀ କପୁର। ଦୁହିଁଙ୍କୁ ବିଭିନ୍ନ ସ୍ଥାନରେ ଏକାଠି ବୁଲିବାର ଦେଖିବାକୁ ମିଳୁଛି।



# ଯୁବକଙ୍କ ହାଜତ ମୃତ୍ୟୁ ଅଭିଯୋଗ

କାକଟପୁର, (ଡି.ଏନ.ଏ.)/ ପୁରୀ ଅଫିସ, ୨୮।୧୧

- ପୋଲିସ ମାଡ଼ରେ ଅସୁସ୍ଥ ଥିଲେ
- କଟକ ବଡ଼ ମେଡିକାଲରେ ମୃତ୍ୟୁ
- ମୃତଦେହ ରଖି ରାସ୍ତା ଅବରୋଧ
- ମାଳଦା ଗ୍ରାମରେ ଉତ୍ତେଜନା

ଅସ୍ତରଙ୍ଗ ଥାନା ହାଜତରେ ପୋଲିସର ମାଡ଼ ଯୋଗୁ ଆହତ ହୋଇପଡ଼ିଥିବା ଜଣେ ଯୁବକଙ୍କ ବୁଧବାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମାଡ଼ ଖାଇ ଆହତ ହେବା ପରେ ତୁରନ୍ତ ଚିକିତ୍ସା ପାଇଁ ନ ନେବାରୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ମୃତକ ହେଲେ ମାଳଦା ଗ୍ରାମର ଯୋଗେନ୍ଦ୍ର ଦାସ (୪୦)। ଏହାକୁ ନେଇ ମାଳଦାରେ ଉତ୍ତେଜନା ପ୍ରକାଶ ପାଇଛି।

ମୃତକଙ୍କ ସ୍ତ୍ରୀ ପ୍ରତିମା ପୁରୀ ଏସ୍‌ପିଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ଗଜଲକ୍ଷ୍ମୀ ପୂଜା ଭସାଣି ଉତ୍ସବ ଉପଲକ୍ଷେ ଗତ ଅକ୍ଟୋବର ୩୦ ରାତି ୧୦ଟାରେ ମାଳଦା ଗାଁରେ ଏକ ଭୋଜି ଆୟୋଜନ କରାଯାଇଥିଲା। ରୋଷେୟା ଭାବେ ତାଙ୍କ ସ୍ୱାମୀ ଯୋଗେନ୍ଦ୍ରଙ୍କୁ ସେଠାକୁ ଡକାଯାଇଥିଲା। ଡାକିଥିବା ଲୋକଙ୍କ ମଧ୍ୟରୁ କେତେଜଣ ଯୋଗେନ୍ଦ୍ରଙ୍କ ନାମରେ ରାଜନୈତିକ ଉଦ୍ଦେଶ୍ୟ ରଖି ଆକ୍ରୋଶମୂଳକ ଭାବେ ଅସ୍ତରଙ୍ଗ ଥାନାରେ ମିଥ୍ୟା ଏତଲା ଦେଇଥିଲେ। କିନ୍ତୁ ପୋଲିସ କୌଣସି ତଦନ୍ତ କରି ନ ଥିଲା। ଗତ ୧୪ ତାରିଖ ରାତିରେ ଜଣେ ବନ୍ଧୁଙ୍କ ଘରକୁ ଯାଇଥିବାବେଳେ ପୋଲିସ ତାଙ୍କ ସ୍ୱାମୀଙ୍କୁ ସେଠାରୁ ଉଠାଇ ନେଇ ଥାନାରେ ନିସ୍ଥୁକ ମାଡ଼ ମାରିଥିଲା। ଏହାପରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ହେଲେ ପୋଲିସ ତାଙ୍କର ଚିକିତ୍ସା ନ କରାଇ ୧୫ ତାରିଖରେ କୋର୍ଟରେ ହାଜର କରିଥିଲା। ୧୬ ତାରିଖରେ କୋର୍ଟରୁ ଜାମିନ ମିଳିବା ପରେ ସ୍ୱାମୀଙ୍କୁ ଘରକୁ ନ ଆଣି କଟକ ନେଇଥିଲୁ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳ ୭ଟାରେ ତାଙ୍କର ମୃତ୍ୟୁ ଘଟିଛି। ଯେଉଁମାନେ ମିଥ୍ୟା ମକଦ୍ଦମାରେ ତାଙ୍କ ସ୍ୱାମୀଙ୍କୁ ଫସାଇଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ପ୍ରତିମା ଏସ୍‌ପିଙ୍କୁ ଦେଇଥିବା ଦାବିପତ୍ରରେ ଦର୍ଶାଇଛନ୍ତି।

ବୁଧବାର ଯୋଗେନ୍ଦ୍ରଙ୍କ ମୃତଦେହ ମାଳଦାରେ ପହଞ୍ଚିବା ପରେ ଗ୍ରାମବାସୀ ଉତ୍ତେଜିତ ହୋଇପଡ଼ିଥିଲେ। ଅସ୍ତରଙ୍ଗ କଲେଜ ଛକ ନିକଟ ରାସ୍ତାରେ ଗ୍ରାମବାସୀ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଅସ୍ତରଙ୍ଗ ଥାନାଧିକାରୀଙ୍କ ବଦଳି ଏବଂ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଦାବି କରାଯାଇଥିଲା। ନିମାପଡ଼ା ଏସ୍‌ଡିପିଓ ଓ ଅସ୍ତରଙ୍ଗ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଉପରୋକ୍ତ ଦାବି ସମ୍ବଳିତ ଏକ ଅଭିଯୋଗ ପତ୍ର ମୃତକଙ୍କ ସ୍ତ୍ରୀ ପୁରୀ ଏସ୍‌ପି ଏବଂ ଜିଲାପାଳଙ୍କ

☞ପୃଷ୍ଠା-୪

## ହକି ବିଶ୍ୱକପ୍: ଦ୍ୱିତୀୟ ମ୍ୟାଚରେ ଗୋଲ ବର୍ଷା

# ଭାରତର ବିଜୟ ଅଭିଯାନ

ଭୁବନେଶ୍ୱର, ୨୮।୧୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାରେ ପ୍ରଥମଥର ପାଇଁ ଆରମ୍ଭ ହୋଇଛି ହକି ମହାକୁମ୍ଭ, ବିଶ୍ୱକପ୍ ୨୦୧୮। ୨୭ତାରିଖର ଉଦ୍‌ଘାଟନୀ ସମାରୋହ ପରେ ୨୮ରୁ ଆରମ୍ଭ ହୋଇଛି ପ୍ରକୃତ ସମର। ପ୍ରଥମ ମ୍ୟାଚରେ ବେଲଜିୟମ ୨-୧ ଗୋଲରେ କାନାଡ଼ାକୁ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ଏହାର ଅଗଣିତ କ୍ରୀଡ଼ାପ୍ରେମୀଙ୍କୁ ବିଜୟ ଭେଟି ଦେଇଛି ଘରୋଇ ଭାରତ। ଘରୋଇ ପରିବେଶ, ଷ୍ଟାଡିୟମଭରା ଦର୍ଶକଙ୍କ ଭରପୂର ସମର୍ଥନରୁ ଫାଇଦା ଉଠାଇଥିଲା ମନପ୍ରୀତ ବାହିନୀ। କୋଳାହଳମୟ ଏବଂ ଉତ୍ସବ ମୁଖରିତ ପରିବେଶରେ ଉତ୍ସାହୀ ପ୍ରଦର୍ଶନ କରି ଗୋଲ ବର୍ଷା କରିବା ସହ ଭାରତ ୫-୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ ଅହମ୍ମଦ ଖେଳାଳିଙ୍କ ସହ ପରିଚିତ ହେବାପରେ ମ୍ୟାଚ ଆରମ୍ଭ ହୋଇଥିଲା। ସିମରନଜିତ ସିଂ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ୧୯୭୫ ବିଶ୍ୱକପ ବିଜୟୀ ଭାରତୀୟ ଦଳର ଅଧିନାୟକ ଅଜିତ ପାଲ୍ ସିଂ ୫୦ ହଜାର ଟଙ୍କାର ଚେକ୍ ସିମରନଜିତଙ୍କୁ ପ୍ରଦାନ କରିଥିଲେ।

ଦକ୍ଷିଣ ଆଫ୍ରିକାଠାରୁ ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ଭାରତ ଦକ୍ଷତାର ଭରପୂର ଉପଯୋଗ କରି ଆରମ୍ଭରୁ ହିଁ ସ୍ପିଡ୍ ହକିର ନମୁନା ପ୍ରଦର୍ଶନ କରିଥିଲା। ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରିଥିବା ଭାରତ ଦକ୍ଷିଣ ଆଫ୍ରିକା ହାଫ୍‌ରେ ବଲ୍ ରଖି ସୁଯୋଗ ସୃଷ୍ଟି ଉଦ୍ୟମ କରିଥିଲା। ପରିଣାମ ସ୍ୱରୂପ ଦଳକୁ ସଫଳତା ମଧ୍ୟ ମିଳିଥିଲା।





ଗୋଲ ସ୍କୋର ପରେ ଉତ୍ସାହିତ ଭାରତୀୟ ଖେଳାଳି।

୧୦ମ ମିନିଟରେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ହରମନପ୍ରୀତ ସିଂଙ୍କ ଫ୍ଲିକ୍‌କୁ ଦକ୍ଷିଣ ଆଫ୍ରିକା ଗୋଲକିପର ପିଟର୍ସି ରସି ସେଭ୍ କରିଦେଇଥିବାବେଳେ ମନଦୀପ ସିଂଙ୍କୁ ଡିଫ୍ଲେକ୍ସନରୁ ଗୋଲ ମିଳିଥିଲା। ୧୨ତମ ମିନିଟରେ ଆକାଶଦୀପ ସିଂ ଫିଲ୍ଡ ଗୋଲ ଦେଇ ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଉଭୟ ଦଳ ପାଇଁ ଅନେକ ସୁଯୋଗ ସୃଷ୍ଟି ହୋଇଥିଲେ ମଧ୍ୟ କେହି ଗୋଲ କରିପାରି ନ ଥିଲେ। ୧୮ତମ ମିନିଟରେ ଭାରତକୁ ପେନାଲ୍ଟି କର୍ନର ମିଳିଥିଲେ ହିଁ ତାହା ବେକାର ଯାଇଥିଲା।

ତୃତୀୟ କ୍ୱାର୍ଟରରେ ମଧ୍ୟ ଭାରତର ପ୍ରଭାବ ବଳବତ୍ତର ରହିଥିଲା। ୪୩ତମ ମିନିଟରେ ମନଦୀପ ସିଂଙ୍କ ପାସ୍‌କୁ ଗୋଲରେ ପରିଣତ କରିଥିଲେ ସିମରନଜିତ ସିଂ। ଏହାର ୨ ମିନିଟ ପରେ ଆକାଶଦୀପ ସିଂ

☞ପୃଷ୍ଠା-୪

## ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

## ଆଜିର ସମ୍ପାଦକୀୟ

ସାମୁଦ୍ରିକ ଖାଦ୍ୟରେ ଶଙ୍ଖୁଆ ବିଷ

## ଆଜିର ମନ୍ତବ୍ୟ

“ ସାବରିମାଲାକୁ ଅଯୋଧ୍ୟାରେ ପରିଣତ ହେବାକୁ ଦିଆଯିବ ନାହିଁ।
–ପିନାରାୟି ବିଜୟନ,
କେରଳ ମୁଖ୍ୟମନ୍ତ୍ରୀ

## କିଛି ତଥ୍ୟ

ଚଳିତ ବର୍ଷ ଅକ୍ଟୋବରରେ ଭାରତୀୟ କମ୍ପାନୀଗୁଡ଼ିକର ବିଦେଶୀ ସଂସ୍ଥାଗୁଡ଼ିକରୁ ଋଣ ପରିମାଣରେ ୬୬% ହ୍ରାସ ଘଟି ୧.୪୧ ବିଲିୟନ ଡଲାର ରହିଛି। – ଆର୍‌ବିଆଇ


NECC NATIONAL EGG CO-ORDINATION COMMITTEE 28.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 71 | 120 | 130 |
| BDK | 71 | 120 | 130 |
| BLS | 72 | 122 | 132 |
| ANG | 72 | 122 | 132 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers


## ବାରବାଟୀରେ ହକି ସେଲିବ୍ରେଶନ

# ଭାଇଚାରା ବାଣ୍ଟିଲେ ଭାଇଜାନ



କଟକ ଅଫିସ,୨୮।୧୧

ଓଡ଼ିଶାବାସୀଙ୍କୁ ମୋର ନମସ୍କାର। ବାଲିଯାତ୍ରା କେମିତି ଚାଲିଛି? ଜୟ ଜଗନ୍ନାଥ। ମୁଁ ତୁମକୁ ଭଲପାଏ...। ବାସ୍ ଏଇ କେଇପଦର ଓଡ଼ିଆ କଥା କହି ବାରବାଟୀରେ ଭାଇଚାରାରେ ଯୋଡ଼ି ହୋଇଯାଇଥିଲେ ବଲିଉଡ୍‌ର ଭାଇଜାନ ସଲମାନ ଖାନ୍। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍ ଆରମ୍ଭ ହୋଇଥିବାବେଳେ ବୁଧବାର ସନ୍ଧ୍ୟାରେ ଏହାର ସେଲିବ୍ରେଶନ କଟକ ବାରବାଟୀ ଷ୍ଟାଡିୟମରେ ହୋଇଥିଲା। ଦର୍ଶକଙ୍କ ଭାଇଜାନ ଭାଇଜାନ ଡାକରେ ସମ୍ପୂର୍ଣ୍ଣ ଷ୍ଟାଡିୟମ ପ୍ରକମ୍ପିତ ହୋଇଉଠିଥିଲା। ଓସ୍କାର ଆୱାର୍ଡ ବିଜେତା ଏ.ଆର. ରହମନଙ୍କ ଦ୍ୱାରା ପ୍ରଥମେ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଝୁମାଇଥିଲା। ରହମନ ମଞ୍ଚକୁ ଆସିବେ ବୋଲି ଉପସ୍ଥାପକ କୁନା ତ୍ରିପାଠୀ ଓ ସୁଲଗ୍ନା ଘୋଷଣା କରିବା ମାତ୍ରେ ଉପସ୍ଥିତ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବହୁଗୁଣିତ ହୋଇଯାଇଥିଲା। କିଛି ମିନିଟ ଧରି ରହମନଙ୍କ ବିଭିନ୍ନ ଫଟୋକୁ ନେଇ ହୋଇଥିବା ଏକ ଭିଡିଓ କ୍ଲିପ ଦେଖାଇବା ପରେ ହଠାତ୍ ଆରମ୍ଭ ହୋଇଥିଲା ନାଦାନ ପରିନ୍ଦେ ଗୀତ। ମଞ୍ଚରେ ବସିଥିଲେ ଓସ୍କାର ବିଜେତା ରହମନ। ଏହା ପରଠାରୁ ଗୋଟିଏ ପରେ ଗୋଟିଏ ହିଟ ଗୀତ ବାରବାଟୀ ଷ୍ଟାଡିୟମକୁ ଉତ୍ସବମୁଖର କରିବାରେ ଲାଗିଥିଲା। ତେବେ ମୁକାବିଲା ଓ ରଙ୍ଗିଲା ଗୀତ ବସିଥିବା ଦର୍ଶକଙ୍କୁ ନଚାଇଥିଲା। ଦିଲ୍ ହେ ଛୋଟାସା, ଦିୟା ଜଲେ, ସାଥିୟା, ତାଲ ଭଳି ରହମନଙ୍କ କମ୍ପୋଜରେ ହୋଇଥିବା ଅନେକ ହିଟ ଗୀତ ଅନ୍ୟ କଳାକାରମାନେ ପରିବେଷଣ କରିଥିଲେ।

ସାଂସ୍କୃତିକ କାର୍ଯ୍ୟକ୍ରମ ମଝିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୯୭୫ ମସିହା ହକି ବିଶ୍ୱକପ୍ ଜିତିଥିବା ଭାରତୀୟ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାସହ ଓଡ଼ିଆ ଭାଷଣ ଦେଇ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମ ଶେଷରେ ସଲ୍‌ମାନ ଓ ରହମନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

ଉତ୍ସବର ମୁଖ୍ୟ ଆକର୍ଷଣ ଭାବେ ସଲମାନ ଓ ରହମନଙ୍କୁ ଦର୍ଶକ ଅପେକ୍ଷା କରିଥିଲେ ମଧ୍ୟ ଓଡ଼ିଆ କଳାକାରମାନେ ଦର୍ଶକଙ୍କୁ ବେଶ୍ ଝୁମାଇଥିଲେ। କଣ୍ଠଶିଳ୍ପୀ ଦୀପ୍ତି ଓ ଆଶୁତୋଷ ହାଏତୋ ପ୍ରେମର ରଙ୍ଗୋଲି ଗୀତ ଗାଇ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ସ୍ୱରାଜ, ଏଲିନା, ଭୂମିକାଙ୍କ ନୃତ୍ୟ ଅନ୍ୟତମ ଆକର୍ଷଣ ପାଲଟିଥିଲା। ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି, ଅରିନ୍ଦମ ରାୟ ମଧ୍ୟ ମଞ୍ଚକୁ ଆସି ହକି ବିଶ୍ୱକପ୍ ନିମନ୍ତେ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଥିଲେ।

# କମିଲା ବସ୍ ଭଡ଼ା

## ତୈଳ ଦର ପ୍ରଭାବ

- କିଲୋମିଟର ପିଛା ୨, ୪ ପଇସା
- ୫ ଥର ବସ୍ ଭଡ଼ା ବୃଦ୍ଧି ହୋଇଥିଲା

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ଗତ କିଛିଦିନ ହେବ ଡିଜେଲ ଓ ପେଟ୍ରୋଲ ଦରରେ ହ୍ରାସ ଘଟିଛି । ଲିଟର ପିଛା ୫ଟଙ୍କାରୁ ଊର୍ଦ୍ଧ୍ୱ କମିଲାଣି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ବସ୍‌ଭଡା କିଲୋମିଟର ପିଛା ୨ ଓ ୪ ପଇସା ହ୍ରାସ କରିଛନ୍ତି। ଏ ନେଇ ବୁଧବାର ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ସାଧାରଣ ଓ ଏକ୍ସପ୍ରେସ ବସ୍ ଭଡ଼ା କିଲୋମିଟର ପିଛା ୨ ପଇସା ଲେଖାଏ ହ୍ରାସ ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ କିଲୋମିଟରକୁ ୪ ପଇସା ହ୍ରାସ ପାଇଛି। ଏହି ହ୍ରାସ ଫଳରେ ସାଧାରଣ ବସ୍‌ଭଡ଼ା କିଲୋମିଟର ପିଛା ୭୨ ପଇସାରୁ ୭୦ ପଇସା କମ୍ ହୋଇଥିବା ବେଳେ ଏକ୍ସପ୍ରେସ ୭୫ରୁ ୭୩, ଡିଲକ୍ସ ବସ୍ କିଲୋମିଟର ପିଛା ୧ଟଙ୍କା ୫ ପଇସାରୁ ୧ଟଙ୍କା ୧ ପଇସା ଏବଂ ଏସି ଡିଲକ୍ସ ବସ୍ କିଲୋମିଟର ପିଛା ୧ ଟଙ୍କା ୨୭ ପଇସାରୁ ୧ଟଙ୍କା ୨୩ ପଇସାକୁ କମିଯାଇଛି।

ଗତ କିଛିଦିନ ହେବ ଡିଜେଲ ଓ ପେଟ୍ରୋଲ ଦର ଲଗାତର କମି ଚାଲିଥିବାରୁ ବସ୍ ଭଡ଼ା ହ୍ରାସ କରାଯାଇଛି। ତୈଳ ଦର ବୃଦ୍ଧି ଯୋଗୁ ଚଳିତ ବର୍ଷ ସେପ୍ଟେମ୍ବର ୧୫ ତାରିଖ ଯାଏ ୫ ଥର ବସ୍ ଭଡ଼ା ବୃଦ୍ଧି ହୋଇଥିଲା। ୨୦୧୮ ଜାନୁୟାରୀ ୩ ତାରିଖରେ ତୈଳ ଦର ବୃଦ୍ଧି ଯୋଗୁ ୧ ଓ ୨ ପଇସା ବଢ଼ିଥିଲା। ସେହି ମାସର ୩୦ ତାରିଖରେ ପୁଣି ୨ ଓ ୪ ପଇସା ବୃଦ୍ଧି ପାଇଥିଲା। ଏପ୍ରିଲ ୪ ତାରିଖରେ ୧ରୁ ୨ ପଇସା ଭଡ଼ା ବୃଦ୍ଧି ହୋଇଥିବା ବେଳେ ପୁଣି ମେ ୨୮ ତାରିଖରେ କିଲୋମିଟର ପିଛା ୨ ଓ ୪ ପଇସା ଏବଂ ସେପ୍ଟେମ୍ବର ୧୫ ତାରିଖରେ ପୁଣି ଭଡା ବୃଦ୍ଧି ପାଇଥିଲା। ଏହାଛଡା ୨୦୧୭ ଅକ୍ଟୋବର ୨୮ ତାରିଖରେ ରାଜ୍ୟ ସରକାର ଘରୋଇ ବସ ଭଡ଼ା ବୃଦ୍ଧି କରିଥିଲେ। ବସ୍ ଚଳାଇବା ପାଇଁ ଥିବା ୧୨ଟି ପାରାମିଟର ଆଧାରରେ ଏହି ଭଡ଼ା ବୃଦ୍ଧି ହୋଇଥିଲା । ସାଧାରଣ ଓ ଏକ୍ସପ୍ରେସ ବସ୍ ଭଡ଼ା କିଲୋମିଟର ପିଛା ୪ ପଇସା ବୃଦ୍ଧି କରାଯାଇଥିବା ବେଳେ

☞ପୃଷ୍ଠା-୪






ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପରୁ ନିବୃତ୍ତ ନ ରହିଲେ ପାକିସ୍ତାନ ସହିତ କୌଣସି ପ୍ରକାର ଆଲୋଚନା ହେବ ନାହିଁ। ପଡ଼ୋଶୀର ନିମନ୍ତ୍ରଣ କ୍ରମେ ସାର୍କ ସମ୍ମିଳନୀରେ ମଧ୍ୟ ନୂଆଦିଲ୍ଲୀ ସାମିଲ ହେବ ନାହିଁ। କର୍ତାରପୁର କରିଡର ଇସ୍‌ଲାମାବାଦ ସହ ଆଲୋଚନା ପ୍ରକ୍ରିୟା ସହ ସମ୍ପର୍କିତ ନୁହେଁ।
-ସୁଷମା ସ୍ୱରାଜ, ବହିର୍ବ୍ୟାପାର ମନ୍ତ୍ରୀ






## ସଂକ୍ଷେପରେ

### ବିସ୍ଫୋରଣରେ ୨୨ ମୃତ

**ବେଜିଂ,୨୮।୧୧(ପି.ଟି.):** ଚାଇନାର ହେବେଇ ପ୍ରଦେଶରେ ଥିବା ଏକ କେମିକାଲ ପ୍ଲାଣ୍ଟ ବାହାରେ ବିସ୍ଫୋରଣ ଘଟି ୨୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି। ଏକ ଟ୍ରକ୍‌ରେ ଆସିଥିବା ବିପଜ୍ଜନକ ରାସାୟନିକ ପଦାର୍ଥ ବିସ୍ଫୋରଣ ହୋଇଥିଲା। ହେବେଇର ଶେଙ୍ଗୁଆ କେମିକାଲ ଶିଳ୍ପରେ ହୋଇଥିବା ଏହି ବିସ୍ଫୋରଣ ଫଳରେ ପାଖରେ ଥିବା ଅନ୍ୟ ଟ୍ରକଗୁଡ଼ିକରେ ନିଆଁ ଲାଗିଯାଇଥିଲା। ଏଥିଯୋଗୁ ୫୦ରୁ ଊର୍ଦ୍ଧ୍ୱ ଗାଡି ଜଳିଯାଇଛି। ବିସ୍ଫୋରଣର କାରଣ ସ୍ପଷ୍ଟ ହୋଇନାହିଁ। ନିରାପତ୍ତା ଦୃଷ୍ଟିରୁ ପ୍ଲାଣ୍ଟର ଉତ୍ପାଦନକୁ ବନ୍ଦ କରିଦିଆଯାଇଛି। ଗତ ୪ ଦିନ ମଧ୍ୟରେ ଚାଇନା ଶିଳ୍ପରେ ଏହା ଦ୍ୱିତୀୟ ବଡ ବିପର୍ଯ୍ୟୟ ବୋଲି କୁହାଯାଉଛି। ଗତ ୨୪ ତାରିଖରେ ଚାଇନାର ଜିଲିନ ପ୍ରୋଭିନ୍ସରେ ହୋଇଥିବା ୱେୟାରହାଉସ ବିସ୍ଫୋରଣରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ ୫୭ ଜଣ ଆହତ ହୋଇଥିଲେ।

### ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ

**ହାଇଦ୍ରାବାଦ,୨୮।୧୧(ପି.ଟି.):** ଭାରତୀୟ ବାୟୁସେନାର ତାଲିମ ପାଇଁ ରହିଥିବା ଏକ ବିମାନ ବୁଧବାର ତେଲେଙ୍ଗାନାର ୟାଦାଦ୍ରି-ଭୁବନଗିରି ଜିଲାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ତାଲିମ ନେଉଥିବା ପାଇଲଟ ଜଣକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତାଙ୍କ ଗୋଡରେ ସାମାନ୍ୟ ଆଘାତ ଲାଗିଛି। ବିମାନଟି ହାକିମପେଟ ବାୟୁସେନା ଷ୍ଟେଶନରୁ ଉଡାଣ ଭରିଥିଲାବେଳେ ଏକ ଖୋଲାସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ଅରୁଣାଚଳରେ ଭୂକମ୍ପ

**ନୂଆଦିଲ୍ଲୀ,୨୮।୧୧ (ପି.ଟି.):** ଅରୁଣାଚଳପ୍ରଦେଶର ସୀମାନ୍ତ ଅଞ୍ଚଳରେ ବୁଧବାର ଅପରାହ୍ନରେ ୫.୫ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ୨୭.୩ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୯୬.୯ ଡିଗ୍ରୀ ପୂର୍ବ ଦ୍ରାଘିମାରେ ଅବସ୍ଥିତ ମିଆଁମାର-ଭାରତ ସୀମାର ୧୦ କିଲୋମିଟର ଗଭୀରରେ ଏହି ଭୂକମ୍ପ କେନ୍ଦ୍ରୀଭୂତ ହୋଇଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବରେ ନିକଟବର୍ତ୍ତୀ ପୂର୍ବ ଦିବ୍ରୁଗଡ, ଦିମାପୁର ସଦର, ଇମ୍ଫାଲ, ନାଗାଁଓ ଏବଂ ସିଲ୍‌ଚରରେ କମ୍ପନ ଅନୁଭୂତ ହୋଇଥିଲା।

## ପାକିସ୍ତାନ ପଟେ କର୍ତାରପୁର କରିଡର ଶିଳାନ୍ୟାସ

# କମିଲା ଦୂରତ୍ୱ

**କର୍ତାରପୁର,୨୮।୧୧(ପି.ଟି.)**

ଭାରତ ପଟୁ ବନ୍ଧୁତାର ହାତ ବଢ଼ାଯିବା ପରେ ପାକିସ୍ତାନ ମଧ୍ୟ ଅନୁରୂପ ପଦକ୍ଷେପ ନେଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ବୁଧବାର ବହୁ ପ୍ରତୀକ୍ଷିତ କର୍ତାରପୁର କରିଡରର ଶିଳାନ୍ୟାସ କରିଛନ୍ତି। ପାକିସ୍ତାନର କର୍ତାରପୁରସ୍ଥିତ ଗୁରୁଦ୍ୱାରା ଦରବାର ସାହିବ (ଶିଖ୍ ଧର୍ମ ପ୍ରତିଷ୍ଠାତା ଗୁରୁ ନାନକ ଦେବଙ୍କ ସମାଧି ପୀଠ)ରୁ ଭାରତର ପଞ୍ଜାବସ୍ଥିତ ଗୁର୍‌ଦାସପୁର ଜିଲା ଡେରା ବାବା ନାନକଙ୍କ ପୀଠ ଯାଏ ସଂଯୋଗ କରୁଥିବା ଏହି ୪ କି.ମି. ଦୀର୍ଘ କରିଡର ଭାରତୀୟ ଶିଖ୍ ଶ୍ରଦ୍ଧାଳୁଙ୍କ ପାଇଁ ଭିଜା ମୁକ୍ତ ଦର୍ଶନର ବାଟ ଖୋଲିଛି। ଏଥିସହ ଭାରତ ଓ ପାକିସ୍ତାନ ମଧ୍ୟରେ ଏହା ସମ୍ପର୍କର ନୂଆ ସେତୁବନ୍ଧ ହେବାକୁ ଯାଉଛି। ଦୁଇ ପଡ଼ୋଶୀଙ୍କ ମଧ୍ୟରେ ତିକ୍ତତା ବଢୁଥିବାବେଳେ ପ୍ରସ୍ତାବିତ କରିଡର ସମ୍ପର୍କର ଦୂରତାକୁ ହ୍ରାସ କରିବାରେ



ଶିଳାନ୍ୟାସ ଉତ୍ସବରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସହ ଅନ୍ୟମାନେ।

ସହାୟକ ହୋଇଥିବା କୁହାଯାଉଛି।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଭାରତର ଅନୁରୋଧ ରକ୍ଷାକରି କର୍ତାରପୁର କରିଡରର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ହରସିମ୍‌ରତ୍ କୌର ବାଦଲ ଓ ହରଦୀପ ସିଂ ପୁରୀଙ୍କ ସମେତ ପଞ୍ଜାବର କ୍ୟାବିନେଟ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁ ଯୋଗଦେଇଛନ୍ତି। ଏହିଅବସରରେ ଇମ୍ରାନ୍ କହିଛନ୍ତି, ପାକିସ୍ତାନ ଭାରତ ସହିତ 'ଦୃଢ଼' ଓ 'ଶିଷ୍ଟ' ସମ୍ପର୍କ ଚାହେଁ। ଦୁଇ ଦେଶ କଶ୍ମୀର ସମେତ ଅନ୍ୟ ପ୍ରସଙ୍ଗଗୁଡ଼ିକୁ ନେଇ ରହିଥିବା ମତଭେଦ ଦୃଢ଼ତାର ସହ ଦୂର କରିବା ଉଚିତ। ପରସ୍ପର ସହିତ ଅନେକ ଯୁଦ୍ଧରେ ବ୍ୟସ୍ତ ଥିବା ଫ୍ରାନ୍ସ ଓ ଜର୍ମାନୀ ଶାନ୍ତିରେ ରହିପାରିଲେ ଭାରତ ଓ ପାକିସ୍ତାନ କାହିଁକି ରହିପାରିବେ ନାହିଁ।

କର୍ତାରପୁର ସାହିବ ହେଉଛି ପଞ୍ଜାବ ପ୍ରଦେଶର ନରୋୱାଲ ଜିଲାର ରାବିନଦୀ କୂଳରେ ଅବସ୍ଥିତ ଗୁରୁ ନାନକ ଦେବଙ୍କ ସମାଧିସ୍ଥଳ ଏବଂ ଶିଖ୍‌ମାନଙ୍କ ପାଇଁ ଅନ୍ୟତମ ପବିତ୍ର ସ୍ଥାନ। ଏହି କରିଡର ଫିଟିଲେ ଶିଖ୍ ଶ୍ରଦ୍ଧାଳୁମାନେ ବିନା ଭିଜାରେ ବର୍ଷ ସାରା ସେଠାକୁ ଯାଇ ଦର୍ଶନ କରିପାରିବେ। ୨୦୧୯ରେ ଗୁରୁ ନାନକଙ୍କ ୫୫୦ତମ ଜନ୍ମବାର୍ଷିକୀ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ଗତ ୨୨ରେ କେନ୍ଦ୍ର କ୍ୟାବିନେଟ ବୈଠକରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁସାରେ ଭାରତ ଭଳି ପାକିସ୍ତାନ ମଧ୍ୟ ସେପଟୁ ଏକ କରିଡର ନିର୍ମାଣ କରିବାକୁ ଇସ୍‌ଲାମାବାଦକୁ ନୂଆଦିଲ୍ଲୀ ଅନୁରୋଧ କରିଥିଲା। ଆସନ୍ତା ୬ ମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଥିବାବେଳେ ୨୦୧୯ ନଭେମ୍ବର ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ। ଭାରତ ପକ୍ଷରୁ ପ୍ରାୟ ୨୦ ବର୍ଷ ତଳେ ଏନେଇ ପାକିସ୍ତାନକୁ ଅନୁରୋଧ କରାଯାଇଥିଲା। ହେଲେ ଏଦିଗରେ କାମ ଆଗେଇ ପାରୁ ନ ଥିଲା। ଗତ ଅଗଷ୍ଟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ଶପଥଗ୍ରହଣ ଉତ୍ସବରୁ ସିଦ୍ଧୁ ଫେରିବା ପରେ କର୍ତାରପୁର ସାହିବ୍ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଗତ ୨୬ ତାରିଖରେ ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁ ଭାରତ ପଟେ ମାନ୍ ଗ୍ରାମରେ କରିଡରର ଶିଳାନ୍ୟାସ କରିଛନ୍ତି।

> ବର୍ଲିନ ପ୍ରାଚୀରକୁ ହଟାଯିବା ଭଳି ଗୁରୁ ନାନକଙ୍କ ଦ୍ୱାରା ପ୍ରଚାରିତ ଶାନ୍ତି ଓ ପ୍ରେମ ବାର୍ତ୍ତା ଜରିଆରେ ଭାରତ-ପାକିସ୍ତାନ ମଧ୍ୟରେ ଅବିଶ୍ୱାସର ବାତାବରଣକୁ ଦୂର କରାଯାଇପାରିବ। ଦୁଇ ଦେଶର ସରକାର ଏହି କ୍ଷେତ୍ରରେ ପଦକ୍ଷେପ ନେଇଥିବାରୁ ଧନ୍ୟବାଦ।
>
> **-ହରସିମରତ୍ କୌର ବାଦଲ, କେନ୍ଦ୍ରମନ୍ତ୍ରୀ**

> ଶିଖ୍ ସମ୍ପ୍ରଦାୟର ଦୀର୍ଘ ଦିନର ଦାବି ପୂରଣ ହୋଇଛି। କର୍ତାରପୁର କରିଡର ନିର୍ମାଣ ନିଷ୍ପତ୍ତି ପଛରେ ଭାରତ-ପାକିସ୍ତାନ ସରକାରଙ୍କ ସୁଯୋଗ ଓ ସଦିଚ୍ଛା ରହିଛି। କିନ୍ତୁ ଆମକୁ ଦୁଇ ଦେଶର ବାସ୍ତବିକତା ପ୍ରତି ମଧ ସଚେତନ ହେବାକୁ ପଡ଼ିବ।
>
> **-ହରଦୀପ ସିଂ ପୁରୀ, କେନ୍ଦ୍ରମନ୍ତ୍ରୀ**

> ଭାରତ ଓ ପାକିସ୍ତାନ ମଧ୍ୟରେ ହିଂସା ବନ୍ଦ ହୋଇ ଶାନ୍ତି ପ୍ରତିଷ୍ଠା ହେବା ଜରୁରୀ। ଏହି ପରିପ୍ରେକ୍ଷୀରେ କର୍ତାରପୁର କରିଡର ଦୁଇ ପଡ଼ୋଶୀ ଦେଶର ଲୋକଙ୍କ ହୃଦୟକୁ ଖୋଲିବା ପାଇଁ ଏକ ବଡ଼ ସୁଯୋଗ। ଦୁଇ ଦେଶ ଏଦିଗରେ ଆଗକୁ ବଢ଼ିବା ଆବଶ୍ୟକ ବୋଲି ମୋଦି ଓ ଇମ୍ରାନ୍ ସରକାର ହୃଦୟଙ୍ଗମ କରିବା ଜରୁରୀ।
>
> **-ନବଜୋତ୍ ସିଂ ସିଦ୍ଧୁ, ପଞ୍ଜାବର କ୍ୟାବିନେଟ ମନ୍ତ୍ରୀ**

### କର୍ତାରପୁର ଘଟଣାକ୍ରମ

**୧୫୨୨:** ଗୁରୁ ନାନକ ଦେବଙ୍କ ପରଲୋକ ହୋଇଥିବା ସ୍ଥାନ ଗୁରୁଦ୍ୱାରା କର୍ତାରପୁର ସାହିବ୍ ପ୍ରଥମ ଶିଖ୍ ଗୁରୁଙ୍କ ଦ୍ୱାରା ନିର୍ମାଣ।

**୧୯୯୯ ଫେବୃୟାରୀ:** ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଦ୍ୱାରା କର୍ତାରପୁର ସାହିବ୍ କରିଡର ନିର୍ମାଣର ପ୍ରସ୍ତାବ।

**୨୦୦୦:** ଭାରତ ପଟୁ ଏକ ବ୍ରିଜ୍ ନିର୍ମାଣ କରି ଶିଖ୍ ଶ୍ରଦ୍ଧାଳୁଙ୍କୁ କର୍ତାରପୁରକୁ ଭିଜା ମୁକ୍ତ ପରିଦର୍ଶନରେ ଯିବା ପାଇଁ ପାକିସ୍ତାନ ରାଜି ହୋଇଥିଲା।

**୨୦୧୮ ଅଗଷ୍ଟ:** ପଞ୍ଜାବ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେଇଥିଲେ। ପାକିସ୍ତାନ ସରକାର କର୍ତାରପୁର କରିଡର ନିର୍ମାଣ ପାଇଁ ଆଗ୍ରହ ପ୍ରକାଶ କରିଥିବା ସେଠାକାର ସେନା ମୁଖ୍ୟ ଜେନେରାଲ କମାର୍ ଜାଭେଦ ବାଜ୍‌ୱା କହିଛନ୍ତି ବୋଲି ସିଦ୍ଧୁ ଫେରିବା ପରେ ପ୍ରକାଶ କଲେ।

**୨୦୧୮ନଭେମ୍ବର୨୨:** ଗୁର୍‌ଦାସପୁରରଡେରାବାବାନାନକଠାରୁପାକିସ୍ତାନସୀମା ପର୍ଯ୍ୟନ୍ତକର୍ତାରପୁରକରିଡରତିଆରିକରିବାକୁକେନ୍ଦ୍ରକ୍ୟାବିନେଟରଅନୁମୋଦନ।

**୨୦୧୮ ନଭେମ୍ବର ୨୬:** ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁ ଭାରତ ପଟେ ମାନ୍ ଗ୍ରାମରେ କରିଡରର ଶିଳାନ୍ୟାସ କଲେ।

## ଶୁଜାତ୍‌ଙ୍କ ହତ୍ୟାକାରୀ ନିହତ

**ଶ୍ରୀନଗର,୨୮।୧୧(ପି.ଟି.)**



ଶୁଜାତ୍ ବୁଖାରୀ ନାଭିଦ୍ ଝାଟ

ଜମ୍ମୁ-କଶ୍ମୀରର ବଡ଼ଗାମ୍ ଜିଲାରେ ସୁରକ୍ଷା ବଳକୁ ବୁଧବାର ବଡ଼ ସଫଳତା ମିଳିଛି। 'ରାଇଜିଂ କଶ୍ମୀର' ସମ୍ପାଦକ ଶୁଜାତ୍ ବୁଖାରୀଙ୍କ ହତ୍ୟାକାରୀ ତଥା ଲଶ୍କର କମାଣ୍ଡର ନାଭିଦ୍ ଝାଟ୍ ଓରଫ୍ ଅବୁ ହଞ୍ଜାଲାଙ୍କ ସମେତ ୨ ଆତଙ୍କବାଦୀ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ପାକିସ୍ତାନ ନାଗରିକ ନାଭିଦ୍ ଗତ ଫେବୃୟାରୀରେ ପୋଲିସ ହାଜତରେ ଥିବାବେଳେ ଶ୍ରୀନଗରସ୍ଥିତ ଏସ୍‌ଏମ୍‌ଏଚ୍‌ଏସ୍ ସରକାରୀ ହସ୍ପିଟାଲରୁ ଫେରାର ହୋଇଯାଇଥିଲେ।

୨୬/୧୧ ବମ୍ବେ ଆକ୍ରମଣକାରୀ ଆତଙ୍କବାଦୀ ଅଜମଲ କସବ୍‌ଙ୍କ ସହଯୋଗୀ ନାଭିଦ୍ ପାକିସ୍ତାନର ମୁଲତାନ୍ ବାସିନ୍ଦା। ସେ ଉପତ୍ୟକାରେ ପୋଲିସ ଉପରେ ଏକାଧିକ ଥର ଆକ୍ରମଣ କରିଥିଲେ। ତାଙ୍କୁ ଧରିବା ପାଇଁ ସୁରକ୍ଷା ବଳ ବହୁବାର ଉଦ୍ୟମ କରି ବିଫଳ ହୋଇଥିଲା। ଶେଷରେ ବଡ଼ଗାମ୍ ଜିଲାର କୁଛପୋରା ଚଡ଼ୋରଗାମ୍ ଅଞ୍ଚଳରେ ତାଙ୍କ ଉପସ୍ଥିତି ନେଇ ଖବର ମିଳିବା ପରେ ବୁଧବାର ଜମ୍ମୁ-କଶ୍ମୀର ପୋଲିସର ଏକ ସ୍ୱତନ୍ତ୍ର ଅପରେଶନ ଗ୍ରୁପ୍ ତାଙ୍କୁ ଘେରିଥିଲା। ନାଭିଦ୍ ଲୁଚିଥିବା ଘରେ ତଲାସି ଚାଲିଥିବାବେଳେ ସେ ପୋଲିସକୁ ଟାର୍ଗେଟ କରିଥିଲେ। ଏଥିରେ ୩ ପୋଲିସ କର୍ମୀ ଆହତ ହୋଇଛନ୍ତି। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ନାଭିଦ୍ ନିହତ ହୋଇଛନ୍ତି। ତାଙ୍କ ସହ ଆଉ ଜଣେ ଲଶ୍କର ଆତଙ୍କବାଦୀ ଟଳିପଡ଼ିଛନ୍ତି। ଜୁନ୍ ୧୪ରେ ୫୨ ବର୍ଷୀୟ ଶୁଜାତ୍ ଶ୍ରୀନଗରସ୍ଥିତ ବାସଭବନରୁ ପ୍ରେସ୍ ଏନ୍‌କ୍ଲେଭ୍‌କୁ ଯାଉଥିବାବେଳେ ତାଙ୍କୁ ଓ ଦୁଇ ସୁରକ୍ଷା କର୍ମୀଙ୍କୁ ଆତଙ୍କବାଦୀମାନେ ଗୁଳିକରି ହତ୍ୟା କରିଥିଲେ।

## ଏମ୍‌ପିରେ ୬୫.୫, ମିଜୋରାମରେ ୭୫% ମତଦାନ

**ଭୋପାଳ/ଆଇଜଲ୍,୨୮।୧୧(ପି.ଟି.)**



ମଧ୍ୟପ୍ରଦେଶ (ଏମ୍‌ପି) ବିଧାନସଭାର ୨୩୦ ଓ ମିଜୋରାମର ୪୦ ଆସନରେ ବୁଧବାର ଭୋଟଗ୍ରହଣ କରାଯାଇଛି। ଏମ୍‌ପିରେ ୬୫.୫% ମତଦାନ ହୋଇଥିବାବେଳେ ମିଜୋରାମରେ ୭୫% ଭୋଟର ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଛନ୍ତି।

କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଏମ୍‌ପି ବିଧାନସଭା ନିର୍ବାଚନ ଶେଷ ହୋଇଛି। ୨୦୧୩ ବିଧାନସଭା ନିର୍ବାଚନରେ ମତଦାନ ହାର ୭୨.୬୯ ଥିବାବେଳେ ଏଥର ୬୫.୫% ଭୋଟର ମତଦାନ କରିଛନ୍ତି। ଗତଥରଠାରୁ ଚଳିତ ନିର୍ବାଚନରେ ମତଦାନ ହାର ୭% କମିଛି। ମାଓବାଦୀ ପ୍ରଭାବିତ ୩ଟି ଆସନରେ ସକାଳ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯାଇଥିଲା। ଅନ୍ୟ ୨୨୭ ଆସନରେ ସକାଳ ୮ଟାରୁ ଅପରାହ୍ନ ୫ଟା ଯାଏ ମତଦାନ ଚାଲିଥିଲା। କେତେକ ବୁଥ୍‌ରେ ଇଭିଏମ୍ ଏବଂ ଭିଭିପିଏଟି ମେଶିନ୍‌ରେ ତ୍ରୁଟି ଯୋଗୁ ମତଦାନ ବାଧାପ୍ରାପ୍ତ ହୋଇଛି। ଅଭିଯୋଗ ପରେ ୧,୧୪୫ ଇଭିଏମ୍ ଏବଂ ୧,୫୪୫ ଭିଭିପିଏଟି ମେଶିନ୍ ବଦଳାଯାଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଭି.ଏଲ୍. କାନ୍ଥାରାଓଙ୍କ ସୂଚନା ଦେଇଛନ୍ତି। ସେହିପରି ମିଜୋରାମରେ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ଭୋଟଗ୍ରହଣ କରାଯାଇଛି। ୭,୬୮,୧୮୧ ଭୋଟରଙ୍କ ମଧ୍ୟରୁ ୭୫% ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି।

## ଫୁର୍‌ସତ

### ଡ୍ରୋନ୍ ଖୋଜିବ ସାମୁଦ୍ରିକ ଜୀବ

**ନ୍ୟୁୟର୍କ:** ସାମୁଦ୍ରିକ ଜୀବ ଖୋଜିବାରେ ଡ୍ରୋନ୍‌କୁ ବ୍ୟବହାର କରାଯାଇ ପାରିବ। ଏହାଦ୍ୱାରା ସଂରକ୍ଷଣବିତ୍ ଏବଂ ବୈଜ୍ଞାନିକମାନେ ଶାର୍କ, ସମୁଦ୍ର କଇଁଛ ଏବଂ ଅନ୍ୟ ବୃହତ୍ ଜଳଜୀବଙ୍କ ସଂଖ୍ୟା ସମ୍ବନ୍ଧରେ ସୂଚନା ପାଇପାରିବେ ବୋଲି ଗବେଷକମାନେ ମତ ଦେଇଛନ୍ତି।

ନର୍ଥ କାରୋଲିନା ଷ୍ଟେଟ୍ ୟୁନିଭର୍ସିଟିର ଗବେଷକ ତଥା ଏହି ଅଧ୍ୟୟନର ପ୍ରମୁଖ



ଲେଖକ ଏନାଇ ହେନ୍‌ସେଲ୍ କହନ୍ତି, ଆଧୁନିକ ଡ୍ରୋନ୍‌କୁ ଗଭୀର ସମୁଦ୍ରରେ ବିଭିନ୍ନ ପ୍ରଜାତିର ଜଳଜୀବଙ୍କୁ ଚିହ୍ନଟ ଓ ଗଣନା କାର୍ଯ୍ୟରେ ବ୍ୟବହାର କରାଯାଇ ପାରିବ। ସାମୁଦ୍ରିକ ଜୀବ ଅନୁଧ୍ୟାନ ଓ ଅନୁସନ୍ଧାନ କରିବା ପାଇଁ ଡ୍ରୋନ୍ ସର୍ଭେ ଏକ ଉତ୍ତମ ଉପାୟ। ଏଭଳି ନୂତନ ପ୍ରଯୁକ୍ତି ଦ୍ୱାରା ଜଳଜୀବ ସଂରକ୍ଷଣ ସମସ୍ୟା ଦୂର ହୋଇପାରିବ। ଅପରପକ୍ଷରେ ମାନବ ପ୍ରତି ବିପଜ୍ଜନକ ହୋଇଥିବା ବୋଟ୍ ସର୍ଭେ ଓ ଗିଲ୍ ନେଟ୍‌ସ ଭଳି ପାରମ୍ପରିକ ତଦାରଖ ପଦ୍ଧତିକୁ ଦୂର କରାଯାଇପାରିବ ।

### ସଙ୍କେତ ପଠାଇଲା ଇନ୍‌ସାଇଟ୍

**ୱାଶିଂଟନ୍:** ସୋମବାର ମଙ୍ଗଳ ଗ୍ରହରେ ଇନ୍‌ସାଇଟ୍ ଅବତରଣ କରିବାପରେ ଉକ୍ତ ମହାକାଶଯାନ ପୃଥିବୀକୁ ସଙ୍କେତ ପଠାଇବା ଆରମ୍ଭ କରିଛି। ମଙ୍ଗଳରେ ଏହାର ସୋଲାର ପ୍ୟାନେଲ୍ ଉନ୍ମୁକ୍ତ ରହି ସୂର୍ଯ୍ୟାଲୋକ ସଂଗ୍ରହ କରୁଥିବା ସୂଚନା ମିଳୁଛି।

ନାସାର ମାର୍ସ ଓଡେଶୀ ସ୍ପେସ୍‌କ୍ରାଫ୍ଟ ବର୍ତ୍ତମାନ ଲୋହିତ ଗ୍ରହକୁ ପରିକ୍ରମା କରୁଛି। ଏହା ପୃଥିବୀକୁ ସଂକେତ ପ୍ରେରଣ କରୁଛି। ସୋମବାର ୮.୩୦ ଇଷ୍ଟର୍ନ ଷ୍ଟାଣ୍ଡାର୍ଡ ଟାଇମ୍‌ରେ ଏହି ସଂକେତ ପୃଥିବୀକୁ ଆସିଥିବା ଆମେରିକାର ମହାକାଶ



ଗବେଷଣା ସଂସ୍ଥା ପକ୍ଷରୁ କୁହାଯାଇଛି। ଉକ୍ତ ସ୍ପେସ୍‌କ୍ରାଫ୍ଟ ପ୍ରତ୍ୟେକ ଦିନ ଏହାର ବ୍ୟାଟେରି ରିଚାର୍ଜ କରିପାରିବ। ଇନ୍‌ସାଇଟ ଯେଉଁ ସ୍ଥାନରେ ଅବତରଣ କରିଥିଲା ତାହାର ଦୁଇଟି ଫଟୋଚିତ୍ର ମଧ୍ୟ ଓଡେଶୀ ପ୍ରସାର କରିଛି। ଏହି ସଫଳତା ପାଇଁ ଇନ୍‌ସାଇଟ୍ ବୈଜ୍ଞାନିକ ଟିମ୍ ଉତ୍ସାହିତ। ସେ କହନ୍ତି, ଇନ୍‌ସାଇଟ୍ ପାଇଁ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଥିବାରୁ ବୈଜ୍ଞାନିକମାନେ ଖୁସି ଅଛନ୍ତି। ଇନ୍‌ସାଇଟ୍ ଲ୍ୟାଣ୍ଡର ପୃଥିବୀଠାରୁ ଦୀର୍ଘ ୩୦୦ ନିୟୁତ ମାଇଲ୍ (୪୫୮ ନିୟୁତ କିଲୋମିଟର) ଯାତ୍ରା କରି ସୋମବାର ଲୋହିତ ଗ୍ରହ ମଙ୍ଗଳରେ ଅବତରଣ କରିଥିଲା। ଏଥିପାଇଁ ପାଖାପାଖି ୭ ମାସ ସମୟ ଲାଗିଥିଲା ।

## ଇତିହାସର ଆଇନାରେ

### ନଭେମ୍ବର ୨୯ର ପ୍ରମୁଖ ଘଟଣା

୧୯୨୯ ନଭେମ୍ବର ୨୯ରେ ଆମେରିକାର ନୌସେନା ଅଧିକାରୀ ତଥା ଆବିଷ୍କାରକ ରିଅର ଆଡମିରାଲ ରିଚାର୍ଡ ଏଭେଲିନ ବାୟର୍ଡ ଜୁନିୟର ଦକ୍ଷିଣ ମେରୁକୁ ବିମାନ ଯାତ୍ରା କରିଥିଲେ। ସେ ଆଲଲାଣ୍ଟିକ ମହାସାଗର, ଆର୍କ୍ଟିକ ସାଗରର କିଛି ଅଂଶ ଏବଂ ଆଣ୍ଟାର୍କଟିକ ଅଞ୍ଚଳକୁ ଅତିକ୍ରମ କରି ଉଭୟ ମେରୁରେ ପହଞ୍ଚିବାରେ ପ୍ରଥମ ବ୍ୟକ୍ତି ବୋଲି ଦାବି କରିଥିଲେ।

୧୯୪୫ ନଭେମ୍ବର ୨୯ ତାରିଖରେ ସୋସିଆଲିଷ୍ଟ ଫେଡେରାଲ ରିପବ୍ଲିକ ଅଫ ୟୁଗୋସ୍ଲାଭିଆ ଘୋଷଣା ହୋଇଥିଲା। କେନ୍ଦ୍ରୀୟ ଏବଂ ଦକ୍ଷିଣପୂର୍ବ ୟୁରୋପରେ ଏହି ଦେଶ ଅବସ୍ଥିତ। ୨୫୫୮୦୪ ବର୍ଗ କିଲୋମିଟର ଆୟତନ ବିଶିଷ୍ଟ ଏହି ଦେଶକୁ ଲାଗି ଇଟାଲି,ଅଷ୍ଟ୍ରିଆ, ହଙ୍ଗେରୀ, ବୁଲଗେରିଆ, ରୋମାନିଆ, ଆଲବାନିଆ ଏବଂ ଗ୍ରୀସ ରହିଛି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୧ | ୧୫.୫ |
| ଚାନ୍ଦବାଲି | ୨୮.୪ | ୧୮.୦ |
| କଟକ | ୨୯.୦ | ୧୬.୫ |
| ପାରାଦ୍ୱୀପ | ୨୯.୩ | ୧୯.୫ |
| ଭୁବନେଶ୍ୱର | ୩୧.୦ | ୧୬.୭ |
| ଗୋପାଳପୁର | ୩୧.୦ | ୧୭.୫ |
| ପୁରୀ | ୨୯.୬ | ୧୯.୦ |
| ଅନୁଗୋଳ | ୨୮.୧ | ୧୨.୬ |
| ବାରିପଦା | ୨୭.୬ | ୧୬.୦ |
| ଝାରସୁଗୁଡ଼ା | ୨୯.୦ | ୧୩.୮ |
| କେନ୍ଦୁଝର | ୨୬.୭ | ୧୩.୦ |
| ସମ୍ବଲପୁର | ୩୦.୦ | ୧୪.୩ |
| ସୁନ୍ଦରଗଡ଼ | ୨୯.୦ | ୧୨.୫ |
| ହୀରାକୁଦ | ୨୯.୧ | ୧୫.୩ |
| ତାଲଚେର | ୩୧.୬ | ୧୩.୦ |
| ଭବାନୀପାଟଣା | ୨୯.୦ | ୧୨.୫ |
| ବଲାଙ୍ଗୀର | ୨୯.୭ | ୧୩.୨ |
| କୋରାପୁଟ | ୨୮.୦ | ୧୨.୦ |
| ଫୁଲବାଣୀ | -- | -- |
| ଟିଟିଲାଗଡ଼ | --- | ୧୩.୦ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୨୯.୨ | ୧୩.୪ |
| ଦାରିଙ୍ଗିବାଡ଼ି | ୨୫.୫ | ୧୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଈଷାନଙ୍କ ପ୍ରେମରେ

**ମୁମ୍ବାଇ:** ନବାଗତା ଜାହ୍ନବୀ କପୁର ପ୍ରେମରେ ପଡ଼ିଯାଇଛନ୍ତି। ଆଉ ଏଭଳି କଥା ତାଙ୍କୁ ନେଇ ଚର୍ଚ୍ଚା କରିବାକୁ ବେଶ୍ ଖୋରାକ ଯୋଗାଇଛି। ହେଲେ ସେ ଏମିତି କାହା ପ୍ରେମରେ ପଡିଛନ୍ତି କି, ଯାହାକୁ ନେଇ ଏତେ ଆଲୋଚନା। ଥରେ ତାଙ୍କର ପ୍ରଥମ ସିନେମା 'ଧଡକ'କୁ ଫେରିଯାଆନ୍ତୁ ନା! ଏଥିରେ ଜାହ୍ନବୀଙ୍କ ଅପୋଜିଟ୍‌ରେ ସ୍କ୍ରିନ୍ ଶେୟାର କରିଥିଲେ ନବାଗତ ଈଷାନ ଖଟ୍ଟର। ବାସ୍, ଶୁଟିଂ ସମୟରୁ ଦୁହେଁ କୁଆଡ଼େ ପ୍ରେମ ଦଉଡ଼ିରେ ବାନ୍ଧି ହୋଇଯାଉଛନ୍ତି। ନିକଟରେ ଦୁହିଁଙ୍କୁ କେତେବେଳେ କଫି ପବ୍‌ରେ ତ କେତେବେଳେ ଏକାଠି କାରରେ ବୁଲିବାର ଦେଖିବାକୁ ମିଳୁଛି। ହେଲେ ଏପରି କଥା ପଛରେ କେତେ ସତ୍ୟତା ଅଛି ସେନେଇ କେବଳ ଜାହ୍ନବୀ ନୁହନ୍ତି, ଈଷାନ ମଧ୍ୟ ମୁହଁ ଖୋଲୁନାହାନ୍ତି।






# ଘୁଞ୍ଚିଲା ବିପିୟୁଟି ପରୀକ୍ଷା

**ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)**

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ବିପିୟୁଟି) ଅଧୀନରେ ଥିବା ସମସ୍ତ କଲେଜରେ ଗୁରୁବାର ଥିବା ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିରେ ୪୮ଘଣ୍ଟିଆ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି କୁଳପତି ଏହି ନିଷ୍ପତ୍ତି ନେଇଛନ୍ତି। କେବେ ଏହି ପରୀକ୍ଷା ଅନୁଷ୍ଠିତ ହେବ ସେନେଇ ଖୁବ୍‌ଶୀଘ୍ର ଜଣାଇ ଦିଆଯିବ ବୋଲି ବିପିୟୁଟି ପକ୍ଷରୁ ବୁଧବାର ପ୍ରକାଶ ପାଇଥିବା ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ଦୁର୍ଦ୍ଦାନ୍ତ ମାଓବାଦୀ ନେତ୍ରୀ ସୁଜାତା ଗିରଫ

**ମାଲକାନଗିରି,୨୮।୧୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ତେଲେଙ୍ଗାନାର ଭଦ୍ରାଚଳମ୍ ପୋଲିସ ଜଣେ ହାର୍ଡକୋର ମହିଳା ମାଓବାଦୀଙ୍କୁ ଗିରଫ କରିଛି। ତାଙ୍କ ନାମ ନଗରମ୍ ରୁପା ଓରଫ ସୁଜାତା (୩୦)। ତାଙ୍କ ସ୍ୱାମୀ ଗୋପାନ୍ନା ଓରଫ ଆଜାଦ୍। ଗ୍ରାମ ଜୟଶଙ୍କର ଭୁପାଲାପାଲି, ଜିଲା ରୁଦ୍ରରାମ ବୋଲି ଜଣାପଡିଛି। ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଭଦ୍ରାଚଳମ୍-ଚାର୍ଲା ରାସ୍ତାରେ ମାଓବାଦୀଙ୍କ ମୁଖ୍ୟ ନେତାମାନେ ବୁଲୁଛନ୍ତି ବୋଲି ଖବର ପାଇଥିଲା। ପରେ ଭଦ୍ରାଚଳମ୍ ପୋଲିସ୍ ତନାଘନା ଯାଞ୍ଚ କରି ଆର୍.କତାଗୁଡେମ୍ ବସ୍ ଷ୍ଟାଣ୍ଡରେ ସନ୍ଦେହଜନକ ଭାବେ ବୁଲୁଥିବା ଜଣେ ମହିଳା ମାଓବାଦୀଙ୍କୁ ଧରି ଥାନାକୁ ଆଣିଥିଲେ। ତାଙ୍କୁ ଜେରା କରିବା ସମୟରେ ତାଙ୍କ ନାମ ନଗରମ୍ ରୁପା ଓରଫ ସୁଜାତା ବୋଲି ପ୍ରକାଶ କରି ଉପରୋକ୍ତ ତଥ୍ୟ ଦେଇଥିଲେ। ସେ କହିଥିଲେ ଯେ, ତାଙ୍କୁ ଯେତେବେଳେ ୧୨ ବର୍ଷ ବୟସ ସେତେବେଳେ ପିପୁଲ୍ସ ୱାର ସଙ୍ଗଠନ ଦ୍ୱାରା ପ୍ରଭାବିତ ହୋଇ ଉକ୍ତ ଦଳରେ ସାମିଲ ହୋଇଥିଲେ।

# ଉଠା ଦୋକାନ ସହ ଜଳିଗଲେ ଦୋକାନୀ

**ବଲାଙ୍ଗୀର ଅଫିସ, ୨୮।୧୧**

- ହତ୍ୟା ଅଭିଯୋଗ ଆଣିଲେ ବଡ଼ ଭାଇ
- ପୋଲିସର ତନାଘନା ଆରମ୍ଭ
- ନିଶା କାରବାର ଯୋଗୁ ଏପରି ଘଟିଥିବା ସନ୍ଦେହ

ବଲାଙ୍ଗୀର ପିପି ଏକାଡେମୀ ଛକ ତଥା ଆଇନ ମହାବିଦ୍ୟାଳୟ ପାଚେରି କଡ଼ରେ ଥିବା ଏକ ଉଠା ଦୋକାନ ମଙ୍ଗଳବାର ବିଳମ୍ବିତ ରାତିରେ ହଠାତ୍ ଜଳିଉଠିଥିଲା । ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇଥିଲେ । ହେଲେ ଏତିକିରେ କଥା ସରି ନ ଥିଲା । ଅଗ୍ନିଶମ ବିଭାଗ କର୍ମଚାରୀମାନେ ଜଳି ଯାଇଥିବା ଦୋକାନ ଯାଞ୍ଚ କରିବା ବେଳେ ସେଠାରୁ ଦୋକାନୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିଥିଲା । ମୃତ ଦୋକାନୀଙ୍କ ନାମ ସୁରଜ କ୍ଷେତୀ (୩୦) । ତାଙ୍କ ଘର ମାଳପଡା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସନ୍ଥ ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲକୁ ପଠାଇଛି। ବୁଧବାର ସକାଳେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ମୃତକଙ୍କ ବଡଭାଇ କାହ୍ନା କ୍ଷେତୀ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ । ଏଥିରେ ଦୁଇତିନି ଜଣ ସମ୍ପୃକ୍ତ ଥିବା ଦର୍ଶାଇ ସେମାନଙ୍କ ନାମ ପୋଲିସକୁ କହିଛନ୍ତି । ସୁରଜଙ୍କ ଉଠା ଦୋକାନ ସମ୍ମୁଖରେ ଏକ ନିର୍ମାଣାଧୀନ ଷ୍ଟଲ ରହିଛି । ସେହି ଷ୍ଟଲ ଭିତରେ କିଛି ଖଲି, ମଦବୋତଲ ରଖାଯାଇଥିବା ଦେଖିବାକୁ ମିଳିଛି । ଷଡ଼ଯନ୍ତ୍ରକାରୀମାନେ ସେଠାରେ ଭୋଜି କରିଥିଲେ। ଏହି ସୁଯୋଗରେ ସେମାନେ ସୁରଜଙ୍କୁ ଆକ୍ରମଣ କରିବା ପରେ ଦୋକାନ ଭିତରେ ପୂରାଇ ବନ୍ଦ କରିଦେଇଥିଲେ । ପରେ ସେମାନେ ଦୋକାନରେ ନିଆଁ ଲଗାଇ ପୋଡି ଦେଇଥିବା ଚର୍ଚ୍ଚା ଜୋର ଧରିଛି । ନିଶା ତଥା ବେଆଇନ କଫ୍ ସିରପ୍ କାରବାର ଯୋଗୁ ଏହି ହତ୍ୟାକାଣ୍ଡ ଘଟିଥିବା ଆଖାପାଖ ଦୋକାନୀମାନେ କହିଛନ୍ତି । ଏହି କଫ୍ ସିରପ କାରବାର ସମ୍ପର୍କରେ ପୂର୍ବରୁ ଅନେକ ଥର ପୋଲିସକୁ ସୂଚନା ଦିଆଯାଇଥିଲା । ହେଲେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଏପରି ଘଟଣା ଘଟିଲା ବୋଲି ଦୋକାନୀମାନେ କହିଛନ୍ତି । ଏ ସଂକ୍ରାନ୍ତରେ ପୋଲିସ ଅଧିକ କୌଣସି ସୂଚନା ଦେଇନାହିଁ।

**ଆଶାର କିରଣ ! ୧୯୯୧ଠାରୁ !!**
**ନିଃସନ୍ତାନ ଦମ୍ପତିଙ୍କ ପାଇଁ !!!**
**ଡ. ରାମାସ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଫର୍ଟିଲିଟି**
ISO 9001: 2008 Certified IVF Centre
**FERTILITY INDIA RESEARCH INSTITUTE & HOSPITAL**
ଆଜି ନିଃସନ୍ତାନ ଦମ୍ପତିଙ୍କ ପାଇଁ ଆଇୟୁଆଇ- ଆଇଭିଏଫ୍- ଆଇସିଏସ୍‌ଆଇ, ସରୋଗେସି, ଲେଜର୍, ଟିଇଏସ୍‌ଏ/ ଏମ୍‌ଇଏସ୍‌ଏ ମାଧ୍ୟମରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ପରାମର୍ଶ, ନିଦାନ ସେବା ଓ ଚିକିତ୍ସା ଏବଂ ଶୁକ୍ରାଣୁ/ ଡିମ୍ବାଣୁ/ ଭ୍ରୁଣ ଫ୍ରିଜିଂ/ଦାନ ସୁବିଧା ସହଜରେ ଉପଲବ୍ଧ।
**ଚନ୍ଦନା ବ୍ରଦର୍ସ ସମ୍ମୁଖ, ଅମୀରପେଟ, ହାଇଦ୍ରାବାଦ ।**
**Phs. (040) 23401255, 99892 23316, 99892 23320**

**ବିଶାଖାପାଟଣା:** 9989223314/ 9989223325
**ରାଜମହେନ୍ଦ୍ରୀ:** 9989223323/ 8331912297
**ବିଜୟୱାଡ଼ା:** 9989223324/ 9912460584
**ଗୁଣ୍ଟୁର:** 9989223321/ 9989223322
ଆମର ସମସ୍ତ କେନ୍ଦ୍ର ୩୬୫ ଦିନ ଖୋଲା।



ବର୍ତ୍ତମାନ ଆମ ସେବା ବେଙ୍ଗାଲୁରୁଠାରେ **"ଡ. ରାମାସ୍ ଟେଷ୍ଟ ଟ୍ୟୁବ୍ ବେବି ସେଣ୍ଟର"** ନାମରେ ଡି ସି ଚାମ୍ବର୍ସ, ୪୨୧/ଏମ୍, କ୍ରିଷ୍ଣା ଦେବସ୍ଥାନମ୍ ରୋଡ୍, ଇନ୍ଦିରା ନଗର ଷ୍ଟେଜ୍ ୧ରୁ ପ୍ରଦାନ କରାଯାଉଛି
ଫୋନ୍ ନଂ.: ୦୨୨୬୧୮୧୬୧୯୧ (ନିଃଶୁଳ୍କ), ୦୭୦୨୨୯୮୬୩୦୦
E-mail:ramafertility@yahoo.com
www.fertilityindia.com
**TOLL FREE NO:1800 425 3255**




## Study in one of the Best B-Schools of India

**KSOM has been ranked as the 30th best Management School of India by NIRF, MHRD, Govt.of India.**

- B-School known for best in class teaching-learning, student development & research
- 80% faculty from industry or with Ph.D. & over half the faculty from institutions such as IIMs, IITs, TISS, MDI, XLRI and other premier institutes
- 1:10 faculty-student ratio
- More than 100 corporate seminars per year
- Fully residential AC Hostels

Register for **KIITEE MANAGEMENT** (to be held across India on 20th-22nd January, 2019) at www.ksom.ac.in/kiiteem
Apply by 15th January, 2019

Campus – 7, Bhubaneswar -751024
Phone: 078944 60016, 099370 85344
admission@ksom.ac.in | www.ksom.ac.in

KALINGA INSTITUTE OF INDUSTRIAL TECHNOLOGY
Deemed to be University U/S 3 of the UGC Act, 1956
SCHOOL OF MANAGEMENT

# JEE ADVANCED

## Can you get a good rank without Stress ?

### Our Answer is a clear Yes

**JEE Advanced is not difficult, it's different.** While solving problems, you need to think deeply & fundamentally.

**FIITJEE's Academic Cult Metamorphosis** channelises your energies to make you think deeper & right, makes your preparation simpler, straightforward, and free from tension & stress. In the process you unravel your deepest potential & get the best possible rank.

Come, give yourself the advantage of
**FIITJEE Academic Cult Metamorphosis**

## FIITJEE Talent Reward Exam

**Sunday 23rd December 2018**
For Students Presently in **Class V, VI, VII, VIII, IX, X & XI**

**Preparing for JEE Advanced, JEE Main, Boards, KVPY, Olympiads, NSEJS & NTSE**

- ✓ Get a realistic prediction of your All India Rank in JEE & Other Competitive / Scholastic Exams in the form of Rank Potential Index (RPI).
- ✓ Have a clear picture of your absolute level of preparation of the concepts learnt so far.
- ✓ Get an External Evaluation of your IQ specifically for JEE Advanced, JEE Main, NTSE, KVPY, Olympiads etc.
- ✓ Know your subject wise relative standing at the National Level.
- ✓ Get an insight of what you can do & what your scope of improvement is to get desired & deserved performance in each of your Target Exams at this stage.
- ✓ Join a FIITJEE Classroom / Integrated School Program.

**Cash Scholarships + Fee Waivers for FIITJEE Programs worth about Rs. 10 Crores.** *(subject to Terms & Conditions)*

Last Date to Register : **16th Dec. 2018** with Rs. 500/-* ; **20th Dec. 2018** with Rs. 800/-* and **22nd Dec. 2018** with Rs. 2000/-* (*inclusive of GST)

For Registration, log on to **www.fiitjeelogin.com**

**www.fiitjee-ftre.com**

*The Best. The Ethical. The only Professional Institution.*

FIITJEE
FORUM FOR IIT-JEE

**Bhubaneswar (Unit - IX) Centre :** Bharat Scouts & Guides Complex, Scouts Bhawan, 1st & 2nd Floor, C - IX / 8, Unit - 3, Bhubaneswar - 751 022 Ph.: 0674 - 2392022, 2396725, 2394925 **Bhubaneswar (Infocity) Centre :** E3, Infinia Tower, Ist Floor, Near Infocity Square, Patia, Bhubaneswar Ph: 8117084613, 0674 - 2394825 **Cuttack Centre :** Shri Kailash Plaza, 3rd Floor, Opp. BSNL Bhawan, Link Road, Cuttack Ph: 0671 - 2367105, 9040032630

Join **FIITJEE Junior College at Bhubaneswar** to have Simultaneous preparation for JEE (Main & Advanced) along with that for Board Exams. | **FIITJEE now also at INFOCITY**

**National Admissions Office:** FIITJEE House, 29-A, Kalu Sarai, Sarvapriya Vihar, New Delhi Toll Free No. 1800 11 4242 Web: www.fiitjee.com www.facebook.com/fiitjeeindia123 www.twitter.com/fiitjee www.youtube.com/fiitjeeltd

**FIITJEE - THE PREMIER INSTITUTE FOR IIT-JEE and More...**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଦେବ୍
ପରିବାରବର୍ଗ


ସ୍ୱୀଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କୋର୍ଟ ପାଚେରି ଡେଇଁ ୨ ଅଭିଯୁକ୍ତ ଚମ୍ପଟ

ଜୟପୁର,୨୮।୧୧(ଡି.ଏନ୍.ଏ.)

ପୋଲିସ ସୁରକ୍ଷା କବଳରୁ ଖସିଯାଇଛନ୍ତି ୨ ଦୁର୍ଦ୍ଦାନ୍ତ ଅଭିଯୁକ୍ତ। ଜୟପୁର ସିଜେଏମଙ୍କ କୋର୍ଟ ସମ୍ମୁଖ ପାଚେରି ଡେଇଁ ସେମାନେ ଫେରାର ହୋଇଯାଇଛନ୍ତି। ଦୁଇ ଅଭିଯୁକ୍ତ ହେଲେ ଜୟପୁର ସଦରଥାନା କୁସୁମପୁଟର ଲାଲ ବାହାଦୁର ଦର୍ଜି ଏବଂ ମାଲକାନଗିରିର ଟି. ପବନ କୁମାର। ଉଭୟ ଡକାୟତି, ଲୁଟ୍ ଏବଂ ନାବାଳିକାଙ୍କୁ ବଳାତ୍କାର ଭଳି ଏକାଧିକ ମାମଲାରେ ଅଭିଯୁକ୍ତ ରହିଛନ୍ତି। ସେମାନେ ପରିସ୍ରା ଯିବା ପାଇଁ ଦାୟିତ୍ୱରେ ଥିବା ପୋଲିସଙ୍କୁ କହିଥିଲେ। ପୋଲିସ କୋର୍ଟ ସମ୍ମୁଖ ପଡ଼ିଆରେ ସେମାନଙ୍କୁ ପରିସ୍ରା ପାଇଁ ଛାଡ଼ିଦେଇ ଅପେକ୍ଷା କରିଥିଲେ । ଏହି ସୁଯୋଗରେ ଦୁହେଁ ହଠାତ୍ ସାଢ଼େ ୫ ଫୁଟର ପାଚେରି ଡେଇଁ ଫେରାର ହୋଇଯାଇଥିଲେ ।

# Classified




**SALE**

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64378

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

ସୁନ୍ଦରପଦା Hitech ପାଖରେ 100' and 50' Revenue Road ଥାଇ ୩ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-) 9777236619. D-64384

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64372




3 storied commercial building having 8 bedrooms, attached toilets, drawing, dining, kitchen, balcony with 2 car parking at a good location near Hotel Lavender, IRC Village, Bhubaneswar. (Preferable for guest house, corporate office, institute). Contact: 9861152262, 9437025890. D-65203

**LOST**

The Registered Sale Deed vide document No.- 11131401119 Dated 12.02.2014 executed before Sub-Registrar, Khandagiri, Bhubaneswar relating to land of mouza Ghatikia, Bhubaneswar G.A. Department drawing plot No.- 198, drawing No.- B/360, measuring area of 2500 sqft. i.e., Ac. 0.057.39 decimals (out of 60'X90'= 5400 sqft. i.e., Ac. 0.124 decimals) corresponding to Revenue Khata No.- 443, Revenue plot No. 51 (part) has been lost. Contact No: 9439512190. D-53221

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପ୍ରଥମ ସ୍ୱନକ୍ଷତ୍ର ଶୁଭେଚ୍ଛା**



**ଦିବ୍ୟାସୁଂ (ଦେବ୍)**
ୟୁନିଟ- ୭, ସୂର୍ଯ୍ୟନଗର, ଭୁବନେଶ୍ୱର

ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ଜେଜେ ବାପା, ଜେଜେମା, ଅଜା, ଆଈ, ବାପା, ବୋଉ, ଦାଦା, ନାନା, ପିଉସା, ବନ୍ଧୁ ଓ ପରିବାରବର୍ଗ। ଧ-୯୭୦୦

**ଜନ୍ମଦିନ ଶୁଭେଚ୍ଛା**



(ବୁବୁନ୍)
**ପଦ୍ମିନୀ ଘଡେଇ**
ବାପା– ସୁବ୍ରତ ଘଡେଇ,
ମା– ବନ୍ଦନା ଘଡେଇ

ଦ୍ୱିତୀୟ ବାର୍ଷିକ ଜନ୍ମଦିବସରେ ତୋର ଉଜ୍ଜ୍ୱଳମୟ ଭବିଷ୍ୟତ ଓ ଚଲାପଥ କୁସୁମିତ ହେଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ସମସ୍ତଙ୍କର ଏତିକି ବିନମ୍ର ପ୍ରାର୍ଥନା। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବାବା, ଅଜା, ଆଈ, ମାମୁ, ମଉସା, ମାଉସୀ, ବନ୍ଧୁ ଓ ପରିବାରବର୍ଗ। ଧ-୬୩୨୦୮

**ଜନ୍ମଦିନ ଶୁଭେଚ୍ଛା**



(Sweety)
**Saanvi Gantayat**
Plot No.- EA18, Badagada Brit Colony, Bhubaneswar, Pin- 751018

ଆଜିର ଏ ଦିନରେ ତୋର ଜନ୍ମବାର୍ଷିକ ପାଳନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ନିବେଦନ ଯେ ସେ ତତେ ସଦ୍‌ବୁଦ୍ଧି ପ୍ରଦାନ ପୂର୍ବକ ତତେ ନିରୋଗ ଓ ଦୀର୍ଘାୟୁ କରନ୍ତୁ। ତୋ ଚଲାପଥ କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଶୁଭେଚ୍ଛା ସହ: ଅଜା, ଆଈ, ମାମୁ, ମାଉସୀ, ମଉସା, ବାପା ଓ ମା ଏବଂ ପରିବାରବର୍ଗ। ଧ-୯୬୯୯

## ଭୂଷଣ ଷ୍ଟିଲ ହେଲା ଟାଟା ଷ୍ଟିଲ ବିଏସ୍ଏଲ୍ ଲିମିଟେଡ୍

ଓଡ଼ାପଡ଼ା, ୨୮।୧୧(ଡି.ଏନ.ଏ.)– ଢେଙ୍କାନାଳ ଜିଲା କଣ୍ଟାବେଣିଆସ୍ଥିତ ଟାଟା କମ୍ପାନୀ ଅଧିକୃତ ଭୂଷଣ ଷ୍ଟିଲ ଲିମିଟେଡ୍ କାରଖାନାର ନାମ ପରିବର୍ତ୍ତନ କରାଯାଇ ଟାଟା ଷ୍ଟିଲ ବିଏସ୍ଏଲ୍ ଲିମିଟେଡ୍ ରଖାଯାଇଛି। ଭୂଷଣ ଷ୍ଟିଲ ଲିମିଟେଡ୍ ଦେବାଳିଆ ଘୋଷିତ ହେବାପରେ ଗତ ମେ ୧୮ରେ ଏହାକୁ ଟାଟା ଷ୍ଟିଲ୍ ଅଧିଗ୍ରହଣ କରିଥିଲା। ଏହାପରେ କମ୍ପାନୀର ନାମ ପରିବର୍ତ୍ତନ କରିବାକୁ ଭାରତ ସରକାରଙ୍କର କର୍ପୋରେଟ୍ ଆଫେୟାର୍ସ ବିଭାଗରେ ଆବେଦନ କରାଯାଇଥିଲା। ଉକ୍ତ ନାମ ପରିବର୍ତ୍ତନ ଆବେଦନକୁ ମଙ୍ଗଳବାର ମନ୍ତ୍ରଣାଳୟ ମଞ୍ଜୁରୀ ଦେଇଥିବା କମ୍ପାନୀ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

**ମନେ ପଡ଼ନ୍ତି**

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଶିବରାମ ରଥ**
(ଅବସରପ୍ରାପ୍ତ ଅତିରିକ୍ତ ନିବନ୍ଧକ, ସମବାୟ ବିଭାଗ)
ତିରୋଧାନ: ମାର୍ଗଶିର କୃଷ୍ଣ ସପ୍ତମୀ
୧୭।୧୧।୨୦୧୧

ଆଜି ସପ୍ତମ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ପ୍ରାର୍ଥନା କରୁଛୁ। ଇତି ଆପଣଙ୍କର ପରିବାର ଓ ଆତ୍ମୀୟସ୍ୱଜନ। ଧ-୯୬୩୪

# ତୁମର କିଏ

ରାଜଧାନୀରେ ହକି ଖେଳ ଚାଲିଛି ସତ, ହେଲେ ରାଜନୀତି ଥମୁନି। ସବୁ କଥା ବୁଲେଇ ବଙ୍କେଇ ରାଜନୀତି ଆଡ଼କୁ ଆସୁଛି। କଳିଙ୍ଗ ଷ୍ଟାଡିୟମ ପାଖ ଚା' ଦୋକାନର ଏବେ ଭାରି ଡିମାଣ୍ଡ। ଖରାବେଳଟା'ରେ ୨୦୦ କପ୍ ଉଡିଯାଉଛି। ଧକ୍ ଧକ୍ ଗର୍ଲ ଏବଂ କିଙ୍ଗ ଖାନ ଜଲୱା ଦେଖାଇବା ପୂର୍ବରୁ ମ୍ୟାଡାମ କମିଶନର ସକାଳୁ ଫୁଲ ଧରି ସାରିଥିଲେ। ଏନେଇ ଖଟିରେ ଭାରି ଚର୍ଚ୍ଚା। ପଶ୍ଚିମ ଓଡ଼ିଶାର ଜଣେ ବ୍ୟକ୍ତି ଚା' ଦୋକାନରେ ମ୍ୟାଡାମଙ୍କ ଟପିକ୍ ଆରମ୍ଭ କରିଦେଲା। କହିଲା ଆଜି ସିନା ହକି ଖେଳ ପାଇଁ କାନ୍ଥ ବାଡ ରଙ୍ଗ ହେଉଛି। ହେଲେ ମ୍ୟାଡାମ ୬ ବର୍ଷ ପୂର୍ବରୁ ଏସବୁ ଶିଖାଇଥିଲେ। ଏବେ ନୂଆ ଅନ୍ଦାଜରେ ଫେରିଛନ୍ତି, ଖେଳ ଜମିବ। ଏକଥା ସେଠାରେ ଥିବା ଜଣେ ପାପୁଲି ସମର୍ଥକଙ୍କ ଦେହରେ ଯାଉ ନ ଥିଲା। ସେ କହିଲେ, ଶଙ୍ଖ ଦଳିଆଙ୍କ ଅଫିସର ମେଳିକୁ କାଉଣ୍ଟର କରିବା ପାଇଁ ମ୍ୟାଡାମକୁ ଆଣିଛ। ମ୍ୟାଡାମ ଏତେ ପପୁଲାର ହୋଇଗଲେ ଯେ, ତାଙ୍କୁ କେତେଜଣ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବୋଲି ଘୋଷଣା କଲେ। ଏହି କଥାରେ ରୋକ ଲଗାଇବା ପାଇଁ ଆଦିବାସୀ ନେତାଙ୍କ ପାଟିରେ ସତ ଓଗଳାଗଲା। ତେଣୁ ଖେଳ ଜମିବ ନାହିଁ, ଫୁଲ ଦଳରେ ବହୁଫାଟ। ଏକଥାକୁ ଶୁଣି ଫୁଲପ୍ରେମୀ ପୂରା ରାଗି ଲାଲ୍। ଦାନ୍ତ ରଗଡି କହିଦେଲେ, କାହା ଦଳରେ କେତେ ଫାଟ, ତାହା ସମସ୍ତଙ୍କୁ ଜଣା। ଶଙ୍ଖ ଦଳର ତ ମୁଖିଆ ଅଛନ୍ତି, ଆମର କେନ୍ଦ୍ର ମାନ୍ୟବର, ହେଲେ ତୁମର କିଏ। ଏକଥାର ଉତ୍ତର ପାପୁଲି ସମର୍ଥକଙ୍କ ପାଖରେ ନ ଥିଲା। ସେ ତୁନି ହୋଇ ବସିଲେ।

## ଖଟିରେ ଖଟିରେ...

# ଧୈର୍ଯ୍ୟ ହିଁ ଧରିଛି

ଯାହା ହଉ ହକି ଉଦ୍‌ଘାଟନ ଦିନ ପାପୁଲି ବାଲାଏ ଲାଗିପଡି ଗୋଟେ ଖେଳ ଦେଖେଇ ଦେଲେ। ଶହୀଦ ନଗର ପାଖ ଚା ଦୋକାନରେ ବୁଧବାର ଭୋର୍‌ଟାରୁ ଚାଲିଥିବା ଖଟିରେ ଏମିତି ଆଲେଚନା ଚାଲିଥାଏ। ଜଣେ ବାବୁଙ୍କ ଏମିତି କଥା ଶୁଣି ପାଖରେ ଥିବା ଜଣେ ପାପୁଲି ନେତାଙ୍କ ଦେହରେ ଗଲାଣି। ସଙ୍ଗେସଙ୍ଗେ ସେ କହିଲେ, ଆହେ ବାବୁ ତୁମେ ବୋଧେ ପାପୁଲି ଦଳ ବିଷୟରେ ଭଲରେ କିଛି ଜାଣିନା। ଏଇ ରାଇଜରେ ପାପୁଲି ନେତାଏ ଯାହାସବୁ କରିଛନ୍ତି, ସେମିତି ଆଉ କୋଉ ଦଳ କରି ନ ଥିବେ। ଦେଖିବ ଏଇ ନିର୍ବାଚନରେ ଆମେ କେମିତି ଉଡିଉଡି ଆସିବୁ। ଏମିତି ଗହଳଟେ କରିଦେଲୁ ଯେ ସରକାରଙ୍କ ମୁଣ୍ଡବିନ୍ଧା ବଢ଼ିଗଲା। ସେଇଠୁ ପାଖରେ ଥିବା ବାବୁଜଣକ ଧିରିକିନା କହିଲେ, ଆମେ କ'ଣ ଦେଖୁନୁ, ତୁମେ ପରା ଗଲା ୨୦ବର୍ଷ ହେଲା ଉଡିଉଡି ଆସୁଛ। ହେଲେ କ'ଣ ହବ, ତୁମେ ଆସିବା ଆଗରୁ ଶଙ୍ଖ ବାଲା ପରା ଧାଇଁ ଆସି ପହଞ୍ଚିଯାଉଛନ୍ତି। ଏବେ ତ କ'ଣ ଗେରୁଆ ବାଲାଏ ବି ତୁମଠାରୁ ଜୋର୍‌ରେ ଉଡ଼ିଲେଣି। ଏମନ୍ତ କଥା ଶୁଣି ପାପୁଲି ସଦସ୍ୟ ଜଣକ କହିଲେ, ଆରେ ଭାଇ ଟିକେ ଧୈର୍ଯ୍ୟ ଧରନ୍ତୁ, ଦେଖିବେ ଏଥର କ'ଣ ହଉଛି। ଶେଷରେ ବାବୁ କହିଲେ, ହଉ ଭାଇ ୨୦ବର୍ଷ ହେଲା ସେଇଆ ତ କରୁଛି, ଧୈର୍ଯ୍ୟ ହିଁ ଧରିଛି।

## ■ ଓଡ଼ିଶାରେ ବଜ୍ରପାତ ମହାବିପତ୍ତି

# ବର୍ଷକୁ ଯାଉଛି ୪୦୦ ଜୀବନ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ରାଜ୍ୟରେ ବଜ୍ରପାତ ମହା ବିପତ୍ତିଭାବେ ଉଭା ହୋଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା, ବାତ୍ୟା, ଅଂଶୁଘାତ ଭଳି ବିପତ୍ତିକୁ ପଛରେ ପକାଇ ଦେଇଛି। ବଜ୍ରପାତ ଯୋଗୁ ରାଜ୍ୟରେ ବର୍ଷକୁ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଉଛି। ପ୍ରତ୍ୟେକ ବର୍ଷ ମୃତ୍ୟୁସଂଖ୍ୟା ବଢ଼ି ବଢ଼ି ଚାଲିଛି। ଗତ ୩ ବର୍ଷର ପରିସଂଖ୍ୟାନରୁ ଏହା ସ୍ପଷ୍ଟ ହୋଇଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବଜ୍ରପାତ ଯୋଗୁ ୨୦୧୫ରୁ ୨୦୧୮ ମଧ୍ୟରେ ରାଜ୍ୟରେ ୧୨୫୬ ଜଣଙ୍କ ମୃତ୍ୟୁ ହୋଇଛି। ସେଥିମଧ୍ୟରୁ ୨୦୧୫ରେ ୩୯୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୭-୧୮ରେ ୪୬୦ ଜଣଙ୍କ ଜୀବନଯାଇଛି। ଗତ ୩ ବର୍ଷରେ ପ୍ରାକୃତିକ ବିପତ୍ତିରେ ୪,୬୮୯ ଲୋକଙ୍କ ଜୀବନ ଯାଇଛି। ସେଥିରେ କେବଳ ବଜ୍ରପାତ ମୃତ୍ୟୁ ୨୭%।

ମିଳିଥିବା ସୂଚନା ଅନୁଯାୟୀ ୨୦୧୭-୧୮ରେ ବଜ୍ରପାତ ଯୋଗୁ ସର୍ବାଧିକ ମୟୂରଭଞ୍ଜ ଜିଲାରେ ୧୩୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ବାଲେଶ୍ୱରରେ ୯୫, ଗଞ୍ଜାମ ଓ କେନ୍ଦୁଝର ଜିଲାରେ ୮୯ ଲେଖାଏ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ରାଜ୍ୟରେ ମୁଖ୍ୟତଃ ମେ'ରୁ ସେପ୍ଟେମ୍ବର ମଧ୍ୟରେ ହେଉଥିବା ବଜ୍ରପାତରେ ଲୋକମାନଙ୍କ ଧନଜୀବନ ନଷ୍ଟ ହେଉଛି ବୋଲି ଓସଡମାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଗତ ୫ ମାସ ମଧ୍ୟରେ ୧୦୬୯ ଜଣଙ୍କ ଜୀବନହାନି ହୋଇଛି। ସେମାନଙ୍କ ମଧ୍ୟରୁ ମେ' ମାସରେ ୨୦୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜୁନରେ ୨୩୧, ଜୁଲାଇରେ ୨୬୪, ଅଗଷ୍ଟରେ ୧୯୨ ଏବଂ ସେପ୍ଟେମ୍ବରରେ ୧୭୩ ଜଣଙ୍କ ଜୀବନ ଯାଇଛି।

ଏହି ପ୍ରାକୃତିକ ବିପତ୍ତିରୁ ଲୋକମାନଙ୍କ ଜୀବନ ବଞ୍ଚାଇବା ପାଇଁ ରାଜ୍ୟ ସରକାର ଆମେରିକାର ଏକ ଘରୋଇ କମ୍ପାନୀ 'ଆର୍ଥ ନେଟ୍‌ୱର୍କ' ସହ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛନ୍ତି। ସେହି ସଂସ୍ଥା ରାଜ୍ୟର ୬ଟି ସ୍ଥାନରେ ଯଥା ବାଲେଶ୍ୱର, ରାଉରକେଲା, ପାଣିକୋଇଲି, ବଲାଙ୍ଗୀର, ବରଗଡ଼ ଏବଂ କେନ୍ଦୁଝରରେ ଲାଇଟନିଂ ସେନ୍‌ସର ଲଗାଇ ସାରିଛି। ଆସନ୍ତା ବର୍ଷରୁ ଏହା କାର୍ଯ୍ୟକ୍ଷମ ହେବ। ତେବେ ଏହି ବ୍ୟବସ୍ଥା କିପରି କାର୍ଯ୍ୟ କରୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ। ଏହାଛଡ଼ା ବଜ୍ରପାତଜନିତ ବିପତ୍ତିରୁ ଲୋକମାନଙ୍କୁ କିପରି ରକ୍ଷା କରାଯାଇପାରିବ ଓ ପୂର୍ବରୁ କିପରି ସୂଚନା ମିଳିପାରିବ ସେନେଇ ରାଜ୍ୟ ସରକାର ବିଦେଶର ବୈଷୟିକ ପଦ୍ଧତିକୁ ଜାଣିବା ପାଇଁ ୨୦୧୮ ଜାନୁୟାରୀରେ ଏକ ଅନ୍ତର୍ଜାତୀୟ କର୍ମଶାଳାର ଆୟୋଜନ କରିବାକୁ ଯାଉଛନ୍ତି। ଏହି କର୍ମଶାଳା ଜାନୁୟାରୀ ୧୭ରୁ ୧୯ ଯାଏ ହେବ । ଏଥିରେ ଫିଲିପାଇନ୍ସ, ଚାଇନା, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, କାମ୍ବୋଡିଆ ଭଳି ୮ ଦେଶର ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ବୈଜ୍ଞାନିକ, ଗବେଷକ, ଭୂ-ବିଜ୍ଞାନୀ, ପାଣିପାଗ ବିଶାରଦ, ଏ ଦିଗରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେବେ। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର, ପୁଣେସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ ଟ୍ରପିକାଲ ମଟିରୋଲୋଜି(ଆଇଆଇଟିଏମ), ଆର୍ଥ ନେଟ୍‌ୱର୍କ ଏବଂ ବ୍ୟାଙ୍କକର ଆଇଏମ୍ଇଏସ୍‌ର ମିଳିତ ସହଯୋଗରେ ଏହି କର୍ମଶାଳାର ଆୟୋଜନ କରାଯିବ। ଏହାକୁ ସଫଳତାର ସହ ଶେଷ କରିବାକୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆରସି)ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ ଗବେଷକ, ବିଶିଷ୍ଟ ବୈଜ୍ଞାନିକ, ପାଣିପାଗ ବିଶାରଦ, ପ୍ରଶାସନିକ ଅଧିକାରୀ ଆଦି ସଦସ୍ୟ ରହିବେ। କର୍ମଶାଳାରେ ପରିବେଶର ପ୍ରତିକୂଳ ପ୍ରଭାବ ଏବଂ ଉନ୍ନତମାନର ବୈଷୟିକ କୌଶଳର ବ୍ୟବହାର ଉପରେ ଆଲୋଚନା ହେବ।

# ପୁରାତନ ମନ୍ଦିର, କୀର୍ତ୍ତିରାଜି ରକ୍ଷଣାବେକ୍ଷଣ ଚିନ୍ତା

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ଚଳିତ ବର୍ଷ ରାଜ୍ୟ ସରକାର ପୁରାତନ ମନ୍ଦିର ଓ କୀର୍ତ୍ତିରାଜିଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ୪ କୋଟି ୯୮ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥା ଦ୍ୱାରା ୨୦୧୮-୧୯ରେ ୨୪ଟି ସଂରକ୍ଷିତ କୀର୍ତ୍ତିରାଜିର ରକ୍ଷଣାବେକ୍ଷଣ ପାଇଁ ୧ କୋଟି ୫୬ ଲକ୍ଷ ଟଙ୍କା ଏବଂ ୫୬ଟି ଅଣ ସଂରକ୍ଷିତ କୀର୍ତ୍ତିରାଜି ପାଇଁ ୧ କୋଟି ୯୯ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ସେଥିମଧ୍ୟରୁ ଭଦ୍ରକ ଜିଲାର ୨ଟି ପୁରାତନ ମନ୍ଦିରର ରକ୍ଷଣାବେକ୍ଷଣ କରିବାକୁ ନିଷ୍ପତ୍ତି ହୋଇଥିବା ବେଳେ କଟକ ୧,

**ଖର୍ଚ୍ଚ ହେବ ୫ କୋଟି**

ଗଞ୍ଜାମ ୨, ଜଗତ୍‌ସିଂହପୁର ୧, ଯାଜପୁର ୧, ଖୋର୍ଦ୍ଧା ୮, କୋରାପୁଟ ୧, ନୂଆପଡା ୧, ପୁରୀ ୫ ଏବଂ ସମ୍ବଲପୁର ଜିଲାର ସମଲେଶ୍ୱରୀ ମନ୍ଦିର ରକ୍ଷଣାବେକ୍ଷଣ ପାଇଁ ୧.୫୬ କୋଟି ଟଙ୍କା ବ୍ୟୟ କରାଯିବ। ସେହିପରି ବାଲେଶ୍ୱର ଜିଲାର ୨, ବରଗଡ଼ ୨, ଭଦ୍ରକ ୨, ବୌଦ୍ଧ ୧, କଟକ ୭, ଢେଙ୍କାନାଳ ୩, ଗଞ୍ଜାମ ୧୧, ଯାଜପୁର ୧, କେନ୍ଦ୍ରାପଡ଼ା ୩, ଖୋର୍ଦ୍ଧା ଜିଲାର ୨୩ଟି କୀର୍ତ୍ତିରାଜିର ରକ୍ଷଣାବେକ୍ଷଣ କରିବାକୁ ୧.୯୯କୋଟି ଟଙ୍କା ବରାଦ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ଭାରତର ବିଜୟ ...

ଏକ ଚମତ୍କାର ପାସ୍ ଲଳିତ ଉପାଧ୍ୟାୟଙ୍କ ଆଡ଼କୁ ବଢ଼ାଇ ଦେଇଥିଲେ। ଲଳିତ କୌଣସି ଭୁଲ ନ କରି ଏହାକୁ ଗୋଲରେ ପରିଣତ କରିବାରୁ ୪୪ତମ ମିନିଟରେ ଭାରତର ଅଗ୍ରଣୀ ବ୍ୟବଧାନ ୪-୦ରେ ପହଞ୍ଚି ଯାଇଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଗୋଲ ପରିଶୋଧ କରିବାକୁ ଦକ୍ଷିଣ ଆଫ୍ରିକା ଆପ୍ରାଣ ଉଦ୍ୟମ କରିଥିଲା। ୪୬ତମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଭାରତୀୟ ଖେଳାଳି ମାରିଥିବା ଶଟ୍ ଦକ୍ଷିଣ ଆଫ୍ରିକା ଗୋଲକିପରଙ୍କ ଦେହରେ ବାଜି ଫେରି ଆସୁଥିବାବେଳେ ସିମରନଜିତ ସିଂ ଡିଫ୍ଲେକ୍ସନ ମାଧ୍ୟମରେ ତାହାକୁ ଗୋଲରେ ପରିଣତ କରିଥିଲେ। ମ୍ୟାଚରେ ସିମରନଜିତଙ୍କର ଏହା ଥିଲା ଦ୍ୱିତୀୟ ଗୋଲ। ୬୦ତମ ମିନିଟରେ ଦକ୍ଷିଣ ଆଫ୍ରିକା ଏକ ପେନାଲ୍ଟି କର୍ନର ଦାବି କରିଥିବାବେଳେ ରେଫରାଲରେ ତାହା ନାକଚ ହୋଇଯାଇଥିଲା। ଭାରତ ୬ଟି ପେନାଲ୍ଟି କର୍ନର ପାଇଥିବାବେଳେ ଏଥିରୁ ୨ଟିକୁ ଗୋଲରେ ପରିଣତ କରିପାରିଥିଲା। ଦୁର୍ଭାଗ୍ୟଜନକଭାବେ ଦକ୍ଷିଣ ଆଫ୍ରିକା ଗୋଟିଏ ହେଲେ ପେନାଲ୍ଟି କର୍ନର ପାଇ ନ ଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଡିସେମ୍ବର ୨ରେ ବେଲଜିୟମ ସହିତ ଖେଳିବ।

## କମିଲା ବସ୍ ...

ଡିଲକ୍ସ ବସ୍ କିଲୋମିଟର ପିଛା ୫ ପଇସା ଓ ଏସି ଡିଲକ୍ସ ବସ୍ କିଲୋମିଟର ୬ ପଇସା ହିସାବରେ ବଢ଼ିଥିଲା। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଡିଜେଲ ଦର ହ୍ରାସ ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଦାବି କରାଯାଇଛି। ସ୍ୱୟଂକ୍ରୀୟ ବ୍ୟବସ୍ଥା ଅନୁଯାୟୀ ପେଟ୍ରୋଲ କିମ୍ବା ଡିଜେଲ ଲିଟର ପିଛା ୨ ଟଙ୍କା ବୃଦ୍ଧି କିମ୍ବା ହ୍ରାସ ହେଲେ କିଲୋମିଟର ପିଛା ୧ ଓ ୨ ପଇସା ବଢ଼ିବ କିମ୍ବା କମିବ। ଏହି ଆଧାରରେ ବସ୍‌ଭଡ଼ା ହ୍ରାସ ଓ ବୃଦ୍ଧି କରାଯାଉଛି।

ସୂଚନାଯୋଗ୍ୟ, ୨୦୧୮ ସେପ୍ଟେମ୍ବର ୧୫ରେ ଡିଜେଲ ଲିଟର ପିଛା ୭୮ ଟଙ୍କା ୯୧ ପଇସା ଥିବା ବେଳେ ଏବେ ଏହା ୭୩ ଟଙ୍କା ୪୮ ପଇସାକୁ ହ୍ରାସ ପାଇଛି।

## ଯୁବକଙ୍କ ହାଜତ ...

ଉଦ୍ଦେଶ୍ୟରେ ଏସ୍‌ଡିପିଓଙ୍କୁ ପ୍ରଦାନ କରିଥିଲେ। ଏହାପରେ ଅପରାହ୍ନ ୩ଟାରେ ରାସ୍ତାରୋକୋ ହଟିଥିଲା।

ମିଳିଥିବା ସୂଚନା ଅନୁଯାୟୀ, ମାଳଦାରେ ବିଜେଡିର ଦୁଇ ଗୋଷ୍ଠୀ ରହିଥିବାବେଳେ ଯୋଗେନ୍ଦ୍ର ଗୋଟିଏ ଗୋଷ୍ଠୀର ସମର୍ଥକ ଥିଲେ ବୋଲି କୁହାଯାଉଛି। ଗଜଲକ୍ଷ୍ମୀ ପୂଜା ଭସାଣି ବେଳେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଊର୍ମିଳା ନାୟକ ନାମ୍ନୀ ମହିଳାଙ୍କୁ ମାଡ଼ ମରାଯାଇଥିଲା। ଏନେଇ ଊର୍ମିଳା ଅସ୍ତରଙ୍ଗ ଥାନାରେ ଯୋଗେନ୍ଦ୍ରଙ୍କ ସହିତ ୧୦ ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଦଫା ୩୪୧, ୩୨୩, ୩୨୫, ୨୯୪, ୫୦୬, ୩୭୯, ୩୪ ବଳରେ ୯୧/୧୮ନମ୍ବରରେ ଏକ କେସ୍ ରୁଜୁ କରି ଯୋଗେନ୍ଦ୍ରଙ୍କୁ ଗିରଫ କରି ୧୫ ତାରିଖରେ କୋର୍ଟ ଚାଲାଣ କରିଥିଲା।

ଏ ସମ୍ପର୍କରେ ଅସ୍ତରଙ୍ଗ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କୁ ପଚାରିବାରେ ସେ କିଛି କହିବେ ନାହିଁ, ତଦନ୍ତ ଅଧିକାରୀଙ୍କୁ ପଚାରନ୍ତୁ ବୋଲି କହିଥିଲେ। ଏହି କେସ୍‌ର ତଦନ୍ତ ଅଧିକାରୀ ସନାତନ ଖୁଣ୍ଟିଆଙ୍କୁ ପଚାରିବାରୁ ସେ କହିଥିଲେ ଯେ, ୧୪ ତାରିଖ ରାତିରେ ଆମେ ଯୋଗେନ୍ଦ୍ରଙ୍କୁ ଗିରଫ କରିନାହୁଁ। ୧୫ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଥାନାରେ ମାଡ଼ ମାରିବା ସମ୍ପୂର୍ଣ୍ଣ ଭିତ୍ତିହୀନ। ଅସୁସ୍ଥତା ଯୋଗୁ ତାଙ୍କର ମୃତ୍ୟୁ ହୋଇଥାଇପାରେ। ଅନ୍ୟପକ୍ଷରେ ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ ଥାନାରେ ମାଡ଼ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚନ୍ଦ୍ର ମୂଳା ନକ୍ଷତ୍ରସ୍ଥ ଯୋଗୁ ବିଭିନ୍ନ ପ୍ରକାର ଦୁର୍ଭାବନାରେ ମନ ବିକ୍ଷିପ୍ତ ରହିବ। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ସାହସିକ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ଶନିଙ୍କ ଦୃଷ୍ଟି ତୃତୀୟ ସ୍ଥାନ ହେତୁ ଭାଇ,ବନ୍ଧୁ ଏବଂ ଆତ୍ମୀୟମାନଙ୍କ ସହ ସୁସମ୍ପର୍କ ରହିବ ନାହିଁ। ଅବଶ୍ୟ ଶୁକ୍ର ପ୍ରଭାବରୁ ସ୍ତ୍ରୀଙ୍କ ସୁପରାମର୍ଶ,ବାଣିଜ୍ୟ,ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ସଫଳତା ମିଳିବ।

**ବୃଷ** ଆପଣଙ୍କ କଥା ଓ କାର୍ଯ୍ୟ ପଦ୍ଧତି ଅନ୍ୟମାନଙ୍କର ଗ୍ରହଣୀୟ ହେବାର କ୍ଷୀଣ ଆଶା ରହିଛି। କର୍ମକ୍ଷେତ୍ରକୁ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। ରାହୁ ଯୁକ୍ତ ଚନ୍ଦ୍ର ମାନସିକ ସ୍ଥିତିକୁ ବିଷାଦିତ କରି ରଖିବ। ଅବଶ୍ୟ ଷଷ୍ଠସ୍ଥ ରାଶ୍ୟାଧିପତି ଯୋଗୁ କୌଣସି ପରିସ୍ଥିତିରେ ଆପଣ ପଛକୁ ଫେରି ଚାହିଁବେ ନାହିଁ।

**ମିଥୁନ** ଧନ ସ୍ଥାନରେ ଚନ୍ଦ୍ର ରାହୁ ଧନ,ବନ୍ଧୁ ସମ୍ପର୍କ,ଉପରିସ୍ଥ କର୍ମକର୍ତ୍ତାଙ୍କ ସହ ମତାନ୍ତରଜନିତ ସମସ୍ୟା ସୃଷ୍ଟି କରିବ। ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରୁ କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ମନ ଅସ୍ଥିର ରହିପାରେ। ସ୍ୱାସ୍ଥ୍ୟ ସମସ୍ୟା ମନକୁ ବିଚଳିତ କରି ରଖିବ।

**କର୍କଟ** ରାଶି ପାଇଁ ଶନିଙ୍କ ଦ୍ୱାରା ସୃଷ୍ଟ ବିପରୀତ ରାଜଯୋଗ କେତେକାଂଶରେ ସମସ୍ୟାକୁ ହାଲୁକା କରିବ। ଯେଉଁ ଆଶା ନେଇ ବନ୍ଧୁଙ୍କ ପାଇଁ କିଛି କରିବେ ପ୍ରତିବଦଳରେ ପ୍ରତିଦାନ ପାଇବା ଦୁରୂହ ହୋଇଯିବ। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ,ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** ପାପଗ୍ରହ ମଧ୍ୟବର୍ତ୍ତୀ ବଳହୀନ ରବି ଆପଣଙ୍କ ଆଶା ଓ କାମନା ପୂର୍ଣ୍ଣ କରିବାରେ ଅସମର୍ଥ ହୋଇପାରନ୍ତି। ଫଳତଃ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇବା କଷ୍ଟକର ହେବ। ବନ୍ଧୁଙ୍କ ଦ୍ୱାରା ସକାଳୁ ସକାଳୁ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇଯାଇପାରେ। ତରବରିଆ ଯାତ୍ରା ସମୟରେ ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ।

**କନ୍ୟା** ଆଜିର ମଙ୍ଗଳଙ୍କ ଦ୍ୱାରା ବିପରୀତ ରାଜଯୋଗ କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ସହାୟକ ହେବ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାଇଲେ ଆଶା ପୂରଣ ହୋଇପାରିବ । ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ। ସାମୟିକ ଶାରୀରିକ ଦୁର୍ବଳତା କାର୍ଯ୍ୟହାନିର କାରଣ ପାଲଟିଯିବ।

**ତୁଳା** ଶୁକ୍ର ଧନ ଓ ସପ୍ତମାଧିପତିଙ୍କ ନକ୍ଷତ୍ରସ୍ଥ ହେତୁ ଅର୍ଥ ସମ୍ପର୍କିତ ସମସ୍ୟା କୌଣସି ସହକର୍ମୀ କିମ୍ବା ପଡ଼ୋଶିନୀଙ୍କ ମାଧ୍ୟମରେ ସମାଧାନ ହେବ। ଏକ ଭିନ୍ନ ପରିବେଶରେ ଅଫିସରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି ଲକ୍ଷ୍ୟ ହାସଲ କରିପାରିବେ।

**ବିଛା** ଆଜି ସକାଳୁ ସକାଳୁ ପୂର୍ବ ସ୍ଥିରୀକୃତ ସ୍ଥାନକୁ ଯାତ୍ରା କରିପାରନ୍ତି। ଏକାଦଶକୁ ମଙ୍ଗଳଙ୍କ ଦୃଷ୍ଟି ଯୋଗୁ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଦାୟିତ୍ୱହୀନ ଭାବରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଉପକାର କରିଥିବା ବ୍ୟକ୍ତିଙ୍କ ଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡ଼ିବ।

**ଧନୁ** ଦେବଗୁରୁ ବିଳମ୍ବ କାରକ ଗ୍ରହ ଶନି ନକ୍ଷତ୍ରସ୍ଥ ଯୋଗୁ ପ୍ରତ୍ୟେକ କାମ ସକାଶେ ପ୍ରତୀକ୍ଷା ଦୁଶ୍ଚିନ୍ତାର କାରଣ ହେବ। ଆପଣଙ୍କ ଘରର ପରିସ୍ଥିତିକୁ ଅନୁଧ୍ୟାନ କରି ଚିନ୍ତିତ ହୋଇପାରନ୍ତି। ତଥାପି ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଆଲୋଚନା ପରିସରରେ ବନ୍ଧୁଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧହେବେ।

**ମକର** ସ୍ୱଗୃହାଭିମୁଖୀ ଶନି ଧନ ସ୍ଥାନକୁ ଦୃଷ୍ଟିଦେଇ ଅର୍ଥ ସଙ୍କଟକୁ ଦୂରେଇନେବେ। କଚେରି ମାମଲାରେ ବିଶିଷ୍ଟ ଆଇନଜ୍ଞଙ୍କ ସହାୟତା ଲୋଡ଼ିପାରନ୍ତି। କର୍ମକ୍ଷେତ୍ରରେ ମନକଥା ମନରେ ରଖି ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ।

**କୁମ୍ଭ** ନୂତନ ଭାବରେ ଆରମ୍ଭ କରିବାକୁ ଯାଉଥିବା କାମ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ପ୍ରତ୍ୟୁଷ ଯାତ୍ରା ସାଙ୍ଗକୁ ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ। ସାମାଜିକ ସ୍ତରରେ ଧୀର ପାଣି ପଥର କାଟିବା ନ୍ୟାୟରେ କାମ କଲେ ସଫଳତା ପାଇପାରିବେ।

**ମୀନ** ଯେତେ ଭଲ ସମ୍ପର୍କ ଥାଉନା କାହିଁକି ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ କାମ ବିଗିଡ଼ିଯିବା ଆଶଙ୍କା ରହିଛି । ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ ସମସ୍ୟା ସମାଧାନ ପାଇଁ ଚେଷ୍ଟା ନିଷ୍ଫଳ ହେବନାହିଁ । ଆର୍ଥିକ ସ୍ଥିତି ବିଶେଷ ଖରାପ ନ ଥିଲେ ମଧ୍ୟ ଆକସ୍ମିକ ଆବଶ୍ୟକତା ପୂରଣ ପାଇଁ ଟେନ୍‌ସନ ଲାଗି ରହିବ।

ଆଜି ମାର୍ଗଶୀର କୃଷ୍ଣ ସପ୍ତମୀ ଗୁରୁବାର, ମାଣବସା ଗୁରୁବାର ପ୍ରଥମପାଳି, ନଭେମ୍ବର ୨୯ ତାରିଖ, ରାଶି ନକ୍ଷତ୍ର–ସକାଳ ଘ୭।୨୯ମି. ଗତେ ମଘା/ସିଂହ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ୧୦।୧୪ମି. ଗତେ ଘ୧୧।୩୫ମି. ମଧ୍ୟେ, ଘ୧୨।୫୫ମି. ଗତେ ଘ୨।୧୬ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୩୧ମି. ମଧ୍ୟେ ଘ୧୧।୩୫ମି. ଗତେ, ଘ୧୨।୫୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୨।୫୭ମି. ଗତେ ଘ୨।୧୯ମି. ମଧ୍ୟେ ରାହୁ କାଳ।

# ତିତ୍‌ଲି କ୍ଷତିଗ୍ରସ୍ତ ଅଞ୍ଚଳରେ ରିଲିଫ କାର୍ଯ୍ୟ ଠିକ୍ ହୋଇନାହିଁ


ଖବରଦାତା ସମ୍ମିଳନୀରେ ବିଧାୟକ ପ୍ରଦୀପ ପୁରୋହିତ ଓ ଅନ୍ୟମାନେ ।

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ଭାଜପାର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ତିତ୍‌ଲି ବାତ୍ୟା କ୍ଷୟକ୍ଷତି ଅଞ୍ଚଳ ବୁଲି ରିଲିଫ ବଣ୍ଟନ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରି ଫେରିଛନ୍ତି। ମଙ୍ଗଳବାର ଭାଜପା ପ୍ରତିନିଧି ଦଳ ଗସ୍ତ ସାରି ବୁଧବାର ଦଳୀୟ କାର୍ଯ୍ୟାଳୟରେ ଏ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀ କରିଛନ୍ତି। ଏଥିରେ ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବଣ୍ଟନରେ ଅନିୟମିତତା ହୋଇଥିବା ନେଇ ରାଜ୍ୟ ସରକାରଙ୍କ ଉପରେ ଭାଜପା ନେତୃବୃନ୍ଦ ଖୁବ୍ ବର୍ଷିଛନ୍ତି।

ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି , ଗଜପତି ଓ ଗଞ୍ଜାମ ଜିଲାରେ ରିଲିଫ୍ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଛି। ବଣ୍ଟନ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଯାଇ କୋଟି କୋଟି ଟଙ୍କା ହେରଫେର କରାଯାଇଛି। ଚାଷୀମାନଙ୍କ ଫସଲର ଠିକ୍ କ୍ଷୟକ୍ଷତି ଆକଳନ କରାଯାଇନାହିଁ। ଘର ଭାଙ୍ଗି ଯାଇଥିବାରୁ ଲୋକମାନେ ହାଡଭଙ୍ଗା ଶୀତରେ ରହିବାକୁ ବାଧ ହେଉଛନ୍ତି। ସ୍କୁଲ ଘର ଏବଂ ଜଳସେଚନ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଛି। ଜମି ଭୂସ୍ଖଳନରେ ବୁରତାଲ, ଅଙ୍କୁଲି ଏବଂ ତୁମ୍ବା ଗ୍ରାମରେ ୧୧ ଜଣ ମୃତ୍ୟୁବରଣ କରିଥିଲେ ମଧ୍ୟ ତାଙ୍କୁ ଏଯାବତ୍ କୌଣସି ସହାୟତା ମିଳି ନାହିଁ। ରିଲିଫ୍ ନାଁରେ କ୍ଷତିଗ୍ରସ୍ତଙ୍କୁ ୫୦ କି.ଗ୍ରା. ଚାଉଳ ସହ କେବଳ ୧୦୦୦ କିମ୍ବା ୨୦୦୦ ଟଙ୍କା ଦିଆଯାଇଥିବା ପୁରୋହିତ କହିଛନ୍ତି। ତିତ୍‌ଲିର କ୍ଷୟକ୍ଷତିକୁ ନେଇ ଲୋକଙ୍କ ଦୁର୍ଦ୍ଦଶା ସମ୍ପର୍କିତ ପ୍ରତିକ୍ରିୟାକୁ ଏକ ଭିଡିଓ କ୍ଲିପ ମାଧ୍ୟମରେ ଦଳ ପକ୍ଷରୁ ଉପସ୍ଥାପନ କରାଯାଇଥିଲା।

- ଭାଜପା କଲା ଅଭିଯୋଗ
- ପ୍ରତିକ୍ରିୟା ରଖିଲା ବିଜେଡି

ଅପରପକ୍ଷରେ ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି, ଭାଜପା ଦ୍ୱାରା ଅଣାଯାଇଥିବା ଅଭିଯୋଗ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। କେବଳ ଗଜପତି ପ୍ରଭାବିତ ଅଞ୍ଚଳ ପାଇଁ ୨୨୫ କୋଟି ଦିଆଯାଇଛି। ସେହିପରି କେବଳ ୧୩୪ କୋଟି ଟଙ୍କାର ପଲିଥିନ୍ ସିଟ୍, କମ୍ବଳ, ଫସଲବୀମା ସହାୟତା, ପାନୀୟ ଜଳ ଯୋଗାଣ ଏବଂ ଭିତ୍ତିଭୂମି ଉନ୍ନୟନ ପାଇଁ ପ୍ରଦାନ କରାଯାଇଛି। ପ୍ରତିଟି ଖର୍ଚ୍ଚର ହିସାବ ମଧ୍ୟ ରହିଛି। ବିପର୍ଯ୍ୟୟ ମୁକାବିଲା ପାଇଁ କେନ୍ଦ୍ରୀୟ ସଂସ୍ଥା ରାଜ୍ୟକୁ ପ୍ରଶଂସା କରିସାରିଛି। ତେଣୁ ପୁରୋହିତ ବାବୁ କେନ୍ଦ୍ରକୁ ପଚାରିଲେ ଭଲ ହୁଅନ୍ତା ବୋଲି ପ୍ରତାପଦେବ କହିଛନ୍ତି।

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବି

# ଆଜିଠୁ ୪୮ ଘଣ୍ଟା ମହାବନ୍ଦ

ସମ୍ବଲପୁର,୨୮।୧୧(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ସମ୍ବଲପୁର ଜିଲା ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ୨ମାସରୁ ଊର୍ଦ୍ଧ୍ୱ ହେବ ଓକିଲମାନେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଜାରି ରଖିଥିବାବେଳେ କୋର୍ଟ କାର୍ଯ୍ୟ, ସରକାରୀ କାର୍ଯ୍ୟାଳୟ ବନ୍ଦ କରିଛନ୍ତି। ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାବି ଉପରେ ନୀରବ ରହିଛନ୍ତି। ଏହାର ପ୍ରତିବାଦରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କିମିଟି (ସିଏସି)ର ଆହ୍ୱାନ କ୍ରମେ ଗୁରୁବାର ସକାଳୁ ୪୮ ଘଣ୍ଟିଆ ମହାବନ୍ଦ ପାଳନ କରାଯିବ। ଶନିବାର ସକାଳ ୬ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଜନସାଧାରଣ, ବିଭିନ୍ନ ସାମାଜିକ ଅନୁଷ୍ଠାନ, ଛାତ୍ରୀଛାତ୍ର ଏଥିରେ ସାମିଲ୍ ହେବାକୁ ଅନୁରୋଧ କରାଯାଇଛି। ଜିଲାର ବିଭିନ୍ନ ସ୍ଥାନରେ ପିକେଟିଂ କରାଯାଇ ରାସ୍ତାରୋକୋ କରାଯିବ। ରେଳଷ୍ଟଶନଗୁଡ଼ିକରେ ରେଳରୋକୋ ହେବ। ରାସ୍ତାଘାଟ, ସ୍କୁଲ କଲେଜ, ଦୋକାନ ବଜାର ବନ୍ଦ ରହିବ। ହେଲେ ସ୍ୱାସ୍ଥ୍ୟ ଓ ଜରୁରୀକାଳୀନ ସେବା କ୍ଷେତ୍ରରେ ଏହି ମହାବନ୍ଦ ପ୍ରଭାବ ପଡିବ ନାହିଁ। ସାମାଜିକ କାର୍ଯ୍ୟରେ ଗାଡ଼ିରେ ଯିବା ଆସିବା ପାଇଁ ଜିଲା ଓକିଲ ସଂଘଠାରୁ ଅନୁମତି ନେବାକୁ ପଡ଼ିବ। ଏଥିପାଇଁ ପାସ୍ ବ୍ୟବସ୍ଥା କରାଯାଇଛି। ସମଗ୍ର ପଶ୍ଚିମ ଓଡ଼ିଶାରେ ଏହା କାର୍ଯ୍ୟକାରୀ ହେବ। ସମସ୍ତ ଜିଲା ଓକିଲ ସଂଘ ସହ ଏ ସମ୍ପର୍କିତ ଆଲୋଚନା ହୋଇଥିବା ସମ୍ବଲପୁର ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ କହିଛନ୍ତି।

- ସ୍ୱାସ୍ଥ୍ୟ, ଜରୁରୀ ସେବା ପାଇଁ କୋହଳ
- ସ୍କୁଲ, କଲେଜ, ଦୋକାନବଜାର ବନ୍ଦ ରହିବ
- ରେଳରୋକୋ କରାଯିବ

ଜିଲାର ପ୍ରାୟ ୨ଶହ ଅନୁଷ୍ଠାନ ମହାବନ୍ଦରେ ସାମିଲ୍ ହୋଇଥିବା ସେ ଜଣାଇଛନ୍ତି। ମହାବନ୍ଦ ଶାନ୍ତିପୂର୍ଣ୍ଣ ହେବ। ହିଂସାତ୍ମକ ଆଚରଣକୁ ପ୍ରଶ୍ରୟ ଦିଆଯିବ ନାହିଁ। କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ଦେଖାଦେଲେ ଜିଲା ଓକିଲ ସଂଘକୁ ଯୋଗାଯୋଗ କରିବାକୁ ଆନ୍ଦୋଳନକାରୀଙ୍କୁ ଜଣାଇ ଦିଆଯାଇଛି। ଏହି ମହାବନ୍ଦ ସମୟରେ ଯଦି ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ନେଇ ସବୁଜ ସଙ୍କେତ ଦିଅନ୍ତି ଓକିଲ ସଂଘ ତତ୍‌କ୍ଷଣାତ୍ ଆନ୍ଦୋଳନରୁ ଓହରିଯିବ ବୋଲି ସଭାପତି ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ସେପ୍ଟମ୍ବର ୫ ତାରିଖରୁ ଓକିଲମାନେ ଆନ୍ଦୋଳନ ଚଳାଇଛନ୍ତି। ପ୍ରଥମେ ସେମାନେ କୋର୍ଟ ଓ ରାଜସ୍ୱ କୋର୍ଟ କାର୍ଯ୍ୟ ବନ୍ଦ କରିଥିଲେ। ନଭେମ୍ବର ୧୯ ତାରିଖରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ବନ୍ଦ ରହିଛି। ପ୍ରତିଦିନ ରିଲେ ଆମରଣ ଅନଶନ କରାଯାଉଛି ।




KiiT International School
[A CONSTITUENT OF KIIT GROUP OF INSTITUTIONS]
Selfless Service Endless Learning
IB WORLD SCHOOL
Cambridge Assessment International Education
Cambridge International School

NURSERY TO GRADE XII, CBSE (SCIENCE, HUMANITIES & COMMERCE)
GRADES XI & XII, IBDP (INTERNATIONAL BACCALAUREATE DIPLOMA PROGRAMME)
& GRADES VII-X, CAMBRIDGE IGCSE

1ST RANKED IN EASTERN INDIA & ODISHA

ADMISSIONS OPEN
FOR NURSERY TO GRADE-XI, 2019-2020
(Limited Seats only)


KiiT International School is proud to have iconic writer Padma Bhushan Ruskin Bond as its Goodwill Ambassador

- RANKED 7TH IN INDIA (EDUCATION WORLD)
- A+++ CATEGORY (PIONEER GROUP)
- RATED AMONG TOP 20 SCHOOLS IN INDIA (ENGINEERING WATCH)
- INTERNATIONAL SCHOOL AWARD WINNER (BCI)

- Indian and Foreign University Career Counselling Support Programme
- Offering Day-boarding & Full-boarding programmes with world-class facilities
- 24x7 Health Care by KIMS Super-speciality Hospital
- 'Renaissance' Digital Innovation Lab, Intel Hub, Mayo Clinic Support & Anweshika Centre, 3D Educational Studio
- Ideal Teacher-Student ratio of 1:10
- Wi-fi, Air-conditioned & CC TV surveillance Campus

Eligibility Criteria for provisional admission into CBSE (Grade-XI) & IBDP (Year 1)
- For XI (Science) & Year 1 (IBDP) 80% or above in 9th Final / 10th Pre-Board
- For XI (Commerce & Humanities) 70% or above in 9th Final / 10th Pre-Board
- Register Online/Offline

Campus-9, KIIT, Patia, Bhubaneswar-751024, Odisha, Contact: (0674) 2725 805, 9437061572, 7894905658, 9078399610, 9937220263 (IGCSE & IBDP)
Fax: (0674) 2726 115, Website: www.kiitis.ac.in, E-mail: kiitis@kiitis.ac.in





ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଭାରତ ସରକାର

"ରାଷ୍ଟ୍ରୀୟ ଦକ୍ଷତା ବିକାଶ ମିଶନ ଗରିବ ଯୁବକମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ଏକ ପ୍ରୟାସ"
ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ, ଭାରତ ସରକାର

କୁଶଳୀ ହେବା, ସ୍ୱାଭିମାନ ସହ ବଞ୍ଚିବା




ବିଶ୍ୱସ୍ତରୀୟ ଦକ୍ଷତା ବିକାଶ ଟ୍ରେନିଂ
ଔଦ୍ୟୋଗିକ ୱେଲଡିଙ୍ଗ୍, ଔଦ୍ୟୋଗିକ ଇଲେକ୍‌ଟ୍ରିସିଆନ୍, କମ୍ପ୍ୟୁଟର ଡାଟା ଆପ୍ଲିକେସନ, ଫିଟର ଫେବ୍ରିକେସନ, ପାଇପ ଫିଟର (ସିଜିଡ଼ି) ଏବଂ ଇନ୍‌ଷ୍ଟ୍ରୁମେଣ୍ଟେସନ୍ କ୍ଷେତ୍ରରେ ଦକ୍ଷତା ବିକାଶ ପାଠ୍ୟକ୍ରମ



ସାର୍ଟିଫିକେଟ୍ ପାଠ୍ୟକ୍ରମ

| | ପାଠ୍ୟକ୍ରମ ବିଷୟବସ୍ତୁ | ନାମଲେଖା ପାଇଁ ସର୍ବନିମ୍ନ* ଶିକ୍ଷାଗତ ଯୋଗ୍ୟତା | ସର୍ବନିମ୍ନ ବୟସ | ପାଠ୍ୟକ୍ରମ ଅବଧି |
|---|---|---|---|---|
| ୧. | ଔଦ୍ୟୋଗିକ ୱେଲଡିଙ୍ଗ୍ (ଆବାସିକ) | ଦଶମ/+୨/ଆଇଟିଆଇ | ୧୮ ବର୍ଷ | ୬ ମାସ |
| ୨. | ଔଦ୍ୟୋଗିକ ଇଲେକ୍‌ଟ୍ରିସିଆନ୍ (ଆବାସିକ) | +୨/ଆଇଟିଆଇ | ୧୮ ବର୍ଷ | ୬ ମାସ |
| ୩. | କମ୍ପ୍ୟୁଟର ଡାଟା ଆପ୍ଲିକେସନ (ଅଣଆବାସିକ) | +୩ (କେବଳ ମହିଳା) | ୧୮ ବର୍ଷ | ୩ ମାସ |
| ୪. | ଫିଟର ଫେବ୍ରିକେସନ (ଆବାସିକ) | ଦଶମ/+୨/ଆଇଟିଆଇ | ୧୮ ବର୍ଷ | ୬ ମାସ |
| ୫. | ଇନ୍‌ଷ୍ଟ୍ରୁମେଣ୍ଟେସନ୍ (ଆବାସିକ) | ଡିପ୍ଲୋମା | ୧୮ ବର୍ଷ | ୬ ମାସ |
| ୬. | ପାଇପ ଫିଟର ସିଜିଡ଼ି (ଆବାସିକ) | ଦଶମ/+୨/ଆଇଟିଆଇ | ୧୮ ବର୍ଷ | ୩ ମାସ |

ପାଠ୍ୟକ୍ରମ ବିଷୟରେ ଅଧିକ ସୂଚନା:
*କମ୍ପ୍ୟୁଟର ଡାଟା ଆପ୍ଲିକେସନ ପାଠ୍ୟକ୍ରମ ପାଇଁ କେବଳ ଛାତ୍ରୀ/ମହିଳାମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଏହି ପାଠ୍ୟକ୍ରମ ଅଣଆବାସିକ ଅଟେ। ପାଠ୍ୟକ୍ରମର ପଞ୍ଜୀକରଣ ଦେୟ ୧୦୦୦ ଟଙ୍କା ଯାହାକି ପଞ୍ଜୀକରଣ ସମୟରେ ପଇଠ କରିବାକୁ ହେବ।
- NSDC ଦ୍ୱାରା ସାର୍ଟିଫିକେଟ୍ ଅନୁମୋଦନ
- NTTF ଦ୍ୱାରା ଟ୍ରେନିଂ ବ୍ୟବସ୍ଥା
- କର୍ମ ନିଯୋଜନର ସୁଯୋଗ
- * ସର୍ତ୍ତାବଳୀ ଲାଗୁ

୬ ମାସ/୩ ମାସ ପାଠ୍ୟକ୍ରମ ଅବଧି : ଛାତ୍ରାବାସ, ପାଠ୍ୟକ୍ରମ ସାମଗ୍ରୀ, ଖାଦ୍ୟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଶିକ୍ଷାନୁଷ୍ଠାନ ତରଫରୁ ସାମାଜିକ ଦାୟିତ୍ୱବୋଧତା କାର୍ଯ୍ୟକ୍ରମରେ ଯୋଗାଇ ଦିଆଯିବ। ଏହି ପାଠ୍ୟକ୍ରମର ପଞ୍ଜୀକରଣ ଦେୟ ୫୦୦୦/୩୦୦୦ ଟଙ୍କା ଯାହାକି ୪/୩ଟି କିସ୍ତିରେ ପଇଠ କରାଯାଇପାରିବ। ଆବେଦନ କରିବା ପାଇଁ ପାର୍ଶ୍ୱରେ ଦିଆଯାଇଥିବା ଆବେଦନପତ୍ରଟିକୁ ପୂରଣ କରି ଏହାର ଫଟୋଚିତ୍ର (Scan Copy) support@sdibhubaneswar.in କୁ ଇମେଲ୍ (Email) କରନ୍ତୁ। ନିମ୍ନରେ ଦର୍ଶାଯାଇଥିବା ୱେବ୍‌ସାଇଟ୍‌ରେ ମଧ୍ୟ ଆବେଦନ କରାଯାଇପାରିବ। ଆବେଦନ କରିବାର ଶେଷ ତାରିଖ ୧୪.୧୨.୨୦୧୮। ୨୦ଟି ବିଭିନ୍ନ କେନ୍ଦ୍ରରେ ଆୟୋଜିତ ଲିଖିତ ପରୀକ୍ଷା ଭିତ୍ତିରେ ଚୟନ କରାଯିବ। ୧୬.୧୨.୨୦୧୮ରେ ସକାଳ ୯.୩୦ ସମୟରେ ପ୍ରଦତ୍ତ କେନ୍ଦ୍ରମାନଙ୍କରେ ପରୀକ୍ଷା ଆୟୋଜନ କରାଯିବ: ଭୁବନେଶ୍ୱର, କଟକ, ଅନୁଗୋଳ, ବାଲେଶ୍ୱର, ବାରିପଦା, କେନ୍ଦୁଝର, ରାଉରକେଲା, ସମ୍ବଲପୁର, ବଲାଙ୍ଗୀର, ନବରଙ୍ଗପୁର, ଭବାନୀପାଟଣା, ଜୟପୁର, ମାଲକାନଗିରି, ଫୁଲବାଣୀ, ବ୍ରହ୍ମପୁର, ନୟାଗଡ଼, ଦେଓଗଡ଼, ଗଜପତି, ରାୟଗଡ଼ା ଏବଂ କେନ୍ଦ୍ରାପଡ଼ା।

କ୍ୟାମ୍ପସ୍ ଚୟନ ପାଇଁ ପ୍ରତିଷ୍ଠିତ ସଂସ୍ଥାନମାନଙ୍କୁ ଆହ୍ୱାନ: ଦକ୍ଷ ମାନବ ସମ୍ବଳ ନିଯୁକ୍ତି ପାଇଁ ପ୍ରତିଷ୍ଠିତ ସର୍ବଭାରତୀୟ ଏବଂ ଅନ୍ତର୍ଜାତୀୟ ସଂସ୍ଥାନମାନଙ୍କୁ ସ୍କିଲ୍ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍, ଭୁବନେଶ୍ୱର କ୍ୟାମ୍ପସ୍ ଚୟନ କାର୍ଯ୍ୟକ୍ରମରେ ଭାଗନେବାକୁ ଅନୁରୋଧ।

ଏହି ପାଠ୍ୟକ୍ରମ ବିଷୟରେ ଅଧିକ ଜାଣିବା ପାଇଁ ଏବଂ କୌଣସି ପରିବର୍ତ୍ତିତ ସୂଚୀ ପାଇଁ ସ୍କିଲ୍ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍, ସେଡ୍-74, ସେକ୍ଟର-ଏ, ଜୋନ-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର-751010 ସହ ଯୋଗାଯୋଗ କରନ୍ତୁ କିମ୍ବା ଫୋନ୍ ନଂ. : 0674-2581054/49କୁ କଲ୍ କରନ୍ତୁ।
ଇମେଲ୍ : support@sdibhubaneswar.in, ୱେବ୍‌ସାଇଟ୍ : www.sdibhubaneswar.in

SKILL DEVELOPMENT INSTITUTE
ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଭୁବନେଶ୍ୱର
Skill India | NSDC National Skill Development Corporation | NTTF

ପ୍ରୋତ୍ସାହିତ କରୁଥିବା ଉଦ୍ୟୋଗ
IndianOil | ONGC | Bharat Petroleum | HP | GAIL (India) Limited | Oil India Limited Conquering Newer Horizons | EIL | Balmer Lawrie & Co Ltd

ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍
ସେଡ୍-74, ସେକ୍ଟର-ଏ, ଜୋନ-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର-751010
ଫୋନ୍ ନଂ. : 0674-2581054/49
ଇ-ମେଲ୍ : support@sdibhubaneswar.in, ୱେବ୍‌ସାଇଟ୍ : www.sdibhubaneswar.in

### ଆବେଦନ ପତ୍ର

| | | | | | |
|---|---|---|---|---|---|
| ୧ | ଛାତ୍ରଛାତ୍ରୀଙ୍କ ନାମ (ସ୍କୁଲ୍ ସାର୍ଟିଫିକେଟ୍ ଅନୁଯାୟୀ) | | | | |
| ୨ | ବୟସ ଏବଂ ଜନ୍ମ ତାରିଖ | ବୟସ | ତାରିଖ | ମାସ | ବର୍ଷ |
| ୩ | ଯୋଗାଯୋଗ ନଂ | | | | |
| ୪ | ଇ-ମେଲ୍ | | | | |
| ୫ | ପିତାମାତା/ଅଭିଭାବକଙ୍କ ନାମ | | | | |
| ୬ | ପିତାମାତା/ଅଭିଭାବକଙ୍କ ବୃତ୍ତି | | | | |
| ୭ | ପିତାମାତା/ଅଭିଭାବକଙ୍କ ବାର୍ଷିକ ଆୟ | | | | |

ବର୍ତ୍ତମାନର ପାସ୍‌ପୋର୍ଟ ଫଟୋ ଲଗାନ୍ତୁ

| ସ୍ଥାୟୀ ଠିକଣା | ଯୋଗାଯୋଗ ଠିକଣା |
|---|---|
| ଘର ନାମ/ସଂଖ୍ୟା : | ଘର ନାମ/ସଂଖ୍ୟା : |
| ରାସ୍ତା/ସ୍ଥାନ.: | ରାସ୍ତା/ସ୍ଥାନ.: |
| ସହର : ଜିଲ୍ଲା: | ସହର : ଜିଲ୍ଲା: |
| ରାଜ୍ୟ : ପିନ୍ : | ରାଜ୍ୟ : ପିନ୍ : |

ଶିକ୍ଷାଗତ ଯୋଗ୍ୟତା

| | ଇନ୍‌ଷ୍ଟିଚ୍ୟୁଟ୍‌ର ନାମ | ସମୁଦାୟ ମାର୍କ (ପ୍ରତିଶତ) | ପାସ୍ କରିଥିବା ବର୍ଷ |
|---|---|---|---|
| ଦଶମ | | | |
| ଦ୍ୱାଦଶ | | | |
| ଆଇଟିଆଇ | | | |
| ଡିପ୍ଲୋମା | | | |
| ସ୍ନାତକ | | | |
| ଅନ୍ୟାନ୍ୟ | | | |

ବର୍ଗ: ସାଧାରଣ ☐ ଓବିସି ☐ ଏସ୍‌ସି ☐ ଏସ୍‌ଟି ☐ ପିଡବ୍ଲ୍ୟୁଡି ☐ ଅନ୍ୟାନ୍ୟ ☐

ଆବେଦନ କରୁଥିବା ପାଠ୍ୟକ୍ରମ (ଠିକ୍ [√ ] ଚିହ୍ନ ଦର୍ଶାନ୍ତୁ)
- ଔଦ୍ୟୋଗିକ ୱେଲଡିଙ୍ଗ୍ ☐
- ଇଲେକ୍‌ଟ୍ରିସିଆନ୍ ☐
- କମ୍ପ୍ୟୁଟର ଡାଟା ଆପ୍ଲିକେସନ ☐
- ଫିଟର ଫେବ୍ରିକେସନ ☐
- ଇନ୍‌ଷ୍ଟ୍ରୁମେଣ୍ଟେସନ୍ ☐
- ପାଇପ ଫିଟର (ସିଜିଡ଼ି) ☐

ପରୀକ୍ଷା ଦେବାକୁ ଚାହୁଁଥିବା କେନ୍ଦ୍ରର ନାମ (ପରୀକ୍ଷା କେନ୍ଦ୍ରର ନାମ ତାଲିକା ଦେଖନ୍ତୁ)

ଆବେଦନକାରୀଙ୍କ ସାକ୍ଷର | ପିତାମାତା/ଅଭିଭାବକଙ୍କ ସାକ୍ଷର | ତାରିଖ : ସ୍ଥାନ:

### ଲିଖିତ ପରୀକ୍ଷା ହେବାକୁ ଥିବା ସ୍ଥାନ ଏବଂ ପରୀକ୍ଷା କେନ୍ଦ୍ର ଠିକଣା

| କେନ୍ଦ୍ର/ଜିଲ୍ଲା | ପରୀକ୍ଷା କେନ୍ଦ୍ରର ଠିକଣା | କେନ୍ଦ୍ର/ଜିଲ୍ଲା | ପରୀକ୍ଷା କେନ୍ଦ୍ରର ଠିକଣା | କେନ୍ଦ୍ର/ଜିଲ୍ଲା | ପରୀକ୍ଷା କେନ୍ଦ୍ରର ଠିକଣା |
|---|---|---|---|---|---|
| ଭୁବନେଶ୍ୱର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଭୀମଟାଙ୍ଗୀ, ଫେଜ୍-୨, ଓଲ୍ଡ ଟାଉନ | ସମ୍ବଲପୁର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସିଦ୍ଧେଶ୍ୱର ବର୍ନ୍ନା, ରେଲୱେ ଫାଟକ | ବ୍ରହ୍ମପୁର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମାବତୀ ବିହାର, ଗୋଶାଣୀ ନୂଆଗାଁ |
| କଟକ | ଶିଶୁମନ୍ଦିର, ପୋତାପୋଖରୀ ନୟାବଜାର, କଟକ | ବଲାଙ୍ଗୀର | ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନମନ୍ଦିର ସା-କଦମପଡ଼ା | ନୟାଗଡ଼ | ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ଖଣ୍ଡପଡ଼ା ରୋଡ୍ |
| ଅନୁଗୋଳ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଟିଭି ସେଣ୍ଟର ରୋଡ୍ | ନବରଙ୍ଗପୁର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସା-ନୂଆଗଡ଼ | ଦେଓଗଡ଼ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପୁରୁଣାଗଡ଼, ଦେଓଗଡ଼ |
| ବାଲେଶ୍ୱର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସା/ପୋ-ବାଲିଆ | ଭବାନୀପାଟଣା | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସା-ବ୍ରଜ ବିହାର, ମନ୍ଦିର ବଗିଚା ପଡ଼ା | ଗଜପତି | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଂସ୍କୃତ ମହାବିଦ୍ୟାଳୟ ପାଖ, ପାରଳାଖେମୁଣ୍ଡି |
| ବାରିପଦା | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସା/ପୋ-ତୁଳସୀ ଚଉଁରା | ଜୟପୁର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସା-ସାରଦା ବିହାର | ରାୟଗଡ଼ା | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗାୟତ୍ରୀ ନଗର, ରାୟଗଡ଼ା |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବଣିଆପାଟ | ମାଲକାନଗିରି | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସା/ପୋ-ମାଲକାନଗିରି | କେନ୍ଦ୍ରାପଡ଼ା | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରହରାଜପୁର, ପଟ୍ଟାମୁଣ୍ଡାଇ |
| ରାଉରକେଲା | ଇସ୍ପାତ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ସେଣ୍ଟର ଦଳପୋଷ, ଜବାଘାଟ | ଫୁଲବାଣୀ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନାରାୟଣୀ ମାର୍ଗ | | |

ଉକ୍ତ ଫର୍ମକୁ ପୂରଣକରି ଡାକଯୋଗେ ଉପରୋକ୍ତ ଠିକଣାରେ ପଠାଇବେ କିମ୍ବା ଏହାର ଫଟୋଚିତ୍ର (Scan Copy) support@sdibhubaneswar.in କୁ ଇମେଲ୍ (Email) କରନ୍ତୁ। ଆବେଦନ ଫର୍ମ ଗ୍ରହଣ କରିବାର ଶେଷ ତାରିଖ ୧୪.୧୨.୨୦୧୮ ଅଟେ। ୧୬.୧୨.୨୦୧୮ ତାରିଖରେ ଦର୍ଶାଯାଇଥିବା ପରୀକ୍ଷା କେନ୍ଦ୍ରରେ ଲିଖିତ ପରୀକ୍ଷା କରାଯିବ।
ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ, ସେମାନେ ଫର୍ମରେ ଚୟନ କରିଥିବା ପରୀକ୍ଷା କେନ୍ଦ୍ରରେ ୧୬.୧୨.୨୦୧୮ ତାରିଖରେ ସକାଳ ୯.୩୦ ସମୟରେ ଲିଖିତ ପରୀକ୍ଷା ପାଇଁ ନିଜର ଫଟୋ ପରିଚୟପତ୍ର ସହିତ ଉପସ୍ଥିତ ରହିବେ।

ଜଣେ ନିଜର ଶୁଭେଚ୍ଛା ଦ୍ୱାରା ବହୁତ କିଛି ପରିବର୍ତ୍ତନ କରିପାରେ। କିନ୍ତୁ ତାହା ସଂପୂର୍ଣ୍ଣ ପବିତ୍ର ଓ ଅବିମିଶ୍ର ଶୁଭେଚ୍ଛା ହେବା ଉଚିତ। ...ଐକାନ୍ତିକ ଡାକ ନିଶ୍ଚୟ ପହୁଁଚେ। ଏବଂ ତା'ର ଉତ୍ତର ଆସେ।
–ଶ୍ରୀମା



# ସାମୁଦ୍ରିକ ଖାଦ୍ୟରେ ଶଙ୍ଖୁଆ ବିଷ



ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

କିଛିଦିନ ତଳେ କୁକୁଡ଼ା ଖାଦ୍ୟରେ ଜାଣିଶୁଣି ଆର୍ସେନିକ୍ ମିଶାଯାଉଥିବା ବିଷୟରେ ଏହି ସ୍ତମ୍ଭରେ ଲେଖିଥିଲି ଏବଂ ଏହା ମଣିଷର ସ୍ୱାସ୍ଥ୍ୟ ପାଇଁ କିପରି କ୍ଷତିକାରକ ସେ ବିଷୟରେ ମଧ୍ୟ ଲେଖିଥିଲି। ଆର୍ସେନିକ୍‌ର ଆଉ ଏକ ଉତ୍ସ ରହିଛି, ଯାହା ଜାଣିଶୁଣି ମିଶାଯାଇ ନ ଥାଏ। ଏହା ଶଙ୍ଖ, କଙ୍କଡ଼ା, ଶାମୁକା, ଗେଣ୍ଡା ଏବଂ ବିଭିନ୍ନ ପ୍ରକାର ସାମୁଦ୍ରିକ ଖାଦ୍ୟରେ ଥାଏ। ଏହା ଶଙ୍ଖ ପ୍ରଭୃତିରେ ଥିବାରୁ ଓଡ଼ିଆରେ ଏହାକୁ ଶଙ୍ଖୁଆ ବିଷ କୁହାଯାଏ। ଆର୍ସେନିକ୍ ହେଉଛି ଏକ ଗନ୍ଧହୀନ ଓ ସ୍ୱାଦହୀନ ମୌଳିକ, ଯାହା କାଠ ସଂରକ୍ଷକ, ରାସାୟନିକ ସାର, ପ୍ରାଣୀ ଖାଦ୍ୟ ଏବଂ ଅନ୍ୟାନ୍ୟ ଶିଳ୍ପ ଓ କୃଷି କାର୍ଯ୍ୟରେ ବ୍ୟବହୃତ ହୁଏ। ଲେଡ୍ (ସୀସା), ମର୍କ୍ୟୁରୀ (ପାରଦ) ଓ ଅନ୍ୟ ଭାରି ଧାତୁ ପରି ଫସଲରେ ପ୍ରୟୋଗ ହେବା ପରେ ଆର୍ସେନିକ୍ ମାଟିରେ ବର୍ଷ ବର୍ଷ ଧରି ରହିପାରେ। ଆର୍ସେନିକ୍ ଜୈବ ଓ ଅଜୈବ ଦୁଇଟି ରୂପରେ ଉପଲବ୍ଧ। ଜୈବକୁ କମ୍ କ୍ଷତିକାରକ ଓ ଅଜୈବକୁ ଅତିଶୟ କ୍ଷତିକାରକ ବୋଲି ବିବେଚନା କରାଯାଏ।

ବିଭିନ୍ନ ଖାଦ୍ୟ ଦ୍ରବ୍ୟରେ ମିଳୁଥିବା ଜୈବ ଆର୍ସେନିକ୍ ଯୌଗିକଗୁଡ଼ିକ ମଧ୍ୟରେ ଅଛି ମନୋମିଥାଇଲ ଆର୍ସୋନିକ୍ ଏସିଡ୍, ଡାଇମିଥାଇଲ ଆର୍ସୋନିକ୍ ଏସିଡ୍, ଆର୍ସେନୋବିଟେନ୍, ଆର୍ସେନୋକୋଲାଇନ୍, ଆର୍ସେନୋସୁଗାର୍ସ ଓ ଆର୍ସେନୋଲିପିଡ୍‌ସ। ସାମୁଦ୍ରିକ ଖାଦ୍ୟଗୁଡ଼ିକରେ ଉଚ୍ଚମାତ୍ରାର ଆର୍ସେନିକ୍ ଯୌଗିକ ଥାଏ। ଏଥିରେ ମୁଖ୍ୟତଃ ଆର୍ସେନୋବିଟେନ୍ ମିଳେ। ବିଭିନ୍ନ ପ୍ରକାର ଫିନ୍‌ଫିଶ୍, କଙ୍କଡ଼ା ଓ ଶାମୁକା ପ୍ରଭୃତିରେ ଡାଇମିଥାଇଲ ଆର୍ସୋନିକ୍ ଏସିଡ୍ ବା ମନୋମିଥାଇଲ ଆର୍ସୋନିକ୍ ଏସିଡ୍ ଥାଏ। ମୁଖ୍ୟତଃ ଚିଙ୍ଗୁଡ଼ିରେ ମିଳୁଥିବା ଆର୍ସେନୋକୋଲାଇନ୍ ରାସାୟନିକ ଦୃଷ୍ଟିରୁ ଆର୍ସେନୋବିଟେନ୍‌ର ଅନୁରୂପ। ସାମୁଦ୍ରିକ ଶାମୁକାଗୁଡ଼ିକରେ ଆର୍ସେନୋସୁଗାର୍ସ ଓ ଆର୍ସେନୋଲିପିଡ୍‌ସ ଥିବା ନିକଟରେ ଚିହ୍ନଟ କରାଯାଇଛି। ମଣିଷର ପରିସ୍ରାରେ ଲିଟର ପିଛା ସର୍ବାଧିକ ୩୫ ମାଇକ୍ରୋଗ୍ରାମ୍ ଆର୍ସେନିକ୍ ରହିବା ନିରାପଦ ବୋଲି ଆମେରିକାର ମାନଦଣ୍ଡ ଅନୁସାରେ କଥିତ ଥିବାବେଳେ ସାମୁଦ୍ରିକ ଖାଦ୍ୟ ଖାଉଥିବା ଲୋକଙ୍କଠାରେ ଏହାର ପରିମାଣ ଯଥେଷ୍ଟ ବୃଦ୍ଧି ପାଇବାର ଆଶଙ୍କା ଅଛି। ଭାରତୀୟମାନଙ୍କ ପାଇଁ କୌଣସି ମାନକ ସ୍ଥିର କରାଯାଇ ନାହିଁ, କିନ୍ତୁ ସାମୁଦ୍ରିକ ଖାଦ୍ୟରେ ନିରାପଦ ସ୍ତରଠାରୁ ଯଥେଷ୍ଟ ଅଧିକ ପରିମାଣରେ ଆର୍ସେନିକ୍ ଥାଏ। ସବୁ ପ୍ରକାର ସାମୁଦ୍ରିକ ଖାଦ୍ୟରେ ଆର୍ସେନିକ୍ ଥାଏ। କିନ୍ତୁ ସମୁଦ୍ରରେ ରହୁଥିବା କଠିନ ଖୋଳଯୁକ୍ତ ଦ୍ୱିକପାଟୀ ପ୍ରାଣୀ (ଶାମୁକା, କଉଡ଼ି ପ୍ରଭୃତି), ସନ୍ଧିପଦ (କଙ୍କଡ଼ା, ଚିଙ୍ଗୁଡ଼ି ପ୍ରଭୃତି) ଏବଂ ଫିନ୍‌ଫିଶ୍ ଓ ସାମୁଦ୍ରିକ ଗୁଳ୍ମ ପ୍ରଭୃତିରେ ଅଧିକ ଆର୍ସେନିକ୍ ଥାଏ, ଯେଉଁଗୁଡ଼ିକ ସାଧାରଣତଃ ଜାପାନୀ ଓ ଚାଇନିଜ୍ ଖାଦ୍ୟରେ ବ୍ୟବହୃତ ହୁଏ।

ଆର୍ସେନୋବିଟେନ୍ ଜୈବ ହୋଇଥିବାରୁ ଏହାକୁ କମ୍ ବିଷାକ୍ତ ବୋଲି ଧରାଯାଏ। ସେଥିପାଇଁ କୁକୁଡ଼ାମାନଙ୍କୁ ଶୀଘ୍ର ମୋଟା କରିବା ଓ ଅଧିକ ଲାଲ ଦେଖାଯିବା ପାଇଁ ସେମାନଙ୍କୁ ରୋକ୍ସାର୍ସୋନ୍ ରୂପରେ ଆର୍ସେନିକ୍ ଦିଆଯାଏ। କିନ୍ତୁ ୨୦୧୧ ମସିହାରେ ପ୍ରମାଣ କରାଯାଇଛି ଯେ, ଏହି ଆର୍ସେନିକ୍ କୁକୁଡ଼ାଙ୍କ ଶରୀରକୁ ଯିବା ପରେ ଜୈବରୁ ଅଜୈବ (ବିଷାକ୍ତ) ହୋଇଯାଏ ଏବଂ ରନ୍ଧା ହେବା ପରେ ଆହୁରି ବିଷାକ୍ତ ହୋଇଯାଏ। ଶାମୁକା ପ୍ରଭୃତିରୁ ପ୍ରସ୍ତୁତ କ୍ୟାଲସିୟମ୍ ଓ ଅନ୍ୟ ଔଷଧରେ ମଧ୍ୟ ଉଚ୍ଚମାତ୍ରାର ଆର୍ସେନିକ୍ ଥାଇପାରେ। ସଂକ୍ରମିତ ପାନୀୟ ଜଳ ଓ ଦୂଷିତ ବାୟୁ ସେବନ ପ୍ରତି ଅଧିକ ଚିନ୍ତା ପ୍ରକଟ କରାଯାଉଛି, କିନ୍ତୁ ଖାଦ୍ୟରେ ମାତ୍ରାଧିକ ଆର୍ସେନିକ୍‌ର ଉପସ୍ଥିତି ପ୍ରତି ଆଖି ବୁଜିଦିଆଯାଉଛି। ଆମେରିକୀୟ ଖାଦ୍ୟରେ ୯୦ ପ୍ରତିଶତ ଆର୍ସେନିକ୍ ସାମୁଦ୍ରିକ ଖାଦ୍ୟରୁ ମିଳିଥାଏ। ଏହାକୁ ଗୁରୁତ୍ୱର ସହ ନିଆଯାଇ ନାହିଁ, କାରଣ ବିଚାର କରାଯାଉଛି ଯେ ଏହିସବୁ ଖାଦ୍ୟରେ କମ୍ ପରିମାଣର ଅଜୈବ ଓ ଅଧିକ ପରିମାଣର ଜୈବ ଆର୍ସେନିକ୍ ଥାଏ। କିନ୍ତୁ ନିକଟରେ ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଛି ଯେ, ଏହା ମୂଷାଙ୍କଠାରେ କ୍ୟାନ୍‌ସର ରୋଗ ସୃଷ୍ଟି କରିଛି। ବୈଜ୍ଞାନିକ ବୋରାକ ଓ ହୋସ୍‌ଗୁଡ ସାମୁଦ୍ରିକ ଖାଦ୍ୟରେ ଥିବା ଆର୍ସେନିକ୍‌ର ବିପଦ ସମ୍ପର୍କରେ ବିଶ୍ଳେଷଣ କରି ମତ ଦେଇଛନ୍ତି ଯେ, ଏହି ଖାଦ୍ୟ ମଣିଷ ପାଇଁ ନିରାପଦ ନୁହେଁ। ଅଷ୍ଟ୍ରିଆର ଗ୍ରାଜ୍ ବିଶ୍ୱବିଦ୍ୟାଳୟରେ ୨୦୧୩ରେ କରାଯାଇଥିବା ଅନୁଧ୍ୟାନ ଅନୁସାରେ ଯେଉଁ ସାମୁଦ୍ରିକ ଖାଦ୍ୟ ନିରାପଦ ମନେ କରାଯାଉଥିଲା, ତାହା ପ୍ରକୃତରେ ବିଷାକ୍ତ। ପୁଣି ଗବେଷଣାରୁ ଜଣାପଡ଼ିଛି ଯେ, କେତେକ ମଣିଷଙ୍କ ଦେହରୁ ଆର୍ସେନିକ୍ ପରିସ୍ରା ବାଟେ ବାହାରି ଯାଉଥିବା ବେଳେ ଆଉ କେତେକଙ୍କ ଦେହରେ ଦୀର୍ଘଦିନ ଯାଏ ରହି କ୍ଷତି କରିଥାଏ।

ଉକ୍ତ ବିଶ୍ୱବିଦ୍ୟାଳୟର ଗବେଷକ ଫ୍ରାନ୍‌ସେସ୍କୋନି ଓ ତାଙ୍କ ସହଯୋଗୀମାନେ ଛଅଜଣ ସ୍ୱେଚ୍ଛାସେବୀଙ୍କୁ ଜୈବିକ ଆର୍ସେନିକ୍ ଖାଇବାକୁ ଦେଲେ। ପ୍ରଥମେ ଗବେଷକମାନେ ୫୦ ଜଣ ଲୋକଙ୍କଠାରେ ଏହା ପରୀକ୍ଷା କରିବାକୁ ଚାହିଁଥିଲେ। କିନ୍ତୁ ବିପଦର ଆଶଙ୍କା ଥିବାରୁ ଏହି ସଂଖ୍ୟା କମାଇ ଦିଆଯାଇଥିଲା। ତା'ପରେ ଚାରିଦିନ ଧରି ଉକ୍ତ ଛଅଜଣଙ୍କର ପରିସ୍ରା ଓ ରକ୍ତ ପରୀକ୍ଷା କରାଯାଇଥିଲା। ଏଥିରୁ ଜଣାପଡ଼ିଲା ଯେ, ଚାରିଦିନରେ ଚାରିଜଣଙ୍କ ଦେହରୁ ୮୫ ପ୍ରତିଶତ ଆର୍ସେନିକ୍ ପରିସ୍ରା ବାଟେ ବାହାରିଗଲା ଏବଂ ସେଥିମଧ୍ୟରୁ ଅଧିକାଂଶ (୯୫%) ପ୍ରଥମ ଦିନରେ ହିଁ ବାହାରି ଯାଇଥିଲା। ଅନ୍ୟ ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କର ୧୫ ପ୍ରତିଶତ ଏବଂ ଅନ୍ୟ ଜଣଙ୍କର ମାତ୍ର ୪ ପ୍ରତିଶତ ଆର୍ସେନିକ୍ ପରିସ୍ରା ବାଟେ ବାହାରି ଯାଇଥିଲା ଓ ଅବଶିଷ୍ଟ ସେମାନଙ୍କ ଦେହରେ ରହିଥିଲା। ଏହା ସ୍ୱାସ୍ଥ୍ୟ ପକ୍ଷେ ଆଦୌ ଶୁଭଙ୍କର ନୁହେଁ। ପୁଣି ପରୀକ୍ଷାରୁ ଜଣାପଡ଼ିଛି ଯେ, ଜୈବ ଆର୍ସେନିକ୍ ଶରୀର ଭିତରେ ଅଜୈବ ବିଷାକ୍ତ ଆର୍ସେନିକ୍‌ରେ ପରିଣତ ହୋଇପାରେ। ତେଣୁ ଜୈବ ଆର୍ସେନିକ୍–ବହୁଳ ସାମୁଦ୍ରିକ ଖାଦ୍ୟ ଆଦୌ ନିରାପଦ ନୁହେଁ।

ଶରୀରରେ ଆର୍ସେନିକ୍‌ର ମାତ୍ରା ଅଧିକ ହେଲେ ତାହା ପ୍ରାଣଘାତୀ ହୋଇପାରେ। କମ୍ ପରିମାଣର ଆର୍ସେନିକ୍ ଓକାର, ବାନ୍ତି କରାଇବା ସହ ଶରୀରରେ ଥିବା ଲୋହିତ ଓ ଶ୍ୱେତ ରକ୍ତକଣିକାର ପରିମାଣ କମାଇଦେଇପାରେ। ଏହା ଅସ୍ୱାଭାବିକ ହୃତ୍‌ସ୍ପନ୍ଦନର କାରଣ ହେବା ସହ ରକ୍ତନାଳୀରେ କ୍ଷତି ପହଞ୍ଚାଇପାରେ ଏବଂ ହାତ ଓ ପାଦରେ ଛୁଞ୍ଚି ଫୋଡ଼ିଲା ଭଳିଆ ଅନୁଭବ ଆଣିଦିଏ। ଏହି କମ୍ ପରିମାଣର ଆର୍ସେନିକ୍ ସଂସ୍ପର୍ଶରେ ଅଧିକ ଦିନ ଆସିଲେ ଚର୍ମ, ମୂତ୍ରାଶୟ ଓ ଫୁସ୍‌ଫୁସ୍ କ୍ୟାନ୍‌ସର ହୋଇପାରେ। ଏହି କମ୍ ମାତ୍ରାର ଶଙ୍ଖୁଆ ବିଷ ସଂସ୍ପର୍ଶରେ ଦୀର୍ଘଦିନ ଆସିଲେ ହୃଦ୍‌ରୋଗ ହେବା ସହ ଫୁସ୍‌ଫୁସ୍ ନଷ୍ଟ ହୋଇ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ହୁଏ। ଚର୍ମର ରଙ୍ଗ ବଦଳିଯିବା ସହ ହାତ, ପାଦରେ ନାଲି ନାଲି ଫଳିଯାଏ। ସାମୁଦ୍ରିକ ଖାଦ୍ୟ ଆପଣ ଏବେ ଖାଇଥିଲେ ଅଳ୍ପ ପରିମାଣର ବିଷ ଦୀର୍ଘ ଦିନ ଯାଏ ଦେହରେ ରହି ୧୦ ବର୍ଷ ପରେ ତା'ର ପ୍ରଭାବ ଦେଖାଯାଇପାରେ। ନଖରେ ଧଳା ଧଳା ଗାର ଦେଖାଯାଏ ଏବଂ ବାହୁ ଓ ଛାତିରେ ଛଉ ହୋଇପାରେ। ଏଥି ସହ ମୁଣ୍ଡର ଚୁଟି ଉପୁଡ଼ିବା, ଆଖିରେ ପ୍ରଦାହ ଓ ଚକ୍ଷୁପଟଳ (କନୀନିକା)ରେ ଘାଆ ହୋଇପାରେ। ତା'ଛଡ଼ା ଡାଇବେଟିସ୍ ହେବାର ଆଶଙ୍କା ମଧ୍ୟ ବଢ଼ିଯାଏ। ଛୋଟ ପିଲା ଓ ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ଏହିସବୁ ବିପଦର ଆଶଙ୍କା ଆହୁରି ଅଧିକ। ପିଲାଙ୍କ ମସ୍ତିଷ୍କର ବିକାଶରେ ବାଧା ସୃଷ୍ଟି ହୁଏ। ଆର୍ସେନିକ୍ ଥାଇରଏଡ୍–ଜନିତ ସମସ୍ୟା ସୃଷ୍ଟି କରେ। ଆର୍ସେନିକ୍ ମଣିଷଠାରେ କେବଳ କ୍ୟାନ୍‌ସର ସୃଷ୍ଟି କରେ ନାହିଁ, ଏହା ପିଲାମାନଙ୍କ ଭବିଷ୍ୟତ ଜୀବନରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ଏନ୍‌ଭାଇରନ୍‌ମେଣ୍ଟାଲ ପ୍ରୋଟେକ୍ସନ ଏଜେନ୍ସି ମତରେ ଅଜୈବ ଆର୍ସେନିକ୍‌ର କୌଣସି ନିରାପଦ ମାତ୍ରା ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିଚାର ଅନୁସାରେ ଆର୍ସେନିକ୍ ୧୦ଟି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିକାରୀ ମଧ୍ୟରେ ଅନ୍ୟତମ। ତେଣୁ ଏଣିକି ସାମୁଦ୍ରିକ ଖାଦ୍ୟ ଖାଇବା ବେଳେ ଆପଣ ଏ ବିଷୟରେ ଥରେ ଚିନ୍ତା କରିବା ଉଚିତ।

Email: gandhim@nic.in

## ବାନ୍ଧବଗଡ଼ରୁ ସାତକୋଶିଆ



**ଡ. ତୁଷାରକାନ୍ତି ଦାସ**

ନାଁ ତା'ର ସୁନ୍ଦରୀ। ଯୌବନର ପ୍ରଥମ ସୋପାନରେ ପାଦ ଦେଇଥିବା ଦୁଇବର୍ଷ ବୟସର ବାଘୁଣୀ ସୁନ୍ଦରୀ ବାନ୍ଧବଗଡ଼ର ନିଜ ଘର ଛାଡ଼ି ସାତକୋଶିଆ ଆସିଥିଲା। ଯୁବ ମହାବଳ ବାଘ ସଙ୍ଗେ ମିଶି ଖୁସିରେ ଘରସଂସାର କରିବା ଲାଗି ରାଜ୍ୟ ବନ ବିଭାଗର ଭୁଲ୍ ନୀତି ଓ ଆନ୍ତଃପ୍ରାଦେଶିକ ବ୍ୟାଘ୍ର ସ୍ଥାନାନ୍ତରୀକରଣ ଯୋଜନାର ନିୟମ ଉଲ୍ଲଂଘନ ଯୋଗୁ ଘରସଂସାର କରିବା ତ ଦୂରର କଥା, ସାଥୀହରା ହୋଇ ମଣିଷଖିଆ ସାଜି ନିଶ୍ଚେତକ ଖାଇ ଜନ୍ତାରେ ପଡ଼ିରହିଛି।

ଦୁଇବର୍ଷ ବୟସର ବାଘୁଣୀ ସୁନ୍ଦରୀ ମଧ୍ୟପ୍ରଦେଶର ବାନ୍ଧବଗଡ଼ ଅଭୟାରଣ୍ୟରୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କ ଅନୁମୋଦନକ୍ରମେ ଆନ୍ତଃପ୍ରାଦେଶିକ ବ୍ୟାଘ୍ର ସ୍ଥାନାନ୍ତରୀକରଣ ପ୍ରକଳ୍ପ ଜରିଆରେ ଚଳିତ ବର୍ଷ ଜୁନ୍ ୨୭ ତାରିଖରେ ସାତକୋଶିଆ ଅଭୟାରଣ୍ୟର ରକ୍ଷଣ ଗୃହରେ ପହଞ୍ଚିଥିଲା। ସୁନ୍ଦରୀ ଆଗମନର ଏକ ସପ୍ତାହ ପୂର୍ବରୁ ସେହି ମଧ୍ୟପ୍ରଦେଶର କାହ୍ନା ବ୍ୟାଘ୍ର ଅଭୟାରଣ୍ୟରୁ ଯୁବ ମହାବଳ ବାଘ ଏମ୍‌ବି–୨ ମଧ୍ୟ ସାତକୋଶିଆ ଅଭୟାରଣ୍ୟକୁ ଆସିଥିଲା। କୁହାଯାଉଛି ଯେ, ଏହା ଆମ ଦେଶର ସର୍ବପ୍ରଥମ ଆନ୍ତଃପ୍ରାଦେଶିକ ବାଘ– ବାଘୁଣୀ ସ୍ଥାନାନ୍ତରୀକରଣ। ସାତକୋଶିଆ ଅଭୟାରଣ୍ୟରେ ବାଘମାନଙ୍କର ଚିନ୍ତାଜନକ ସଂଖ୍ୟାହ୍ରାସ ଯୋଗୁ ଏହି ସ୍ଥାନାନ୍ତରୀକରଣର ଆବଶ୍ୟକତା ପଡ଼ିଲା। ୨୦୦୭ ମସିହାରେ ଏଠାରେ ବାଘ ସଂଖ୍ୟା ୧୨ ଥିଲାବେଳେ ୨୦୧୮ରେ ଏଠାରେ ମାତ୍ର ୨ଟି ବାଘ ଅଛନ୍ତି। ୫୩୦ ବର୍ଗକିଲୋମିଟର ବ୍ୟାପ୍ତ ସାତକୋଶିଆ ଅଭୟାରଣ୍ୟରେ ତୃଣଭୋଜିଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଥିଲା ବେଳେ ବାଘମାନଙ୍କ ଚିନ୍ତାଜନକ ସଂଖ୍ୟାହ୍ରାସ ଅସନ୍ତୁଳିତ ପରିବେଶ ସୃଷ୍ଟି କରିଥିବାରୁ ବାଘ ବଂଶ ବିସ୍ତାର ନିମନ୍ତେ ବାନ୍ଧବଗଡ଼ରୁ ବାଘୁଣୀ ସୁନ୍ଦରୀ ଓ କାହ୍ନା ଅଭୟାରଣ୍ୟରୁ ଯୁବ ମହାବଳ ବାଘର ଆଗମନ ଅପରିହାର୍ଯ୍ୟ ହୋଇପଡ଼ିଲା। ପ୍ରାଣୀ ପ୍ରଜନନ ଓ ଆନୁବଂଶିକୀ ତତ୍ତ୍ୱ ଅନୁଯାୟୀ ଜଙ୍ଗଲର ହାତୀଠାରୁ ଆରମ୍ଭ କରି ସମୁଦ୍ରର ତିମି ପର୍ଯ୍ୟନ୍ତ ପ୍ରାଣୀମାନଙ୍କ ମଧ୍ୟରେ ବଂଶବିସ୍ତାର ନିମିତ୍ତ ଏକ ନିର୍ଦ୍ଦିଷ୍ଟ ଜାତିର ମାଈ ଓ ଅଣ୍ଡିରା ଏକାନ୍ତ ଆବଶ୍ୟକ।

ଜୁନ୍ ୧୯ ତାରିଖରେ ମଧ୍ୟପ୍ରଦେଶର କାହ୍ନା ଅଭୟାରଣ୍ୟରୁ ଯୁବ ମହାବଳ ବାଘ ଏମ୍‌ବି–୨କୁ ସାତକୋଶିଆ ଆଣି ରକ୍ଷଣଗୃହରେ ରଖିବାର ଏକ ସପ୍ତାହ ପରେ ବାନ୍ଧବଗଡ଼ରୁ ସୁନ୍ଦରୀକୁ ଆଣି ଅନ୍ୟ ଏକ ରକ୍ଷଣଗୃହରେ ରଖାଯାଇଥିଲା। ଏଠାରେ ୧୫ ଦିନର ରହଣି ପରେ ଯୁବ ମହାବଳଟିକୁ ସାତକୋଶିଆ ଅଭୟାରଣ୍ୟରେ ଛଡ଼ାଯାଇଥିଲା ବେଳେ ପ୍ରାୟ ପାଖାପାଖି ୨ ମାସର ବ୍ୟବଧାନ ପରେ ସୁନ୍ଦରୀକୁ ସେଠାରେ ଛଡ଼ାଗଲା। ଏଠାରେ ପ୍ରଶ୍ନ ଉଠୁଛି, ଯଦି ସାତକୋଶିଆରେ ବାଘବଂଶ ବିସ୍ତାର ଲାଗି ଏ ଦୁହିଁଙ୍କୁ ଅଣାଯାଇଥିଲା ତେବେ କାହିଁକି ରକ୍ଷଣଗୃହରୁ ଏକସଙ୍ଗେ ଅଭୟାରଣ୍ୟ ଭିତରେ ଛଡ଼ାଗଲା ନାହିଁ? ସୁନ୍ଦରୀକୁ ନ ପାଇ ଯୁବ ମହାବଳ ବାଘଟି ଅନ୍ୟ ସାଥୀ ସହ ଯୋଡ଼ିହୋଇ ଗଲା। ଏଣେ ଦୁଇମାସ ପରେ ସୁନ୍ଦରୀ ରକ୍ଷଣଗୃହରୁ ବାହାରି ସାତକୋଶିଆରେ ସାଥିହରା ହୋଇ ଏକା ଏକା ବୁଲିବାକୁ ଲାଗିଲା। ବିରହବିଧୁରା ସୁନ୍ଦରୀ ହିଂସ୍ର ପାଲଟିଗଲା ଓ ଗାଁ ଗାଁ ବୁଲି ପଶୁ, ମଣିଷ ଶିକାର କରିବାକୁ ଲାଗିଲା।

ଏଠାରେ ବାନ୍ଧବଗଡ଼ ବନ କର୍ତ୍ତୃପକ୍ଷଙ୍କ ସ୍ୱୀକାରୋକ୍ତି ପ୍ରଣିଧାନଯୋଗ୍ୟ। ସେମାନଙ୍କ କହିବା ଅନୁଯାୟୀ ବାନ୍ଧବଗଡ଼ରେ ରହଣି ସମୟରେ ସୁନ୍ଦରୀର ବ୍ୟବହାର ଓ ସ୍ୱଭାବ ଜମା ଏପରି ନ ଥିଲା। ପଶୁ ମଣିଷ ଶିକାର କରିବା ତ ଦୂରର କଥା, ସେ ଜମାରୁ ହିଂସ୍ର ନ ଥିଲା। ତେବେ ସାତକୋଶିଆରେ ସେ ହିଂସ୍ର ହେଲା କାହିଁକି?

ଦ୍ୱିତୀୟତଃ, ବାହାର ରାଜ୍ୟରୁ ବାଘ/ବାଘୁଣୀ ଆଣି ନିଜ ରାଜ୍ୟରେ ଅବସ୍ଥାପିତ କଲାବେଳେ, ସେମାନଙ୍କର ଉପସ୍ଥିତି ସେ ଅଞ୍ଚଳରେ କି ପ୍ରକାର ପ୍ରଭାବ ପକାଇବ ତାହା ଏକ ବିଶେଷଜ୍ଞ ଦଳ ଦ୍ୱାରା ସ୍ଥିରୀକୃତ ହେବା ଜରୁରୀ। କିନ୍ତୁ ସୁନ୍ଦରୀ କ୍ଷେତ୍ରରେ ଏ ନିୟମ ଉଲ୍ଲଂଘନ କରାଯାଇଥିଲା। କାହ୍ନାର ଯୁବ ମହାବଳ ବାଘ ଓ ବାନ୍ଧବଗଡ଼ର ସୁନ୍ଦରୀ ବାଘୁଣୀର ସାତକୋଶିଆ ପ୍ରବେଶ ବିଷୟରେ ସ୍ଥାନୀୟ ଲୋକମାନେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ।

ସେପ୍ଟେମ୍ବର ୧୨ ତାରିଖରେ ବାଘମୁଣ୍ଡାର କୈଳାସି ସାଏ ଓ କିଛିଦିନ ପରେ ଟାଇଁସି ଗାଁର ତ୍ରିନାଥ ସାହୁ ସୁନ୍ଦରୀର ଶିକାର ହେଲେ ଓ ସାମ୍ବାଦିକ ରଘୁନାଥ ସାହୁଙ୍କୁ ଆକ୍ରମଣ ପରେ ସୁନ୍ଦରୀର ସାତକୋଶିଆରୁ ସ୍ଥାନାନ୍ତର ଦାବି ଜୋର୍ ଧରିଲା। ଶେଷରେ ବହୁ ଦିନର ଲୁଚକାଳି ଖେଳ ପରେ ସୁନ୍ଦରୀ ନିଶ୍ଚେତକ ଗୁଳି ଖାଇ ଧରା ପଡିଲା।

ସୁନ୍ଦରୀ ଜୁନ୍ ୨୭ ତାରିଖରେ ବାନ୍ଧବଗଡ଼ରୁ ସାତକୋଶିଆ ଆସିଲାବେଳେ ନିଶ୍ଚେତକ ଗୁଳି ଖାଇ ଓଡ଼ିଶା ଆସିଥିଲା ଓ ଏବେ ପୁଣି ତାର ଦୌରାତ୍ମ୍ୟ ଯୋଗୁ ଚାରିମାସ ପରେ ଦ୍ୱିତୀୟଥର ନିଶ୍ଚେତକ ଗୁଳି ଖାଇ ଧରାହୋଇଛି। ସୁନ୍ଦରୀ ନନ୍ଦନକାନନ ଆସିବ କି ବାନ୍ଧବଗଡ଼ ଫେରିଯିବ ବା ପୁଣି ସାତକୋଶିଆ ଯିବ ତାହା ଯେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ସବୁଠାରୁ ବଡ଼କଥା ହେଉଛି ତା'ର ସ୍ୱାସ୍ଥ୍ୟ। ବନ୍ୟପ୍ରାଣୀ ନିୟମ ଅନୁଯାୟୀ ଅନ୍ତତଃପକ୍ଷେ ୬ମାସର ବ୍ୟବଧାନରେ ବାଘ/ବାଘୁଣୀଙ୍କୁ ପ୍ରୟୋଜନ ମୁତାବକ ନିଶ୍ଚେତକ ଦିଆଯାଇ ପାରିବ କିନ୍ତୁ ସୁନ୍ଦରୀ କ୍ଷେତ୍ରରେ ତାହା ଉଲ୍ଲଂଘନ କରାଯାଇ ମାତ୍ର ୪ ମାସ ପରେ ଦ୍ୱିତୀୟ ବାର ନିଶ୍ଚେତକ ଦିଆଯାଇଛି, ଯାହା ସୁନ୍ଦରୀ ସ୍ୱାସ୍ଥ୍ୟ ପାଇଁ ନିହାତି କ୍ଷତିକାରକ। ବାନ୍ଧବଗଡ଼ରୁ ଆସିଥିଲା ବନ୍ଧୁଟିଏ ପାଇ ଖୁସିରେ ଘରସଂସାର କରିବା ଲାଗି। ବନ୍ଧୁ ତ ଦୂରର କଥା, ଦୁଇ ଦୁଇ ଥର ନିଶ୍ଚେତକ ଖାଇ ନିଜ ଜୀବନକୁ ସଙ୍କଟରେ ପକାଇଛି। ଆହା ବିଚରା ସୁନ୍ଦରୀ!

କନକବଟ, ଶାଶ୍ୱତ ବିହାର, ଶୈଳଶ୍ରୀ ବିହାର,
ଭୁବନେଶ୍ୱର, ମୋ– ୯୪୩୭୧୩୩୫୩୭

## ଏଇ ଭାରତରେ

ଏମିତି ଅନେକ ଘଟଣା ଘଟୁଛି, ଯାହା ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ସତ। ୯୦ ବର୍ଷର ଜଣେ ବୃଦ୍ଧା ଏକ ଶୁଖିଲା ପରିତ୍ୟକ୍ତ କୂଅରେ ପଡ଼ିବା ଏବଂ ରାତିସାରା ତା' ଭିତରେ ରହି ସକାଳୁ ସୁରକ୍ଷିତ ଭାବେ ଉଦ୍ଧାର ହେବା ଭଳି ଘଟଣାଟିଏ ଘଟିଛି ତାମିଲନାଡୁର ରାମପୁରମ୍‌ରେ। ବି. ଧରଣୀ ଅମ୍ମାଲ ନାମ୍ନୀ ଏହି ବୃଦ୍ଧାଙ୍କର କେହି ପିଲାଛୁଆ ନାହାନ୍ତି। ସେ ଏକା ରୁହନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବା କାରଣରୁ ଗତ ୬ ମାସ ହେଲା ଜଣେ ପଡ଼ୋଶୀ ତାଙ୍କୁ ଖାଇବାକୁ ଦେଉଛନ୍ତି। ସନ୍ଧ୍ୟାରେ ସେ ପଡ଼ୋଶୀ ଘରେ ଖାଇ ନିଜ ଘରକୁ ଫେରୁଥିବାବେଳେ ୨୨ ଫୁଟ ଗଭୀର ଏକ ପରିତ୍ୟକ୍ତ କୂଅରେ ପଡ଼ିଯାଇଥିଲେ। ତେବେ ସେ ଏକ ଗାତରେ ପଡ଼ିଯାଇଛନ୍ତି ବୋଲି ପ୍ରଥମେ ଭାବିଥିଲେ, ତେଣୁ ସେଠାରୁ ଉଠିବାକୁ ଚେଷ୍ଟା କରିଥିଲେ। ମାତ୍ର ଗଭୀର କୂଅ ଭିତରେ ପଡ଼ିଥିବାରୁ ଉଠିବା ସମ୍ଭବ ହୋଇ ନ ଥିଲା। ଏପରି କି ଅତ୍ୟନ୍ତ ଦୁର୍ବଳ ଥିବାରୁ ଚିତ୍କାର କରି କାହାକୁ ମଧ୍ୟ ଡାକିପାରି ନ ଥିଲେ। କୂଅ ଭିତରେ ପଡ଼ିଯିବା କାରଣରୁ ତାଙ୍କ ପିଠି ହାଡ଼ ଭାଙ୍ଗିଯାଇଥିଲା। ଫଳରେ ସେ ରାତିସାରା କୂଅ ମଧ୍ୟରେ ଛଟପଟ ହୋଇଥିଲେ। ସକାଳେ ବୃଦ୍ଧାଙ୍କ ପଡ଼ୋଶୀ ସେହି ବାଟ ଦେଇ ଯାଉଥିବାବେଳେ କୂଅ ମଧ୍ୟରୁ କିଛି ଶବ୍ଦ ଶୁଣିଥିଲେ। କୂଅ ଭିତରକୁ ଦେଖିବାରେ ବୃଦ୍ଧା ଜଣକ ପଡ଼ିଥିବା ଜାଣିଥିଲେ। ଏହାପରେ ସେ ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଡାକ୍ତର ଚିକିତ୍ସା କରିବା ପରେ ବୃଦ୍ଧା ଜଣକ ବିପଦମୁକ୍ତ ଥିବା କହିଛନ୍ତି। ରାତିସାରା କୂଅରେ ପଡ଼ିଥିବା ବୃଦ୍ଧାଙ୍କୁ ପଡ଼ୋଶୀ ବଞ୍ଚାଇଥିବାରୁ ଅଞ୍ଚଳବାସୀ ତାଙ୍କୁ ସାଧୁବାଦ ଜଣାଇଛନ୍ତି।

## ଚିରନ୍ତନୀ

କଣ୍ଠୀ ନୂପୁର ଶାଢ଼ି ଶେମିଜକୁ
କାଢ଼ି ନେଲେ ଆଉ କି ରହେ ବେଶ
ସେହି ସେ ପୀରତି–ମାଟି ନିଆଁ ପାଣି
ଛାଡ଼ି ଏ ଧରାର ରହେ ଯା' ଶେଷ!
(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | | | | | | | | | 1 | | | | | 4 |
| | | | | 2 | | | | | 8 | C | | | 6 | |
| | | | | | | | 7 | | 3 | | E | 2 | | 0 |
| 0 | | 6 | | | | 5 | | E | | | | 8 | D | 3 |
| 7 | | 3 | | A | | | D | | | | | | 1 | |
| | | | | | | A | | B | | | | | | 2 |
| B | | 8 | | D | | | 6 | 3 | | 4 | 5 | | | E |
| | | | | | | | C | 0 | A | E | | 1 | 5 | |
| | | | | C | 3 | D | 5 | | | 9 | | A | | |
| | | C | | 9 | 1 | | | | | | | 6 | | D |
| | D | | | E | B | 4 | 1 | | | | | C | | 5 |
| | | | | | A | | E | | C | 6 | 9 | | | |
| | | | | | | | | 7 | | 3 | | | | |
| | 8 | | | | 6 | C | | 2 | | 5 | | D | | |
| | C | 9 | | 5 | | 3 | | | 2 | | 7 | 4 | | B |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | D | 8 | E | 6 | A | 4 | 0 | 1 | 7 | C | 2 | B | 5 | 9 |
| C | 7 | 1 | 8 | 9 | B | A | 5 | 2 | 4 | 0 | D | 6 | E | 3 |
| 6 | 5 | A | C | D | 2 | 3 | 7 | E | B | 8 | 9 | 0 | 1 | 4 |
| 2 | E | 9 | 7 | 0 | 4 | B | 6 | D | 3 | 5 | 1 | A | 8 | C |
| B | 4 | 0 | 1 | 3 | 5 | 9 | C | 8 | 6 | E | A | 7 | D | 2 |
| 7 | 3 | 4 | 2 | E | 8 | 6 | 9 | 0 | D | 1 | B | C | A | 5 |
| 1 | 6 | 5 | 4 | A | 7 | 8 | 3 | B | C | 2 | 0 | E | 9 | D |
| D | A | C | B | 5 | 9 | 1 | E | 7 | 8 | 6 | 3 | 2 | 4 | 0 |
| 0 | B | E | 3 | 1 | D | C | 2 | 4 | 9 | A | 5 | 8 | 7 | 6 |
| 9 | 8 | 2 | 6 | C | 0 | 5 | D | A | E | 4 | 7 | 3 | B | 1 |
| 5 | 1 | 6 | 9 | B | 3 | 2 | 8 | C | A | D | E | 4 | 0 | 7 |
| A | C | D | 5 | 8 | 1 | E | 4 | 3 | 0 | 7 | 6 | 9 | 2 | B |
| E | 2 | 7 | 0 | 4 | 6 | D | A | 9 | 1 | B | C | 5 | 3 | 8 |
| 4 | 9 | B | A | 7 | C | 0 | 1 | 5 | 2 | 3 | 8 | D | 6 | E |
| 8 | 0 | 3 | D | 2 | E | 7 | B | 6 | 5 | 9 | 4 | 1 | C | A |

ଗତକାଲିର ଉତ୍ତର

# ବିଜ୍ଞାନରେ ଲିଙ୍ଗଭେଦ



**ଇଂ. ମାୟାଧର ସ୍ୱାଇଁ**

ସୁଇଜରଲାଣ୍ଡର ଜେନେଭା ନିକଟରେ ସୁଇଜରଲାଣ୍ଡ ଓ ଫ୍ରାନ୍ସ ସୀମା ଦେଇ ମାଟି ତଳେ ୫୦ରୁ ୧୭୫ ମିଟର ଗଭୀରରେ ପ୍ରାୟ ୨୭ କି.ମି. ଲମ୍ବ ଓ ୩.୮ ମିଟର ଚଉଡାର ଗୋଟିଏ ଗୋଲାକାର ସୁଡ଼ଙ୍ଗରେ ପୃଥିବୀର ବୃହତ୍ତମ ପରୀକ୍ଷାଗାର ଅଛି। ଏଠାରେ ଥିବା ଲାର୍ଜ ହାଡ୍ରନ କୋଲାଇଡର ନାମକ ଗୋଟିଏ କଣିକାତ୍ୱରକରେ ପରମାଣୁର କ୍ଷୁଦ୍ରାତିକ୍ଷୁଦ୍ର ଉପକଣିକା ଉପରେ ଗବେଷଣା ଓ ପରୀକ୍ଷା ଚାଲିଛି। ବିଭିନ୍ନ ଦେଶର ବୈଜ୍ଞାନିକ ଓ ଇଞ୍ଜିନିୟରମାନେ ଏଠାରେ କାର୍ଯ୍ୟ କରୁଛନ୍ତି। ଏହିଠାରେ ୨୦୧୨ରେ ଈଶ୍ୱରକଣିକା ନାମରେ ଖ୍ୟାତ ହିଗ୍‌ସ ବୋଷନ ଆବିଷ୍କୃତ ହୋଇଥିଲା। ପୃଥିବୀର ଏହି ଖ୍ୟାତିସମ୍ପନ୍ନ ପରୀକ୍ଷାଗାରକୁ ୟୁରୋପୀୟ ନାଭିକୀୟ ଗବେଷଣା ସଂସ୍ଥା ବା 'ସର୍ନ' ନିର୍ମାଣ କରି ଏହାକୁ ପରିଚାଳନା କରୁଛି। ଏହି ବର୍ଷ ଅକ୍ଟୋବର ପହିଲାରେ 'ସର୍ନ'ର ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସମ୍ମାନରେ ବରିଷ୍ଠ ପଦାର୍ଥବିଜ୍ଞାନୀ ଇଟାଲୀର ପାଡୁଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଆଲେସାଣ୍ଡ୍ରୋ ଷ୍ଟ୍ରୁମିଆ ତାଙ୍କ ଭାଷଣରେ କହିଲେ ଯେ, ପଦାର୍ଥବିଜ୍ଞାନରେ ମହିଳାମାନେ ପୁରୁଷଙ୍କଠାରୁ କମ୍ ବୁଦ୍ଧିମାନ ଏବଂ ଏହି କ୍ଷେତ୍ରରେ କାମ କରିବା ପାଇଁ ସେମାନେ ଆଗ୍ରହୀ ନୁହନ୍ତି। ତାଙ୍କର ଏହି ଲିଙ୍ଗଭେଦଜନକ ବକ୍ତବ୍ୟରେ କ୍ଷୁବ୍ଧ ହୋଇ ସର୍ନ କର୍ତ୍ତୃପକ୍ଷ ତାଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। କିନ୍ତୁ ସେ ଗୋଟିଏ ତର୍କର ପଥ ଉନ୍ମୋଚନ କରିଯାଇଛନ୍ତି।

ସଂଯୋଗବଶତଃ ଷ୍ଟ୍ରୁମିଆ ମହିଳା ବୈଜ୍ଞାନିକଙ୍କ ବିରୋଧରେ କହିବାର ଠିକ୍ ପରଦିନ ଏହି ବର୍ଷର ପଦାର୍ଥବିଜ୍ଞାନରେ ନୋବେଲ ପୁରସ୍କାର ଘୋଷଣା ହେଲା ଏବଂ ପୁରସ୍କାର ଲାଭ କରିଥିବା ତିନିଜଣ ବୈଜ୍ଞାନିକଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ସେ ହେଉଛନ୍ତି କାନାଡାର ୱାଟର୍ଲୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡୋନା ଷ୍ଟ୍ରିକ୍‌ଲାଣ୍ଡ। ଲେଜର ବିଜ୍ଞାନରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ତିନିଜଣଙ୍କୁ ଚଳିତବର୍ଷ ପୁରସ୍କୃତ କରାଯାଇଛି। ଷ୍ଟ୍ରିକଲାଣ୍ଡ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ଆମେରିକାର ମିଚିଗାନ ବିଶ୍ୱବିଦ୍ୟାଳୟରେ ଫରାସୀ ବୈଜ୍ଞାନିକ ଜିରାର୍ଡ ମୋରୁଙ୍କ ଅଧୀନରେ ପିଏଚ୍‌ଡି ପାଇଁ ଗବେଷଣା କରିଥିଲେ। ଉଭୟେ ୧୯୬୦ ମସିହାରେ ଉଦ୍ଭାବିତ ଲେଜରର ଉପଯୁକ୍ତ ବ୍ୟବହାରର ଉପାୟ ୧୯୮୦ ଦଶକରେ ଉଦ୍ଭାବନ କରିଥିଲେ, ଯାହା ଆଜି ବିଜ୍ଞାନ ଓ ସାମରିକ କ୍ଷେତ୍ରରେ ବହୁଳ ଭାବେ ବ୍ୟବହୃତ ହେଉଛି। ଚକ୍ଷୁ ଅସ୍ତ୍ରୋପଚାର ଓ ବାର୍‌କୋଡ ରିଡିଙ୍ଗ୍‌ରେ ଏହା ଅଧିକ ଲୋକପ୍ରିୟ ହୋଇଛି।

ନୋବେଲ ପୁରସ୍କାର ପାଇଁ ଷ୍ଟ୍ରିକ୍‌ଲାଣ୍ଡଙ୍କ ନାମ ଘୋଷଣା ସର୍ନ ବୈଜ୍ଞାନିକଙ୍କ ମହିଳାବିରୋଧୀ ବକ୍ତବ୍ୟକୁ ଏକ ଧକ୍କା ସଦୃଶ। କିନ୍ତୁ ପରିସଂଖ୍ୟାନରୁ ଜଣାଯାଏ ଯେ, ବିଜ୍ଞାନରେ ନୋଲେଲ ପୁରସ୍କାର ପାଇବାରେ ମହିଳାଙ୍କ ସଂଖ୍ୟା ନଗଣ୍ୟ। ପଦାର୍ଥବିଜ୍ଞାନରେ ଦୀର୍ଘ ୫୫ ବର୍ଷ ପରେ ଷ୍ଟ୍ରିକ୍‌ଲାଣ୍ଡ ଏହିବର୍ଷ ଜଣେ ମହିଳା ଭାବେ ପୁରସ୍କାର ପାଇଲେ। ନୋବେଲ ପୁରସ୍କାର ଇତିହାସରେ ପଦାର୍ଥବିଜ୍ଞାନରେ ଏ ପର୍ଯ୍ୟନ୍ତ ୨୧୯ ଜଣ ନୋବେଲ ପାଇଛନ୍ତି ଏବଂ ସେମାନଙ୍କ ମଧ୍ୟରେ ମାତ୍ର ୩ଜଣ ମହିଳା ଅଛନ୍ତି। ଷ୍ଟ୍ରିକ୍‌ଲାଣ୍ଡଙ୍କ ପୂର୍ବରୁ ମେରି କ୍ୟୁରି ୧୯୦୩ରେ ଏବଂ ମେରିଆ ଗୋଏପର୍ଟ ମାୟେର ୧୯୬୩ରେ ଏହା ପାଇଥିଲେ। ସେହିପରି ରସାୟନ ବିଜ୍ଞାନରେ ମୋଟ ୧୭୯ ଜଣଙ୍କ ମଧ୍ୟରୁ ମହିଳା ହେଉଛନ୍ତି ମାତ୍ର ୪ ଜଣ ଏବଂ ଭେଷଜ ବିଜ୍ଞାନରେ ୨୧୬ ଜଣଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ହେଉଛି ୧୨।

କେବଳ ନୋବେଲ ପୁରସ୍କାର ନୁହେଁ, ବିଜ୍ଞାନରେ ପ୍ରଦାନ କରାଯାଉଥିବା ଅନ୍ୟ ପୁରସ୍କାରରେ ମଧ୍ୟ ମହିଳାଙ୍କ ସଂଖ୍ୟା ଭଲ ନୁହେଁ। ଉଦାହରଣ ସ୍ୱରୂପ, ଗଣିତର ଶ୍ରେଷ୍ଠ ପୁରସ୍କାର ହେଉଛି ଆବେଲ ପୁରସ୍କାର। ଏ ପର୍ଯ୍ୟନ୍ତ ୧୯ ଜଣଙ୍କୁ ଏହା ପ୍ରଦାନ କରାଯାଇଛି ଏବଂ ସେମାନଙ୍କ ମଧ୍ୟରେ କେହି ମହିଳା ନାହାନ୍ତି। ସେହିପରି ଗଣିତର ଅନ୍ୟତମ ବିଶିଷ୍ଟ ପୁରସ୍କାର ଫିଲ୍ଡସ ପଦକ ପାଇବାରେ ମୋଟ ୬୦ ଜଣଙ୍କ ମଧ୍ୟରେ ଜଣେ ମାତ୍ର ମହିଳା ଅଛନ୍ତି।

ଏହିସବୁ ପରିସଂଖ୍ୟାନକୁ ଭିତ୍ତିକରି ବୋଧହୁଏ ଷ୍ଟ୍ରୁମିଆ କହିଛନ୍ତି ଯେ, ବିଜ୍ଞାନ ପାଇଁ ମହିଳାମାନଙ୍କର ମସ୍ତିଷ୍କ ପୁରୁଷମାନଙ୍କଠାରୁ ନ୍ୟୂନ। ବାସ୍ତବରେ ମହିଳାଙ୍କ ସଂଖ୍ୟା କମ୍ ହେବାର କାରଣ ସେମାନେ ବିଜ୍ଞାନ ଗବେଷଣା ପାଇଁ କମ୍ ସୁଯୋଗ ପାଉଛନ୍ତି। ସାମଗ୍ରିକ ଭାବେ ପୃଥିବୀରେ ପୁରୁଷ ଓ ମହିଳାଙ୍କ ସଂଖ୍ୟା ପ୍ରାୟ ସମାନ ଥିବାବେଳେ ଉଚ୍ଚଶିକ୍ଷା ଏବଂ ବିଶେଷକରି ବିଜ୍ଞାନ ଶିକ୍ଷାରେ ଛାତ୍ରୀମାନଙ୍କ ସଂଖ୍ୟା କମ୍। ଆମର ପାରମ୍ପରିକ ପ୍ରଥା ଅନୁଯାୟୀ, ଘର ଚଳାଇବା ଓ ପିଲାମାନଙ୍କର ଲାଳନପାଳନ କରିବା କାର୍ଯ୍ୟ ମହିଳାମାନଙ୍କ ହାତରେ ନ୍ୟସ୍ତ। ଏଣୁ ଅଧିକ ସମୟ ଦରକାର ହେଉଥିବା ଗବେଷଣା ପାଇଁ ସେମାନେ ସାଧାରଣତଃ ଅନିଚ୍ଛୁକ ଥାଆନ୍ତି। ପୁନଶ୍ଚ କେତେକ କ୍ଷେତ୍ରରେ ସେମାନଙ୍କୁ ସୁଯୋଗ ମଧ୍ୟ ଦିଆଯାଉ ନାହିଁ। ଆମେରିକା ଜାତୀୟ ବିଜ୍ଞାନ ଏକାଡେମୀର ପତ୍ରିକାରେ ଏକ ଅଧ୍ୟୟନ ପ୍ରକାଶ ପାଇଛି ଯେ, ଅଧ୍ୟାପନା କ୍ଷେତ୍ରରେ ସମାନ ଯୋଗ୍ୟତା ଥିବା ପୁରୁଷ ଓ ମହିଳା ପ୍ରାର୍ଥୀଙ୍କ ମଧ୍ୟରୁ ସାଧାରଣତଃ ପୁରୁଷମାନଙ୍କୁ ଅଗ୍ରାଧିକାର ଦିଆଯାଉଛି।

ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ଚୟନ କରୁଥିବା ସ୍ୱିଡେନ ବିଜ୍ଞାନ ଏକାଡେମୀ ଗତବର୍ଷ କ୍ଷୋଭ ପ୍ରକାଶ କରି କହିଥିଲା ଯେ, ବିଜ୍ଞାନରେ ନୋବେଲ ପୁରସ୍କାର ପାଇଁ ମହିଳାଙ୍କ ନିମିତ୍ତ କମ୍ ମନୋନୟନ ଆସୁଛି। ଏକାଡେମୀରେ ପୁରୁଷମାନଙ୍କ ପାଇଁ କୌଣସି ପକ୍ଷପାତିତା ନାହିଁ ଏବଂ ମହିଳାମାନେ କମ୍ ପୁରସ୍କାର ପାଇବାର କାରଣ ହେଉଛି, ସେମାନଙ୍କ ପାଇଁ ପରୀକ୍ଷାଗାରର ଦ୍ୱାର ଉନ୍ମୁକ୍ତ ହେଉନାହିଁ। ଅବଶ୍ୟ କେତେକ କ୍ଷେତ୍ରରେ ଯୋଗ୍ୟତା ଥାଇ ମଧ୍ୟ ନୋବେଲ ପୁରସ୍କାର ପାଇଁ ମହିଳାମାନେ ଉପେକ୍ଷିତ ହୋଇଛନ୍ତି। ଉଦାହରଣ ଭାବେ ଅଷ୍ଟ୍ରିଆର ପଦାର୍ଥବିଜ୍ଞାନୀ ଲାଇସ୍ ମେଇସନର, ଆମେରିକାର ଜ୍ୟୋତିଃ ପଦାର୍ଥବିଜ୍ଞାନୀ ଭେରା ରୁବିନ ଏବଂ ସ୍କଟ୍‌ଲାଣ୍ଡର ଜ୍ୟୋତିଃ ପଦାର୍ଥବିଜ୍ଞାନୀ ଜୋସିଲିନ ବେଲ ବର୍ନେଲଙ୍କ ନାମ ନିଆଯାଇପାରେ।

ଆମ ଦେଶରେ ମଧ୍ୟ ସମାନ ଅବସ୍ଥା। ବଡ଼ ବଡ଼ ଗବେଷଣା ସଂସ୍ଥା ଓ ପରୀକ୍ଷାଗାରରେ ମହିଳା ଗବେଷକଙ୍କ ସଂଖ୍ୟା କମ୍। ତଥାପି କେତେଜଣ ମହିଳା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ଆମର ଅଗ୍ନି କ୍ଷେପଣାସ୍ତ୍ର, ମଙ୍ଗଳ ଯାନ ଓ ଗଗନ ଯାନ ଆଦି ପ୍ରକଳ୍ପରେ ମହିଳାମାନଙ୍କର ଜ୍ଞାନ ଓ ନେତୃତ୍ୱର ବଡ଼ ଉଦାହରଣମାନ ଅଛି। ପ୍ରଶ୍ନ ହେଉଛି, ବିଜ୍ଞାନରେ କୃତିତ୍ୱ ହାସଲ କରିବାରେ ପୁରୁଷ ଓ ମହିଳାଙ୍କ ସଂଖ୍ୟା ପ୍ରାୟ ସମାନ କେବେ ହେବ? ଆମର ସାମାଜିକ ଓ ପାରିବେଶିକ ସ୍ଥିତି ଉପରେ ଏହା ଅଧିକତଃ ନିର୍ଭର କରେ। ମହିଳାମାନେ ମେଧା ଦୃଷ୍ଟିରୁ ପୁରୁଷମାନଙ୍କଠାରୁ କୌଣସି ପ୍ରକାରେ କମ୍ ନୁହନ୍ତି। ତେଣୁ ସେମାନଙ୍କୁ ଉପଯୁକ୍ତ ସୁଯୋଗ ଦିଆଯିବା ଆବଶ୍ୟକ।

୭୦, ଲକ୍ଷ୍ମୀବିହାର, ଫେଜ୍–୧, ଭୁବନେଶ୍ୱର,
ମୋ–୯୪୩୮୬୯୩୭୨୪

## ପାଠକ ଶ୍ରେଷ୍ଠ ବିଚାରକ

### ଏମାନେ କାହିଁକି ନ ପାଇବେ

ମହାଶୟ,

ବିଗତ ଦିନରେ ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକ ସେମାନଙ୍କର ନ୍ୟାଯ୍ୟ ଦାବି ପାଇଁ ଆନ୍ଦୋଳନ କରି ଆସୁଥିଲେ, ଯାହାକି ଅଦ୍ୟାବଧି ପୂରଣ ହୋଇନାହିଁ। ଏବେ 'ନବନିର୍ମାଣ କୃଷକ ସଙ୍ଗଠନ ଉତ୍ପାଦିତ ଶସ୍ୟର ସହାୟକ ମୂଲ୍ୟ ବୃଦ୍ଧି ସହିତ ପେନସନ୍ ପାଇଁ ଆନ୍ଦୋଳନ କରିଆସୁଛନ୍ତି, ଯାହାକି ଯଥାର୍ଥ । ଦରମା, ପେନ୍‌ସନ ପାଇବା ପାଇଁ ସରକାରୀ ନୀତିନିୟମ ରହିଛି। ରାଜନୈତିକ ନେତାମାନେ ଯଦି ବର୍ଷେ, ଦୁଇବର୍ଷ କିମ୍ବା ପାଞ୍ଚବର୍ଷ ପଦବୀରେ ରହିଲେ ଦରମା, ଭତ୍ତା ପାଉଛନ୍ତି ତେବେ ଯେଉଁମାନେ ଜୀବନସାରା ଗୋଟିଏ ନିର୍ଦ୍ଦିଷ୍ଟ ବୃତ୍ତିକୁ ନିଷ୍ଠାର ସହ କରୁଛନ୍ତି ଓ ଦେଶର ମେରୁଦଣ୍ଡ ହୋଇ ଠିଆ ହୋଇଛନ୍ତି ସେମାନେ କାହିଁକି ନ ପାଇବେ ?

ମହେନ୍ଦ୍ର ନାଥ ରାଉତ, ସହକାରୀ ଶିକ୍ଷକ, ବରିମୁଣ୍ଡେଇ, ନିଆଳି, କଟକ

### ସ୍ୱଚ୍ଛଳ ଯାତ୍ରୀଙ୍କ ଲୋଭ

ଶୀତତାପ ନିୟନ୍ତ୍ରିତ ରେଳବଗିରେ ଯାତାୟାତ କରୁଥିବା ସ୍ୱଚ୍ଛଳବର୍ଗର ଯାତ୍ରୀମାନଙ୍କ ସୁବିଧା ପାଇଁ ରେଳ କର୍ତ୍ତୃପକ୍ଷ ଯେଉଁ ବିଛଣା, କମ୍ବଳ, ଚାଦର ଆଦି ଯୋଗାଇଦେଇଥାନ୍ତି ତାହା ସେମାନେ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଲା ପରେ ଲୁଚାଇ ନେଇଯାଉଛନ୍ତି ବୋଲି ରେଳ କର୍ତ୍ତୃପକ୍ଷ ସନ୍ଦେହ ପ୍ରକାଶ କରିବା ଖବର ପଢ଼ି ଖୁବ୍ ଦୁଃଖ ଲାଗିଲା। ଏଭଳି ହୀନ ଓ ଅସାଧୁ ଆଚରଣ ସର୍ବଦା ନିନ୍ଦନୀୟ। ସମ୍ପୃକ୍ତ ଯାତ୍ରୀଙ୍କର ଲୋଭରୁ ହିଁ ଆଜି ରେଲୱେର ଏ ବାବଦରେ ଗୋଟିଏ ବର୍ଷରେ ପ୍ରାୟ ୧୫ କୋଟି ଟଙ୍କାର କ୍ଷତି ହୋଇଛି। ଏଣୁ ଆଗାମୀ ଦିନରେ ରେଳ କର୍ତ୍ତୃପକ୍ଷ ଆଉ ଏସବୁ ସାମଗ୍ରୀ ଯୋଗାଇ ନ ଦେବା ପାଇଁ ନିଷ୍ପତ୍ତି ନେବା ଉଚିତ ହେବ।

ଅରୁଣ କୁମାର ଦାସ, କେନ୍ଦୁଝର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ୨୫ ବର୍ଷ ତଳର ଧରିତ୍ରୀ

**୨୯ ନଭେମ୍ବର ୧୯୯୩**

- ମଧ୍ୟପ୍ରଦେଶରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟି ୧୦ ଯବାନ ନିହତ।
- କଶ୍ମୀରର ସୋପାରଠାରେ ସୈନ୍ୟବାହିନୀ ଗୁଳିମାଡ଼ରେ ୧୧ ଜଣ ଉଗ୍ରବାଦୀ ନିହତ।
- ବମ୍ବେ–ପୁଣେ ରାଜପଥର ଖୋପାଲି ନିକଟରେ ଏକ ସେତୁ ଉପରୁ ଡମ୍ଫର ଖସି ପଡ଼ିବା ଫଳରେ ୨୫ଜଣଙ୍କ ମୃତ୍ୟୁ।

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ବନକଲାଗି ନୀତି ସମ୍ପନ୍ନ

ପୁରୀ ଅଫିସ,୨୮।୧୧: ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପନ୍ନ ହୋଇଛି। ଏଥିପାଇଁ ଅପରାହ୍ନ ୩ଟା ୫୦ରୁ ସନ୍ଧ୍ୟା ୭ଟା ୫୦ ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିଥିଲା। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରାଯାଇଥିଲା। ବନକଲାଗି ନୀତି ସରି ମହାସ୍ନାନ ପୂଜା ବଢ଼ିବା ପରେ ପୁଣି ଭକ୍ତମାନଙ୍କୁ ଶ୍ରୀମନ୍ଦିର ଭିତରକୁ ଛଡ଼ାଯାଇଥିଲା ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

■ ସଫଳ ଚାଷୀ ପ୍ରେମ କୁମାର

# ୧୦ହଜାର ଟଙ୍କାରୁ ଲକ୍ଷପତି

ନୂଆପଡ଼ା ଅଫିସ,୨୮।୧୧

ସରକାର ଚାଷ ଏବଂ ଚାଷୀଙ୍କ ଉନ୍ନତି ପାଇଁ ବହୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଚାଷୀମାନେ ସେଥିରୁ ସର୍ବାଧିକ ଲାଭ ଉଠାଇବାକୁ ସେମାନଙ୍କୁ ସଚେତନ କରାଯାଉଛି। ଋଣ ପ୍ରଦାନ, କୃଷି ଉପକରଣ କିଣିଲେ ସବ୍‌ସିଡି ପ୍ରଦାନ କରାଯାଇଛି। ହେଲେ ଏମିତି କେତେଜଣ ଚାଷୀ ଅଛନ୍ତି ଯେଉଁମାନେ ନିଜ ଉଦ୍ୟମରେ ଆଜି ସଫଳତା ପାଇଛନ୍ତି। କେବଳ ନିଜ ପାଇଁ ନୁହେଁ ଅନ୍ୟମାନଙ୍କୁ ରୋଜଗାରକ୍ଷମ କରିବାକୁ ସେମାନେ ଅଣ୍ଟା ଭିଡିଛନ୍ତି । ସେମିତି ଜଣେ ଚାଷୀ ହେଲେ ନୂଆପଡ଼ା ଜିଲା ସଦର ବ୍ଲକ ବଲୋଦା ଗାଁର ପ୍ରେମ କୁମାର ନାଏକ। ଚାଷ ପାଇଁ ସେ ନିଜକୁ ସମର୍ପଣ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ନିଜ ଉଦ୍ୟମରେ ସେ ବିଭିନ୍ନ ଚାଷ କରି ବାର୍ଷିକ ଲକ୍ଷାଧିକ ଟଙ୍କା ଉପାର୍ଜନ କରି ମାସିକ ଶତାଧିକ ଶ୍ରମ ଦିବସ ସୃଷ୍ଟି କରିପାରିଛନ୍ତି ।

ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ କାମଧନ୍ଦା ଅଭାବରୁ ଲୋକେ ବର୍ଷର ଅଧିକାଂଶ ସମୟ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି। ଆର୍ଥିକ ଅନଟନ ମଧ୍ୟରେ ଏହି ଜିଲାର ଚାଷୀମାନେ ବାରମ୍ବାର ହଇରାଣ ହୋଇଥାନ୍ତି । ହେଲେ ପ୍ରେମ କୁମାର ଏହି ଧାରାରୁ ନିଜକୁ ଦୂରେଇ ରଖି ନିଜ ୧୦ ଏକର ଜମିରେ କରିଛନ୍ତି କୃଷି ଫାର୍ମ । ନିଜ ପରିଶ୍ରମରେ ୩ଟି ପୋଖରୀ ଖୋଳିଛନ୍ତି। ସେଠାରେ ମାଛ ଚାଷ ସହିତ ବତକ ଚାଷ କରିଛନ୍ତି । ପୋଖରୀ ହୁଡାରେ ଛେଳି ଚାଷ କରୁଛନ୍ତି । ଏହି ଫାର୍ମ ପାଇଁ ପ୍ରତ୍ୟହ ୧୫ରୁ ୨୦ ଲୋକ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଉକ୍ତ ବ୍ୟବସାୟରୁ ପ୍ରେମ କୁମାର ବାର୍ଷିକ ୧୫ରୁ୨୦ ଲକ୍ଷ ଟଙ୍କା ରୋଜଗାର କରୁଥିବା କହିଛନ୍ତି। ଦିନେ ମାତ୍ର ୧୦ରୁ୨୦ହଜାର ଟଙ୍କାରେ ଆରମ୍ଭ ହୋଇଥିବା ଏହି କୃଷି ଫାର୍ମ ବର୍ତ୍ତମାନ ଫଳ, ପନିପରିବା, ବିଭିନ୍ନ ଗଛରେ ପରିପୂର୍ଣ୍ଣ । ସେଠାରେ ଏବେ ପ୍ରେମକୁମାର ଗାଈ ଚାଷ କରୁଛନ୍ତି । ଏଥିପାଇଁ ପ୍ରେମ କୁମାର ନିଜ ଖର୍ଚ୍ଚରେ ରାଜ୍ୟ ବାହାରକୁ ଯାଇ ତାଲିମ ଗ୍ରହଣ କରିଛନ୍ତି । ନିଜେ ଚାଷ କରିବା ସହ ଆଖପାଖ ଅଞ୍ଚଳରେ ବୁଲି ଚାଷୀମାନଙ୍କୁ ତାଲିମ ଦେଉଛନ୍ତି । ଯୁବ ଚାଷୀମାନେ ବଲୋଦା ଆସି ତାଙ୍କ ଚାଷ ପ୍ରକଳ୍ପ ବୁଲି ଦେଖିବାକୁ ସେ ଆହ୍ୱାନ କରିଛନ୍ତି।


ନିଜ କୃଷି ଫାର୍ମରେ ପ୍ରେମ କୁମାର ନାଏକ।

ପ୍ରେମ କୁମାରଙ୍କ କହିବା କଥା ଚାଷୀମାନେ ନିଜ ପ୍ରଗତି ପାଇଁ ଧ୍ୟାନ ଦେବା ଆବଶ୍ୟକ । ଏଥିପାଇଁ ସରକାର ମଧ୍ୟ ସହାୟତା ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଏପରିକି ସେ ସରକାରୀ ସହାୟତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ତାଙ୍କ କହିବା କଥା ମୁଁ ବି ମୋର ବ୍ୟବସାୟକୁ ବଢ଼ାଇବାକୁ ସରକାରୀ ସହାୟତା ଚାହୁଁଛି । ହେଲେ ବାରମ୍ବାର ବିଭାଗୀୟ କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହୋଇଛି। ଏଥିପାଇଁ ବିଭାଗୀୟ ଅଧିକାରୀମାନେ ଧ୍ୟାନ ଦେବା ଆବଶ୍ୟକ।

ରିପୋର୍ଟ-ଘନଶ୍ୟାମ ଭୋଇ



ବୁଧବାର ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବରିଷ୍ଠ ଅଧିକାରୀମାନେ ହକି ବିଶ୍ୱକପ୍ ସ୍ମାରକୀ ସ୍ୱତନ୍ତ୍ର ଡାକ ଟିକଟ ଉନ୍ମୋଚନ କରୁଛନ୍ତି।

# ହକି ବିଶ୍ୱକପ୍ ସ୍ମାରକୀ ଡାକ ଟିକେଟ୍ ଉନ୍ମୋଚିତ

■ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଲେ ଉନ୍ମୋଚନ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ହକି ବିଶ୍ୱକପ୍ ସ୍ମାରକୀ ସ୍ୱତନ୍ତ୍ର ଡାକ ଟିକଟ ସଚିବାଳୟରେ ଉନ୍ମୋଚନ କରିଛନ୍ତି। ଏହା ଭାରତୀୟ ଡାକ ଓ ତାର ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ହକି ଉପରେ ଆଧାରିତ ୫ଟି ଭିନ୍ନଭିନ୍ନ ଡାକଟିକଟ୍ ଉନ୍ମୋଚନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଡାକ ବିଭାଗ ଦ୍ୱାରା ହକି ବିଶ୍ୱକପ୍‌କୁ ସ୍ମରଣୀୟ କରିବା ପାଇଁ ଡାକଟିକଟ୍ ପ୍ରସ୍ତୁତ କରାଯାଇଥିବାରୁ ଧନ୍ୟବାଦ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଉନ୍ନୟନ କମିଶନର ଆର୍. ବାଲକ୍ରିଷ୍ଣନ, କ୍ରୀଡ଼ା ସଚିବ ବିଶାଲ ଦେବ ଏବଂ ମହାଡାକପାଳ ଜଲେଶ୍ୱର କହଁର ପ୍ରମୁଖ ଉପସ୍ଥିତ ଥିଲେ।

# ପରିବା କିଆରିରେ ଶ୍ୱାସରୁଦ୍ଧ କରି ମହିଳାଙ୍କୁ ହତ୍ୟା

ବରଗଡ଼ ଅଫିସ,୨୮।୧୧

ବରଗଡ଼ ସଦର ଥାନା ଅନ୍ତର୍ଗତ ନୀଳେଶ୍ୱର ଗ୍ରାମର ଜଣେ ମହିଳାଙ୍କ ମୃତଦେହକୁ ବୁଧବାର ସକାଳେ ଉଦ୍ଧାର କରାଯାଇଛି । ମୃତ ମହିଳା ଜଣକ ହେଲେ ସେହି ଗ୍ରାମର ଝସନେତ୍ରୀ ସାହୁ(୩୫)। ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାହା ସ୍ପଷ୍ଟ ହେବ ବୋଲି ସଦର ଥାନା ଆଇଆଇସି ମମତା ନାୟକ କହିଛନ୍ତି। ଏ ନେଇ ମୃତ ମହିଳାଙ୍କ ସ୍ୱାମୀ ଗଙ୍ଗାଧର ସାହୁଙ୍କ ଏତଲାକ୍ରମେ ସଦର ଥାନାରେ ଦଫା ୩୦୨ ଆଇପିସିରେ ଏକ ମାମଲା (ନଂ.୨୬୫/୧୮) ରୁଜୁ ହୋଇଛି।

ଗଙ୍ଗାଧର ଏବଂ ଝସନେତ୍ରୀ ଗାଁଠାରୁ ଅନତିଦୂରରେ ଥିବା ନିଜ ଖେତରେ ପରିବା ଚାଷ କରିବା ସହ ସେଠାରେ କୁଡ଼ିଆ କରି ଜଗୁଥିଲେ। ତାଙ୍କ ସହିତ ସେମାନଙ୍କ ୨ ସନ୍ତାନ ମଧ୍ୟ ଥିଲେ। ସବୁଦିନ ଭଳି ମଙ୍ଗଳବାର ରାତିରେ ସେମାନେ ସେହି କୁଡ଼ିଆରେ ଶୋଇଥିଲେ । ବୁଧବାର ସକାଳୁ ଉଠି ଗଙ୍ଗାଧର ପୂର୍ବଦିନ ଖେତରୁ ତୋଳିଥିବା କାକୁଡ଼ି ବିକିବା ପାଇଁ ବଜାରକୁ ଯାଇଥିଲେ। ପରେ ତାଙ୍କ ସ୍ତ୍ରୀ ଝସନେତ୍ରୀଙ୍କ ମୃତଦେହ ପୋଟଳ କିଆରିରେ ପଡ଼ିଥିବା ନେଇ ସେ ଗାଁ ଲୋକଙ୍କଠାରୁ ସୂଚନା ପାଇଥିଲେ। ଏହାପରେ ସେ ଘରକୁ ଫେରି ପୋଟଳ କିଆରିରେ ପଡ଼ିଥିବା ତାଙ୍କ ସ୍ତ୍ରୀଙ୍କ ମୃତଦେହକୁ ଦେଖିଥିଲେ। ତୁରନ୍ତ ସେ ସଦର ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଅନୁସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିଥିଲା। ମୃତା ମହିଳାଙ୍କ ଗଳାରେ ଲାଲ୍‌ଦାଗ ରହିଥିବା ଦେଖିବାକୁ ମିଳିଥିଲା। ଗଳାକୁ ଚିପି ଝସନେତ୍ରୀଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି ବୋଲି ପୋଲିସ କହିଛି।

# ଯୁବକଙ୍କୁ ପିଟି ମାରିଦେଲେ

## ସ୍ତ୍ରୀ, ଶାଳକ ହତ୍ୟାକାରୀ

କଣ୍ଟାବାଞ୍ଜି,୨୮।୧୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ କର୍ଲାବାହାଲି ଗାଁର ଜଣେ ଯୁବକଙ୍କୁ ତାଙ୍କ ସ୍ତ୍ରୀ ଓ ଶାଳକ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଦୁର୍ଲଭ ଛୁରା(୩୫)। ଏ ନେଇ ମୃତକଙ୍କ ମା' ବିଜୁଳି ଛୁରା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ ଦୁର୍ଲଭଙ୍କୁ ତାଙ୍କ ସ୍ତ୍ରୀ ଗୌରୀ ଓ ଶାଳକ ଦିନ ହିଆଲ ଗତ ୨୪ ତାରିଖ ଦିନ କୌଣସି କାରଣକୁ ନେଇ ନିସ୍ତୁକ ମାଡ଼ ମାରିଥିଲେ। ଠେଙ୍ଗାରେ ନିସ୍ତୁକ ପିଟିବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅର୍ଥ ଅଭାବରୁ ଦୁର୍ଲଭଙ୍କ ମା' ନିଜ ରାଶନ୍ କାର୍ଡକୁ ୧ହଜାର ଟଙ୍କାରେ ଜଣେ ବ୍ୟକ୍ତିଙ୍କ ପାଖରେ ବନ୍ଧକ ରଖି ଚିକିତ୍ସା କରୁଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଦୁର୍ଲଭଙ୍କ ମୃତ୍ୟୁ ଘଟିଥିଲା। ପୁଅର ମୃତ୍ୟୁ ପରେ ବିଜୁଳି କଣ୍ଟାବାଞ୍ଜି ଥାନାରେ ଗୌରୀ ଓ ଦିନ ମାଡ ମାରି ଦୁର୍ଲଭଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ କର୍ଲାବାହାଲି ଗାଁକୁ ନିଆଯାଇଥିବା ମୃତଦେହକୁ ଜବତ୍ କରି ବ୍ୟବଚ୍ଛେଦ ପାଇଁ ପୁଣି କଣ୍ଟାବାଞ୍ଜି ଡାକ୍ତରଖାନାକୁ ଆଣିଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଏ ନେଇ କଣ୍ଟାବାଞ୍ଜି ଥାନାରେ ଏକ ମାମଲା (ନଂ.୧୮୦/୧୮) ରୁଜୁ ହୋଇଛି। ଅଭିଯୁକ୍ତ ସ୍ତ୍ରୀ ଓ ଶାଳକ ଫେରାର ହୋଇଯାଇଥିବା ସବ୍‌ଇନ୍ସପେକ୍ଟର ରୁନୁ କୁମାର ମାଝି କହିଛନ୍ତି।

# ଭିଜିଲାନ୍ସ ଏକାଡେମୀ ଉଦ୍‌ଘାଟିତ

■ ଦେଶରେ ପ୍ରଥମ
■ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି କରିବ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

ରାଜଧାନୀରେ ଖୋଲିଛି ଦେଶର ପ୍ରଥମ ଭିଜିଲାନ୍ସ ଏକାଡେମୀ। ସତ୍ୟନଗରସ୍ଥିତ ଭିଜିଲାନ୍ସ ଡିଭିଜନ କାର୍ଯ୍ୟାଳୟ ପରିସରରେ ଏକାଡେମୀର ନବନିର୍ମିତ କୋଠାକୁ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ବୁଧବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପାଢୀ କହିଛନ୍ତି, ଏହା ଦେଶର ପ୍ରଥମ ଦୁର୍ନୀତି ନିବାରଣ ପ୍ରଶିକ୍ଷଣ ଏକାଡେମୀ। ତାଲିମ ଓ ପ୍ରଶିକ୍ଷଣ ସରକାରୀ କର୍ମଚାରୀଙ୍କ ବୃତ୍ତିଗତ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହି ପ୍ରତିଷ୍ଠାନ ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି କରିବ। ଏଥିସହ ବିଭିନ୍ନ ସରକାରୀ ବିଭାଗରେ ସ୍ୱୀକୃତ ମୁଖ୍ୟ ଭିଜିଲାନ୍ସ ଅଫିସରମାନଙ୍କୁ ଏହି ଏକାଡେମୀରେ ତାଲିମ ଦେବା ପାଇଁ ପାଢ଼ୀ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ କହିଥିଲେ। ଏଥିସହ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରସ୍ତୁତ 'କଫି ଟେବୁଲ ବୁକ'କୁ ପାଢୀ ଉନ୍ମୋଚନ କରିଥିଲେ।

ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ଉପଯୁକ୍ତ ତାଲିମ ସରକାରୀ କର୍ମଚାରୀଙ୍କ ଦକ୍ଷତା ବଢ଼ାଇବା ସହ ସେମାନଙ୍କ କାର୍ଯ୍ୟ କରିବାର ଆଗ୍ରହକୁ ବୃଦ୍ଧି କରିଥାଏ। ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଥିଲେ, ଚଳିତ ବର୍ଷ ୫୧% ମାମଲାରେ ଅଭିଯୁକ୍ତଙ୍କୁ ଦଣ୍ଡବିଧାନ କରିବାରେ ଭିଜିଲାନ୍ସ ସମର୍ଥ ହୋଇଛି। ଏହି ଏକାଡେମୀ ରାଜ୍ୟରେ ଦୁର୍ନୀତି ଅନୁସନ୍ଧାନ ଏବଂ ଦଣ୍ଡବିଧାନ କାର୍ଯ୍ୟକୁ ଅଧିକ ତ୍ୱରିତ ଓ ଶାଣିତ କରିବ। ଭିଜିଲାନ୍ସ ନିର୍ଦ୍ଦେଶକ ଡ. ଦେବାଶିଷ ପାଣିଗ୍ରାହୀ କହିଥିଲେ, ଏକାଡେମୀରେ ତାଲିମ ନେବା ପରେ ଅଫିସରମାନେ ସାଇବର ଫରେନସିକ, ସେଲଫୋନ ଫରେନସିକ, ଅର୍ଥନୈତିକ ବଜାର କାରବାର, ଅଣବ୍ୟାଙ୍କିଙ୍ଗ ଦ୍ୱାରା ଅର୍ଥନୈତିକ କାରବାର, ଅପରାଧରେ ଆଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର, ସୋସିଆଲ ମିଡିଆରେ ଅପରାଧକୁ ରୋକିବା କ୍ଷେତ୍ରରେ ଅଧିକ ସହାୟକ ହେବ। ତା' ଛଡା କମ୍ପାନୀ ଆଇନ, ବିଦେଶୀ ଅର୍ଥ କାରବାର ଆଇନ, ମନି ସର୍କୁଲେଶନ ଆଇନ, ବିଭିନ୍ନ ମକଦ୍ଦମାରେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଓ ନିର୍ଦ୍ଦେଶ ଆଦି ବିଷୟରେ ତାଲିମ ଦିଆଯିବ। ଏକାଡେମୀରେ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେଉଥିବା ଆଇନ ସ୍ନାତକମାନଙ୍କ ପାଇଁ ଇଣ୍ଟର୍ନସିପ୍ ବ୍ୟବସ୍ଥା କରାଯାଇଛି। ଏକାଡେମୀରେ ଲାଇବ୍ରେରି, ଶ୍ରେଣୀକକ୍ଷ, ପ୍ରେକ୍ଷାଳୟ ରହିଛି। ଖୁବଶୀଘ୍ର ଏଥିରେ କମ୍ପ୍ୟୁଟର, ପରୀକ୍ଷାଗାର ଓ ସିମୁଲେଶନ ସେଲ୍ ଖୋଲାଯିବ ବୋଲି ନିର୍ଦ୍ଦେଶକ କହିଥିଲେ। ଭିଜିଲାନ୍ସ ଏସ୍‌ପି ସୁଧା ସିଂ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଡିଆଇଜି ଭିଜିଲାନ୍ସ ସଞ୍ଜୟ କୌଶଲ ଧନ୍ୟବାଦ ଅର୍ପଣ କରିଥିଲେ।









## ସଂକ୍ଷେପରେ

### ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ

**କବିସୂର୍ଯ୍ୟନଗର,୨୮।୧୧(ଡି.ଏନ.ଏ.):** କବିସୂର୍ଯ୍ୟନଗର ଆଠଗଡ଼ପାଟଣା ସ୍ଥିତ ପୁରାତନ ଗଡ଼ ଦୁର୍ଗ ଜଗନ୍ନାଥ ମନ୍ଦିରରେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ କୃଷକ ଶ୍ରମିକଙ୍କ ସାଥୀ ଓ ଗୀତିକାର ସ୍ୱର୍ଗତ ବନମାଳି ମହାରଣାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମ୍ମିଳନୀ ଆୟୋଜିତ ହୋଇଥିଲା। ଆଠଗଡ଼ପାଟଣା ସଚେତନ ନାଗରିକ ସମିତି ପକ୍ଷରୁ ଆୟୋଜିତ ସମ୍ମିଳନୀରେ ଉଦ୍‌ଘାଟକ ରୂପେ ମାୟାଧର ନାୟକ, ମୁଖ୍ୟଅତିଥି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ସୁନୀଲ କୁମାର ପୋଲାଇ, ବିପ୍ଳବୀ ପ୍ରଶାନ୍ତ ମିଶ୍ର, ବୃନ୍ଦାବନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଦଣ୍ଡପାଣି ମହାପାତ୍ର, ଡ. ସୁଶାନ୍ତ କୁମାର ସାହୁ, ଆଦିତ୍ୟ ତ୍ରିପାଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଉତ୍କର୍ଷ ସାହିତ୍ୟ କ୍ଷେତ୍ରରେ ତ୍ରିନାଥ ନାୟକ, ନବୀନ ପଟ୍ଟନାୟକ ଓ ପ୍ରକୃତିପ୍ରେମୀ, ସମାଜସେବା କ୍ଷେତ୍ରରେ କବିସୂର୍ଯ୍ୟନଗରର ମାହେଶ୍ୱରୀ ଦୋରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଶେରଗଡ଼ କଲେଜରେ ଆତ୍ମସୁରକ୍ଷା ତାଲିମ

**ଶେରଗଡ,୨୮।୧୧(ଡି.ଏନ.ଏ.):** ଶେରଗଡ ଉଦୟ ପ୍ରତାପ ବିଜ୍ଞାନ କଲେଜରେ ଯୁକ୍ତ ୨ ଛାତ୍ରୀଙ୍କ ନିମନ୍ତେ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଶିବିରିକୁ ଯୁକ୍ତ ୨ ଅଧକ୍ଷ ଲୋକନାଥ ନାୟକ ଶୁଭାରମ୍ଭ କରିଥିଲେ। ଅଧାପକ ଶ୍ରୀକାନ୍ତ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଅଧାପକ ଲୋକନାଥ ପରିଡା, ଉପେନ୍ଦ୍ର ବାଡତ୍ୟା ଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ଆତ୍ମ ସୁରକ୍ଷା କୌଶଳ ଶିଖିବା ଆବଶ୍ୟକ ବୋଲି କହିଥିଲେ। ଶିବିରକୁ ବରିଷ୍ଠ କିରାଣୀ ଗଜେନ୍ଦ୍ର ପ୍ରଧାନ ଓ ଶାରୀରିକ ଅଧାପକ ସୁଧାଂଶୁ ମୋହନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ୬୦ ଛାତ୍ରୀ ଶିବିରରେ ତାଲିମ ନେଇଥିଲେ।

### ବାଲ୍‌ମେଳା କାର୍ଯ୍ୟକ୍ରମ

**ବୁଗୁଡ଼ା,୨୮।୧୧(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ଗୋଳିଆ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ରବିବାର ଇଣ୍ଡିଆ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଡ. କୁମୁଦ ଚନ୍ଦ୍ର ବେହେରା ସଭାପତିତ୍ୱରେ ଶିଶୁ କେନ୍ଦ୍ରିକ କାର୍ଯ୍ୟକ୍ରମ ବାଲ୍‌ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ ରଘୁନାଥ ସାହୁ, ସମ୍ମାନିତ ଅତିଥି ଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରିୟା ବେହେରା, ଶିକ୍ଷକ ସନ୍ତୋଷ କୁମାର ସେଠୀ ଯୋଗଦେଇ ଶିଶୁମାନଙ୍କ ବହୁମୁଖୀ ପ୍ରତିଭା, ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ, ବାଲ୍ୟ ବିବାହ ପ୍ରଥା ଉଚ୍ଛେଦ, ସର୍ବଶିକ୍ଷା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ବୈଠକରେ ଗାଁ ଗାଁରେ ମୋ ସ୍ୱପ୍ନର ବିଦ୍ୟାଳୟ ଗଠନ ପାଇଁ ନିଷ୍ପତ୍ତି ହୋଇଥିଲା। ବୁଗୁଡ଼ା ଓ ପୋଲସରା ବ୍ଲକର ୨୯ଟି ବାଲ୍ ସଙ୍ଗଠନର ବହୁ ସଦସ୍ୟା, ସଦସ୍ୟ, ଅଭିଭାବକ ଓ ଶିଶୁ ଯୋଗ ଦେଇଥିଲେ। ଏଥିରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସଚେତନ ଦ୍ୱାରା ଯକ୍ଷ୍ମା ଦୂର ହୋଇପାରିବ

- ପୃଥିବୀର ୨୩ % ଯକ୍ଷ୍ମାରୋଗୀ ଭାରତରେ
- ଏଡସ୍ ସହିତ ରହିଛି ଯକ୍ଷ୍ମାର ନିବିଡତା
- ଘର କାନ୍ଥରେ ରହିବ ରୋଗ ସର୍ତକତା

**ଛତ୍ରପୁର,୨୮।୧୧(ଡି.ଏନ.ଏ)**

ଯକ୍ଷ୍ମାରୁ ଦୂର ଓ ନିରାକରଣ ପାଇଁ ଗ୍ରାମାଞ୍ଚଳ ସ୍ତରରୁ ଲୋକଙ୍କୁ ସଚେତନ କରିବା ନେଇ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଛତ୍ରପୁର ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ଯକ୍ଷ୍ମାରୋଗ କିଛି ବର୍ଷ ପୂର୍ବରୁ ନିୟନ୍ତ୍ରିତ ହୋଇପାରିଥିଲା। ଆଧୁନିକ ଜୀବନଶୈଳୀ ହେତୁ ଏହା ପୁଣି ସଂକ୍ରମିତ ହେଉଛି। ଗଞ୍ଜାମ ଜିଲାର ଅନେକ ବ୍ୟକ୍ତି ବାହାର ରାଜ୍ୟକୁ ଯାଉଥିବାରୁ ଏହି ରୋଗ ବାହକ ଭାବରେ ଆସିବାର ସମ୍ଭାବନା ଅଧିକ। ଜନସଚେତନତା ଏହାକୁ ବିଲୋପ କରିବାରେ ସହାୟକ ହେବ ବୋଲି ଜିଲାପାଳ କହିଥିଲେ। ପୃଥିବୀର ୨୩ ପ୍ରତିଶତ ଯକ୍ଷ୍ମାରୋଗୀ ଭାରତରେ ବସବାସ କରନ୍ତି। ଶ୍ରମିକ ଶ୍ରେଣୀ ଲୋକମାନଙ୍କୁ ଏହିରୋଗ ସଂକ୍ରମିତ ହେବା ସମ୍ଭାବନା ଅଧିକ। ରୋଗର ଛେପ ଖଙ୍କାର ମାଧ୍ୟମରେ ଏହା ଅନ୍ୟଜଣକୁ ବ୍ୟାପିଥାଏ। ଜଣେ ରୋଗୀ ଦ୍ୱାରା ୧୦ରୁ୧୫ ଲୋକ ଆକ୍ରାନ୍ତ ହୋଇପାରିଛନ୍ତି। ଏଥିପାଇଁ ଜିଲାର ୫୦୩ ପଞ୍ଚାୟତ ଗୃହର କାନ୍ଥରେ ଯକ୍ଷ୍ମାରୋଗ ସତର୍କତା ଉଲ୍ଲେଖ ରହିବ। ଜିଲାର ଯେଉଁ ଅଞ୍ଚଳରେ ଯକ୍ଷ୍ମାର ବ୍ୟାପକତା ଅଛି ତାକୁ ଚିହ୍ନଟ କରାଯିବ। ଲୋକମାନଙ୍କୁ ଜଣାଇବା ପାଇଁ ଆଶା ଓ ଅଙ୍ଗନବାଡି କାର୍ମୀଙ୍କୁ ଦାୟିତ୍ୱ ନ୍ୟସ୍ତ ହେବ। ବିଦ୍ୟାଳୟଗୁଡିକରେ ନିର୍ଦ୍ଦିଷ୍ଟ ଦିନ ପ୍ରାର୍ଥନାପରେ ଯକ୍ଷ୍ମା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯିବ। ନିର୍ମାଣ ଶ୍ରମିକ ଓ ଇଟାଭାଟି ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ଯେଉଁ ଯକ୍ଷ୍ମାରୋଗୀମାନେ ଆରୋଗ୍ୟଲାଭ କରିଛନ୍ତି ସେମାନଙ୍କର ଅନୁଭୂତିକୁ ପ୍ରଚାର ପ୍ରସାର କରାଯିବ। ଏଡସ୍ ସହିତ ଯକ୍ଷ୍ମାର ନିବିଡତା ରହୁଥିବାରୁ ଏହା ପରିପୂରକଭାବେ ଗୋଟିଏ ରୋଗୀ ଅନ୍ୟ ରୋଗରେ ଆକ୍ରାନ୍ତର ସମ୍ଭାବନା ଅଧିକ। ଏବାବଦରେ ମଧ୍ୟ ଲୋକମାନଙ୍କୁ ସଚେତନତା କରିବା ପାଇଁ ଜିଲାପାଳ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲାମୁଖ୍ୟ ଚିକିତ୍ସାଧିକାରୀ ଡା. ସଦାନନ୍ଦ ମିଶ୍ର, ଯକ୍ଷ୍ମା ବିଶେଷଜ୍ଞ ଡା. ଅମୂଲ୍ୟ କୁମାର ମିଶ୍ର, ଡା. ଗୀତା ପଟ୍ଟନାୟକ, ଜିଲା ପରିଷଦ ଉପାଧକ୍ଷା ସେହ୍ନଲତା ପଣ୍ଡା, ଡିପିଏମ୍ ଶ୍ୟାମସୁନ୍ଦର ତ୍ରିପାଠୀଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲାଜ ନ ଥାଏ ଯୋଉ ମୁହଁକୁ**
**ଭଣ୍ଡାରୀ ନ ଥାଏ ଖଉରିବାକୁ ।**

ଅଲାଜୁକ ଯିଏ ତା'ର ମୁହଁକୁ କିଛି ଲାଜ ସରମ ନ ଥାଏ ବୋଲି ସିଏ ଭଲ ମନ୍ଦକୁ ଫୁତ୍କାରରେ ଉଡ଼େଇ ଦିଏ । ଏପରିସ୍ଥଳେ ତାକୁ କେହି କିଛି କହିଲେ ତା'ର ଫଳ କିଛି ମିଳି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଲେଉଟିଆ ମୂଳେ କଂସା ମୁଁ ମାଜୁଛି**
**ଲେଉଟି ନ ଚାହାଁ ମତେ**
**ମୋର ଗୁଣମଣି ତୋ ଠଉଁ ସୁନ୍ଦର**
**ଗୋଲାମ ରଖିବ ତତେ।**

ପତିବ୍ରତା ନାରୀ କାୟ ମନ ବାକ୍ୟରେ ନିଜ ପତି ପ୍ରତି ପୂର୍ଣ୍ଣ ସମର୍ପିତା ରହିଥାନ୍ତି। ପତିଠାରେ ପୂର୍ଣ୍ଣ ଆସ୍ଥା ରଖିବା ସହ ତାଙ୍କୁ ହିଁ ଶ୍ରେଷ୍ଠ ମଣିଥାନ୍ତି। ପରପୁରୁଷକୁ ଚାହିଁବା ତାଙ୍କ ପକ୍ଷେ ପାପ ସଦୃଶ ହୋଇଥାଏ । ଏପରିସ୍ଥଳେ ପତି ଅନୁରକ୍ତା ସ୍ତ୍ରୀର ପରପୁରୁଷ ପ୍ରତି ତାଚ୍ଛଲ୍ୟ ଭାବ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ରାସପୂର୍ଣ୍ଣିମା ଯାତ୍ରା ମହୋତ୍ସବ ଉଦ୍‌ଯାପିତ

**ଦିଗପହଣ୍ଡି/ପାଟପୁର, ୨୮।୧୧(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ଗୌତମୀ ଗ୍ରାମରେ ୪ ଦିନ ହେଲା ଚାଲିଥିବା ରାସପୂର୍ଣ୍ଣିମା ଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଅଧିଷ୍ଠିତ ଶ୍ରୀ ଗୋପୀନାଥ ମହାପ୍ରଭୁଙ୍କ ବାର୍ଷିକ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ ଯାତ୍ରାସ୍ଥଳରେ ପହଞ୍ଚି ଠାକୁର ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ବିଧାୟିକା ପ୍ରତିନିଧି ସହଦେବ ପ୍ରଧାନ, ବ୍ଲକ ଅଧକ୍ଷା ସଙ୍ଗୀତା ବେହେରା, ଉପାଧକ୍ଷ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ବ୍ଲକ ଅଧକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ଜଗନ୍ନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଠାକୁର ଗୋପୀନାଥ ମହାପ୍ରଭୁ।

ଉଦ୍‌ଯାପନୀ ସନ୍ଧ୍ୟାରେ ଗୋକର୍ଣ୍ଣପୁର ଏବଂ ଖଜୁରିଆ ଗ୍ରାମର ପୌରାଣିକ ରାମାୟଣ ଥିଏଟର ମଞ୍ଚସ୍ଥ ହୋଇଥିଲା। ସରପଞ୍ଚ ସୁଶାନ୍ତ କୁମାର ସ୍ୱାଇଁଙ୍କ ସଂଯୋଜନାରେ ନାଟ୍ୟ ନିର୍ଦ୍ଦେଶକ ଦାମୋଦର ବାଡ଼ତ୍ୟା ଏବଂ ଉଦୟନାଥ ମହାରଣାଙ୍କୁ ଯାତ୍ରା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯାତ୍ରା କମିଟି ସଭାପତି ନୀଳକଣ୍ଠ ସ୍ୱାଇଁ, ସମ୍ପାଦକ ଶିବରାମ ରଣା, କୋଷାଧକ୍ଷ ମନୋଜ ରେଡ୍ଡୀ, ବିଭୁ ପ୍ରସାଦ ରେଡ୍ଡୀ, ସୀମାଞ୍ଚଳ ବେହେରା, ଗଜେନ୍ଦ୍ର ଜେନା, ରଘୁନାଥ ପାତ୍ର, ଦଣ୍ଡପାଣି ଦାସ, ଅଶୋକ ଦାସ, ବାବୁରାଓ, ମିଟୁ ବେହେରା, ପ୍ରଶାନ୍ତ ରେଡ୍ଡୀ, ମନୋଜ ଦୋରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ତିତ୍‌ଲିକୁ ମାସେ ପୂରିଲା

# ସହାୟତାରୁ ବଞ୍ଚିତ କ୍ଷତିଗ୍ରସ୍ତ ପରିବାର

**ଗଞ୍ଜାମ,୨୮।୧୧(ଡି.ଏନ.ଏ.)**

ତିତ୍‌ଲି ପ୍ରଭାବରେ ଗଞ୍ଜାମ ବ୍ଲକର ବିଭିନ୍ନ ପଞ୍ଚାୟତ ସମେତ ଏନ୍‌ଏସିର ବହୁ ପରିବାର କ୍ଷତିଗ୍ରସ୍ତ ହୋଇଥିଲେ। ତିତ୍‌ଲି ବାତ୍ୟାକୁ ମାସେରୁ ଅଧିକ ସମୟ ବିତି ଯାଇଥିଲେ ମଧ ଏପର୍ଯ୍ୟନ୍ତ ସେମାନଙ୍କୁ ସରକାରୀ ସହାୟତା ମିଳିପାରି ନ ଥିବା ଅଭିଯୋଗ ହୋଇଛି। ଦାମୋଦରପୁରର ଚିନା ବେହେରାଙ୍କ ଉକ୍ତ ବାତ୍ୟାରେ ଘରର ସମସ୍ତ ଆଜବେଷ୍ଟସ ଉଡ଼ିଯାଇଥିଲା। ତାଙ୍କ ସ୍ୱାମୀ ଜଣେ ଦିବ୍ୟାଙ୍ଗ, ଘରେ ପୁଅ ଝିଅ ୪ ଜଣ ସଦସ୍ୟ ରହୁଛନ୍ତି। ଅର୍ଥ ଅଭାବରୁ ଘରେ ନୂଆ ପାଲ ପକାଇପାରୁ ନ ଥିବାରୁ ଚିନା ଓ ତାଙ୍କ ଦିବ୍ୟାଙ୍ଗ ସ୍ୱାମୀ ବାରମ୍ବାର ଏନ୍‌ଏସି ଓ ତହସିଲ ପ୍ରଶାସନକୁ ଗୁହାରି କରିଥିଲେ ମଧ ଏଯାଏ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି। ସେହିପରି ସେହି ଗ୍ରାମର ସୁଷମା ମହାରଣାଙ୍କ ମଧ ତିତ୍‌ଲି ବାତ୍ୟାରେ ଘର ଭାଙ୍ଗିଯାଇଛି। ସେହି ସମୟରେ ଏନ୍‌ଏସିକୁ ଲିଖିତ ଭାବେ ଅବଗତ କରାଇଥିଲେ। ସୁଷମାଙ୍କ ସ୍ୱାମୀ ମୃତ୍ୟୁ ପରେ ଦୁଇ ପୁଅଙ୍କୁ ଉଚ୍ଚ ଶିକ୍ଷିତ କରିବାକୁ ତାଙ୍କ ଇଚ୍ଛା। କିନ୍ତୁ ଅର୍ଥ ସାଜିଛି ବାଧକ। ଏ ନେଇ ତହସିଲଦାର ଅବନୀ କୁମାର ସାହୁଙ୍କୁ ପଚାରିବାରୁ ସେମିତି କିଛି ଅଭିଯୋଗ ମୋ ପାଖକୁ ଆସିନି। ତଥାପି ଆର୍‌ଆଇଙ୍କୁ ପଠାଇ ତଦନ୍ତ ପରେ ପଦକ୍ଷେପ ନେବେ ବୋଲି ସେ ସୂଚନା ଦେଇଥିଲେ।


ଭଙ୍ଗା ଘରେ ଚିନା।

■ କାୟାକଳ୍ପ ଆୱାର୍ଡ ପ୍ରସଙ୍ଗ

# ଛତ୍ରପୁର ହସ୍ପିଟାଲରୁ ତଥ୍ୟ ସଂଗ୍ରହ

**ଛତ୍ରପୁର,୨୮।୧୧(ଡି.ଏନ.ଏ)**

ଛତ୍ରପୁର ହସ୍ପିଟାଲ ପକ୍ଷରୁ କାୟାକଳ୍ପ ଆୱାର୍ଡ ପାଇଁ ଉଦ୍ୟମ ଚାଲିଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ବୁଧବାର ଛତ୍ରପୁର ହସ୍ପିଟାଲ ଆସି ତଥ୍ୟ ସଂଗ୍ରହ କରିଥିଲେ । ପୂର୍ବରୁ ମଧ ଆଉ ଏକ ଟିମ୍ ଛତ୍ରପୁର ହସ୍ପିଟାଲ ଆସି ତଥ୍ୟ ସଂଗ୍ରହ କରି ଫେରିଥିଲେ। ଏହି ଟିମ୍‌ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ଡାଇରେକ୍ଟର ସିଭି ଏନ୍. ରାଓ, ଡା. ସରୋଜ ପାଣିଗ୍ରାହୀ, ଅନୂପ ବର୍ମା ଓ ସଞ୍ଜୟ କୁମାର ପରିଡା ଥିଲେ । ଛତ୍ରପୁର ହସ୍ପିଟାଲର ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା, ରୋଗୀ ସେବା, ଔଷଧ ବିତରଣ କେନ୍ଦ୍ର, କ୍ୱାଲିଟି ଅନୁଧ୍ୟାନ କରିବା ସହ ୱାର୍ଡ ପରିଦର୍ଶନ କରି ତଥ୍ୟ ସଂଗ୍ରହ କରାଯାଇଥିଲା। ଛତ୍ରପୁର ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଡା. କାହ୍ନୁ ଚରଣ ପାତ୍ର, ଡା. ରେଗା ପଟ୍ଟନାୟକ, ହସ୍ପିଟାଲ ମେନେଜର ସନ୍ତୋଷ କୁମାର ପଣ୍ଡାଙ୍କ ସମେତ ଅନ୍ୟ ଡାକ୍ତର ଓ ନର୍ସମାନେ ଉପସ୍ଥିତ ଥିଲେ। କାୟାକଳ୍ପ ଆୱାର୍ଡ ପାଇଲେ ଛତ୍ରପୁର ହସ୍ପିଟାଲର ବିକାଶ ପାଇଁ ପୁରସ୍କାର ସ୍ୱରୂପ ଅନୁଦାନ ମିଳିବ ବୋଲି ଜଣାପଡିଛି ।


ଟିମ୍ ତଥ୍ୟ ସଂଗ୍ରହ କରୁଛନ୍ତି ।

# ଆମ ପୋଲିସ ସମିତି ବୈଠକ

**ଆସିକା,୨୮।୧୧(ଡି.ଏନ୍.ଏ.)**

ଗାଙ୍ଗପୁର ଥାନା ଆମ ପୋଲିସ ସମିତି ବୈଠକ ମଙ୍ଗଳବାର ଗୋବରା ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଥାନା ଇଲାକାର ଆଇନ ଶୃଙ୍ଖଳା ପରିସ୍ଥିତି ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପାରିବାରିକ ହିଂସା, ଯୌତୁକ ଜନିତ ଅଭିଯୋଗକୁ ପରିବାର ମଧ୍ୟରେ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ଲାଗି ସମସ୍ତେ ଯତ୍ନବାନ ହେବା ପାଇଁ ଆହ୍ୱାନ କରାଯାଇଥିଲା। ନାରୀ ସଶକ୍ତୀକରଣ, ସାଇବର୍ ଠକେଇ, ଏଟିଏମ୍ ଠକେଇ, ଋଣ ପ୍ରଦାନ ନାମରେ ଠକେଇ, ଆପତ୍ତିଜନକ ଫଟୋ ଓ ଭିଡିଓ ଓ ତଥ୍ୟ ପ୍ରସାରଣ ସମ୍ପର୍କରେ ରହିଥିବା ଆଇନଗତ ଦଣ୍ଡ ବ୍ୟବସ୍ଥା ସହ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଟ୍ରାଫିକ୍ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଗାଁରେ ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସ ଯୋଗୁ ଉପୁଜୁଥିବା ସମସ୍ୟା ବିଷୟରେ ଆଲୋଚନା କରାଯାଇ ଏହା ତୁରନ୍ତ ପୋଲିସର ଦୃଷ୍ଟିକୁ ଆଣିବା ଲାଗି କୁହାଯାଥିଲା। ସତ୍ୟରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳକେଶରୀ ଦାସ, ଦିବ୍ୟଜ୍ୟୋତି ଦାସ, ଅମୂଲ୍ୟ କୁମାର ଦାସ, ସୁରେନ୍ଦ୍ର ସାହୁଙ୍କ ସମେତ ଆମ ପୋଲିସ ସମିତିର ବହୁ ସଦସ୍ୟ ଅଂଶ ଗ୍ରହଣ କରିଥିଲେ।



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ।

# ରାଜସ୍ୱ ସମୀକ୍ଷା କଲେ ଜିଲାପାଳ

**ଛତ୍ରପୁର,୨୮।୧୧(ଡି.ଏନ.ଏ)**

ଗଞ୍ଜାମ ଜିଲା ରାଜସ୍ୱ ସମୀକ୍ଷା ବୈଠକ ବୁଧବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରିଥିଲେ । ପ୍ରତି ତହସିଲୱାରୀ ରାଜସ୍ୱ ସମୀକ୍ଷା କରାଯାଇଥିଲା । ବେଆଇନ ମଦ କାରବାର, ବାଲି, ମୋରମ ଓ ପଥର ଚାଲାଣକୁ ରୋକିବା ପାଇଁ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପୋଲିସ, ମାଜିଷ୍ଟ୍ରେଟ, ପରିବହନ ଓ ଅବକାରୀ ବିଭାଗର ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କାମ କରିବାକୁ କୁହାଯାଇଛି। ରାଜସ୍ୱ ଲକ୍ଷ୍ୟ ପୂରଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପରିବହନ ଓ ଅବକାରୀ ବିଭାଗର ମଧ ରାଜସ୍ୱ ସମୀକ୍ଷା କରାଯାଇଥିଲା । ମ୍ୟୁଟେଶନ କେଶର ଫଇସଲା କରିବାକୁ କୁହାଯାଇଥିଲା । ଜବରଦଖଲ ଉଚ୍ଛେଦ ସହ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କାମ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିଜୟ ଦାଶ, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ସମେତ ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ ।

**CORRIGENDUM**
OFFICE OF THE REGULATED MARKET COMMITTEE, PADAMPUR
**Notice No.66** **Dated 24.11.2018**
The tender of R.M.C Padampur through e-procurement, Govt. of Odisha vide No.63 Dt.17.11.2018 is here by postponed due to some technical and administrative reason. The same will be floated very shortly.
**Sd./- Sub-Collector, Padampur Cum Chairman, R.M.C., Padampur**

**ZILLA SWASTHYA SAMITI, KORAPUT**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**
E-mail: nhmkpt@gmail.com, Phone: 06852-252064
Letter No. 560 Date: 26.11.2018
**CORRIGENDUM NOTICE**
No.601-E: The Tender Call Notice No.536/NCD/Kpt/17.11.2018, published earlier in Dharitri & Prameya on dtd.18.11.2018 for supply of Digital X Ray with CR System, some modification made to the present clause. For more details, please go through the district official website: **www.koraput.nic.in** & the other terms and conditions remained unchanged.
10077/11/0021/1819 **Chief District Medical Officer, Koraput**

**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**
(At: Ambapua, P.O.: Engineering School, Near Income Tax Office, Berhampur - 760011)
E-mail: serwbpr2004@yahoo.com Tel./Fax: 0680-2404287
No.: 1084-O
**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender / 23-2018-19/BPR &**
**Bid Identification No. Online Tender / 24-2018-19/BPR**

| Identification No. | Name of Work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ 23-2018-19/BPR | Bridge Works under BSY | 02 Nos. | From Rs.147.84 Lakhs to Rs.259.28 Lakhs | "B" Class or "A" Class as applicable | 09 (Nine) & 06 (Six) Calendar Months as provided |
| Online Tender/ 24-2018-19/BPR | Road Works under MMSY | 06 Nos. | From Rs.80.65 Lakhs to Rs.358.05 Lakhs | "B" or "A" or "Special" Class as applicable | 09 (Nine) & 06 (Six) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, R.W. Circle, Berhampur | Online Tender/23-2018-19/BPR<br>Online Tender/24-2018-19/BPR | 01.12.2018 at 10.00 A.M. | 21.12.2018 Upto 3.00 P.M. |

(i) EMD/Bid Security, Cost of Bid document is to be transferred throug Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: **www.tendersodisha.gov.in**.
**Sd./- Superintending Engineer**
**R.W. Circle, Berhampur**
25071/11/0036/1819

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Executive Engineer,**
**Ret Canal Division No-II, Narla - 766110**
Phone No 06677-240122, Email: eercdnarla@gmail.com
No.863-A
**e- Procurement Notice No. ee - RCD II-01/2018-19**
1. Type of work : Irrigation works (Civil)
2. Form of Contract : Percentage Rate
3. Period of Completion : 03(Three) Calendar Months
4. No. of work : 03(Three)

| Procurement Officer | Bid Identification Nos. | Bid Amount Rs. in lakhs | Availability & submission of bids online |
|---|---|---|---|
| Executive Engineer, Ret Canal Division No-II, Narla | ee-RCD-II- 01/2018-19, 02/2018-19& 03/2018-19 | Rs. 88.26 Lakhs, Rs. 87.86 Lakhs & Rs. 88.01 Lakhs. | 16.00 Hrs of 30.11.2018 to 17.00 Hrs of 15.12.2018 |

Date of opening of the Technical Bid :11.00Hrs of 17.12.2018
Further details can be seen from the Govt. website **www.tendersorissa.gov.in**.
**Sd./- Executive Engineer,**
**Ret Canal Division No-II, Narla**
32389/11/0001/1819

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, BAISINGA CANAL DIVISION, AT/PO- LAXMIPOSI, DIST.- MAYURBHANJ**
**Government of Odisha "e" PROCUREMENT NOTICE**
**Bid Identification No.- 13/2018-19 of EE, BCD, Laxmiposi**
857-A

| | | |
|---|---|---|
| i. | Name of works | i) Demarcating of Road with Fixing of RPM and painting with thermoplastic compound from Laxmiposi Chhaka to Takatpur road crossing from RD 0.00 M. to RD 3600 m.<br>ii) Renovation of Toilets Bath rooms and Kitchen rooms inside "E" type quarters (8 Quarters in a block) at Laxmiposi (Block No.-E/10)<br>iii) Renovation of Toilets, bath rooms and Kitchen rooms inside "E" type quarters (8 quarters in a block) at Laxmiposi (Block No.-E/5)<br>iv) Renovation of Toilets, Bath rooms and Kitchen rooms inside "E" type quarters (8 Quarters in a block) at Laxmiposi (Block No.- E/4 & E/1)<br>v) Renovation of Toilets, Bath rooms and Kitchen rooms inside "E" type quarters (8 Quarters in a block) at Laxmiposi (Block No.-E/2 & E/3)<br>vi) Renovation of Toilets, Bath rooms and Kitchen rooms inside "E" type quarters (8 Quarters in a block) at Laxmiposi. (Block No.-E/9) |
| ii. | Estimated Cost (Lakh) | i) Rs. 8.90 lakh, ii) Rs. 7.08 lakh, iii) Rs. 7.08 lakh, iv) Rs. 8.49 lakh, v) Rs. 8.49 lakh, vi) Rs. 7.08 lakh |
| iii. | Period of Completion | 6 (Six) Calendar months |
| iv. | Date & time of availability of bid document in the portal | 10.12.2018 at 10AM |
| v. | Last date/time for receipt of bid in the portal | 26.12.2018 upto 5.00PM |
| vi. | Name & Address of the O.I.T. | Executive Engineer, Baisinga Canal Division, Laxmiposi, Mayurbhanj |

Further deails can be seen from the e-Procurement portal "https://tendersodisha.gov.in"
32281/11/0024/1819 *Sd./- Executive Engineer, Baisinga Canal Division, Laxmiposi*

## ସଂକ୍ଷେପରେ

### ଜି.ଉଦୟଗିରିରେ ତାପମାତ୍ରା ୮ ଡିଗ୍ରୀ

ଜି.ଉଦୟଗିରି,୨୮।୧୧(ଡି.ଏନ.ଏ.)- ଜି.ଉଦୟଗିରିରେ ବୁଧବାର ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲସିୟସ ରହିଥିବା ଜି.ଉଦୟଗିରି କୃଷି ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଅକ୍ଷୟ କୁମାର ସେଠୀ କହିଛନ୍ତି । ଫଳରେ ପନିପରିବା ଚାରା ପ୍ରଭାବିତ ହେବାର ସମ୍ଭାବନା ରହିଥିବାରୁ ପନିପରିବା ଚାରା ଗୁଡ଼ିକୁ ଘୋଡ଼ାଇ ରଖିବାକୁ ସେ ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରବଳ ଶୀତ ଯୋଗୁ ରାତି ୮ଟା ପରେ ଜି.ଉଦୟଗିରି ସହର ଶୂନଶାନ ହୋଇଯାଉଛି। କଳିଙ୍ଗା ଘାଟିରେ ପ୍ରବଳ କୁହୁଡ଼ି ଯୋଗୁ ଯାନବାହାନ ଚଳାଚଳରେ ଅସୁବିଧା ହେଉଛି ବୋଲି ବହୁ ଚାଳକ କହିଛନ୍ତି ।

### ଭାଜପା ପକ୍ଷରୁ ଜନ ସମ୍ପର୍କ ଯାତ୍ରା

ହିଞ୍ଜିଳିକାଟୁ,୨୮।୧୧(ଡି.ଏନ୍.ଏ.)-ଭାଜପା ପକ୍ଷରୁ ବୁଧବାର ହିଞ୍ଜିଳିକାଟୁ ବ୍ଲକର ୬୮ ନଂ ଜିଲା ପରିଷଦ ଜୋନରେ ଜନ ସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଛି। ବରିଷ୍ଠ ନେତା ଦେବାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ବହୁ କର୍ମୀ ଓ ନେତା ବୁଧବାର ପୂର୍ବାହ୍ନରେ ଖରିଡା, ଗିରିଆ, ଆଲପୁର, ନନ୍ଦିକ, ରାଳବ, ଶାସନଆମ୍ବଗାଁ ଓ ବାଦିଆମ୍ବଗାଁରେ ବୁଲି ଲୋକଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉପଲବ୍ଧି ନେଇ ଲିଫଲେଟ ବଣ୍ଟନ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ବାଛ ବିଚାର ନୀତି ନେଇ ପଥପ୍ରାନ୍ତ ସଭାରେ ନେତାମାନେ ବର୍ଷିଥିଲେ। କାର୍ଯ୍ୟକ୍ରମରେ ଭାଜପା ପୌରାଞ୍ଚଳ ସଭାପତି ମାଧବ ଗୌଡ, ସୀମାଞ୍ଚଳ ଖୁଣ୍ଟିଆ, ମାର୍କଣ୍ଡ ପାଣିଗ୍ରାହି, ରବିନାରାୟଣ ସାବତ, ଡାକ ବିଶ୍ୱାଳ, ରଶ୍ମିତା ବେହେରା, କୁମାରୀ ବରଡ, ଆର ରଶ୍ମିତା, ବ୍ରଜ କିଶୋର ନାହାକ, ଜଗନ୍ନାଥ ପ୍ରଧାନ ପ୍ରମୁଖ ଭାଗ ନେଇଥିଲେ।

### ବାଲ୍ଜ୍ୟୋତି କାର୍ଯ୍ୟକ୍ରମ

ପୋଲସରା/ହାତୀଓଟ, ୨୮।୧୧ (ଡି.ଏନ.ଏ.)- ପୋଲସରା ବ୍ଲକ ହାତୀଓଟ ପଞ୍ଚାୟତସ୍ଥିତ ହାତୀଓଟ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ସର୍ବଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଦୃଷ୍ଟିବାଧିତ ଛାତ୍ରୀଛାତ୍ରମାନଙ୍କ ପାଇଁ ବାଲଜ୍ୟୋତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ହାତୀଓଟ, ବର୍ତ୍ତିନୀ ଓ କଳମ୍ବ କ୍ଲଷ୍ଟର ସ୍କୁଲର ୨୧୪ ଛାତ୍ରୀଛାତ୍ର ନିଜର ନାମ ପଞ୍ଜୀକରଣ କରିଥିଲେ । ଡା. ଧ୍ରୁବଚରଣ ବରାଳ, ଅଶୋକ କୁମାର ମହାରଣା, ନାଗେଶ୍ୱର ଆଚାରୀ ପ୍ରମୁଖ ଦୃଷ୍ଟିବାଧିତ ପିଲାମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା ।

■ ଘୁମୁସରର ସ୍ୱର ପକ୍ଷରୁ ସାହିତ୍ୟ ସଭା

# ଲୁକ୍କାୟିତ ପ୍ରତିଭା ଖୋଜି ବାହାର କରିବାକୁ ପ୍ରୟାସ

ଭଞ୍ଜନଗର,୨୮।୧୧(ଡି.ଏନ.ଏ.)

ଓଡିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଘୁମୁସରର ସ୍ୱର (ବାଲିପଦର) ପକ୍ଷରୁ ବୁଧବାର ତାରସିଂ ଠାରେ ପୂର୍ଣ୍ଣିମା ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଇତିହାସ ପୃଷ୍ଠାରେ ଘୁମୁସରର ସାହିତ୍ୟ ଓ ସଂସ୍କୃତି ଲିପିବଦ୍ଧ ହୋଇରହିଛି। ଏଠି ବିଶ୍ୱ ପ୍ରସିଦ୍ଧ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଭଳି ଲେଖକ ଜନ୍ମ ନେଇଛନ୍ତି। ଉକ୍ତ ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଘୁମୁସରର ସ୍ୱର ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏଥିସହ ଅନେକ ଯୁବ ଲେଖିକା ଲେଖକ ଲୁକ୍କାୟିତ ଅବସ୍ଥାରେ



ମଞ୍ଚାସୀନ ଅତିଥି।

ଅଛନ୍ତି। ସେମାନଙ୍କୁ ଖୋଜି ବାହାର କରିବା ପାଇଁ ଏହି ଅନୁଷ୍ଠାନ ପ୍ରଚେଷ୍ଟା ଜାରି ରଖିଛି। ଯାହାକି ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବକ୍ତାମାନେ କହିଥିଲେ। ଭଞ୍ଜନଗର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଡ. ବି. ପ୍ରକାଶ ଚନ୍ଦ୍ର ପାତ୍ର ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ଇଂ. ଲକ୍ଷ୍ମି ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କବି ପ୍ରଶାନ୍ତ ମହାନ୍ତି, ରାଜକିଶୋର ଦାସ, ସତ୍ୟ ନାରାୟଣ ମହାପାତ୍ର, ରବୀନ୍ଦ୍ର ଛୋଟରାୟ, ସୋମନାଥ ନାୟକ, ଅନନ୍ତ କର, ତାରସିଂ ଥାନା ଅଧିକାରୀ ଭଗବାନ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅଧ୍ୟାପିକା ଲତିକା ସିଂଙ୍କୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଘୁମୁସରର ସ୍ୱର ସମ୍ମାନରେ ସମ୍ମାନିତ କରାଯାଇଥିଲା। ରତ୍ନାକର ମହାରଣା ସଭା ସଂଯୋଜନା କରିଥିଲେ।

## ଜେଲ ଗଲେ ଏନ୍‌କାଉଣ୍ଟରରେ ଆହତ ଜିତୁ

ଶେରଗଡ,୨୮।୧୧(ଡି.ଏନ.ଏ.)

ଶେରଗଡ ପୋଲିସ ଗତ ୨୯ ଅକ୍ଟୋବରରେ ଡେଙ୍ଗାପଦର ଗ୍ରାମ ଛକରେ ଏନ୍‌କାଉଣ୍ଟର କରିଥିଲା । ଏଥିରେ ଏକାଧିକ ହତ୍ୟା ମାମଲାରେ ଅଭିଯୁକ୍ତ ଗାଙ୍ଗପୁର ଗ୍ରାମର ଜିତୁ ସ୍ୱାଇଁ ଓରଫ ବାଦଲ ଆହତ ହୋଇଥିଲେ। ଆହତ ପରେ ତାଙ୍କୁ ହିଞ୍ଜିଳିକାଟୁ ମେଡିକାଲ ସେଠାରୁ ବ୍ରହ୍ମପୁର ବଡ ମେଡିକାଲ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ରାତିରେ ତାଙ୍କୁ କଟକ ବଡ ମେଡିକାଲରୁ ଆଣି ବୁଧବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ୨୯ ଅକ୍ଟୋବର ରାତି ପ୍ରାୟ ୧ ଟାରେ ଜିତୁ ଓ ସୁନିଲ ଏକ ନମ୍ବରବିହୀନ ବାଇକରେ ବୁରୁପଡା ରାସ୍ତାରେ ଶେରଗଡ


ଗିରଫ ଜିତୁ।

ଅଭିମୁଖେ ଯାଉଥିବା ପୋଲିସକୁ ସୂଚନା ମିଳିଥିଲା। ହିଞ୍ଜିଳି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଓ ପାଟପୁର ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ଗଠିତ ୨ଟି ଟିମ ପୃଥକ ରାସ୍ତାରେ ଜଗି ରହିଥିଲେ। ଡେଙ୍ଗାପଦର ଛକରେ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଏଏସ୍‌ଆଇ ବିଷ୍ଣୁପ୍ରସାଦ ଦାଶ ଓ କନଷ୍ଟେବଲ ଜଗବନ୍ଧୁ ପରିଡ଼ା ରହିଥିଲେ। ସେଠାରେ ପୋଲିସକୁ ଦେଖି ଜିତୁ ପ୍ରଥମେ ଗୁଳିଚାଳନା କରି ଖସି ଯିବାକୁ ଚେଷ୍ଟା କରିଥିଲେ। ତାହା ଲକ୍ଷ୍ୟଭ୍ରଷ୍ଟ ହୋଇଥିଲା। ପୋଲିସ ପାଲଟା ଗୁଳି ଚଳାଇବାରୁ ତାଙ୍କ ଡାହାଣ ଆଣ୍ଠୁରେ ବାଜିଥିଲା। ଫଳରେ ତାଙ୍କୁ କାବୁ କରାଯାଇଥିଲା। ବାଇକ୍ ପଛରେ ବସିଥିବା ସୁନିଲ ଅନ୍ଧାରରେ ଖସି ପଳାଇଥିଲେ। ପୋଲିସ ଉପରକୁ ଗୁଳି ଚଳାଇଥିବା ଅଭିଯୋଗରେ ଜିତୁଙ୍କ ନାମରେ ଶେରଗଡ଼ ଥାନାରେ ନଂ.୯୫/୧୮ରେ ଏକ ମାମଲା ରୁଜୁ ହୋଇଥିଲା। ସେହିପରି ଜିତୁ ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ନେଇ ନଂ.୬୪/୧୮ରେ ଏକ ମାମଲା ରୁଜୁ ହୋଇଥିଲା।

## କଂଗ୍ରେସର ସାଙ୍ଗଠନିକ ବୈଠକ

କନିଷି,୨୮।୧୧(ଡି.ଏନ.ଏ.)

କନିଷି ହାଟସ୍ଥିତ ପରବାଶୀ କଲ୍ୟାଣ ମଣ୍ଡପରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସର ସାଙ୍ଗଠନିକ ବୈଠକ ଗଞ୍ଜାମ ଜିଲା କଂଗ୍ରେସ ସଭାପତି ଡ. ତ୍ରିନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଆଗାମୀ ଦିନରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଏସ୍. ଧର୍ମରାଜୁ ରେଡ୍ଡୀଙ୍କୁ କଂଗ୍ରେସ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯାଇଥିଲା। ଏଥିରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ସମସ୍ତ କର୍ମୀ, ନେତା, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, କୃଷକ ସେଲର ନେତାମାନେ ସମର୍ଥନ ଜଣାଇଥିଲେ । ଏଆଇସିସି ପ୍ରଭାରୀ ଅନିଲ କୁମାର, ଗଞ୍ଜାମ ଜିଲା ପର୍ଯ୍ୟବେକ୍ଷକ ଶୁଭେନ୍ଦୁ ମହାନ୍ତି, ମନୋଜ ଜେନା, ବିସ୍ମୟ ମହାପାତ୍ର, ଗୋକୁଳ କର, ଏସ. ଧର୍ମରାଜୁ ରେଡ୍ଡୀ ପ୍ରମୁଖ ନେତାମାନେ ଯୋଗ ଦେଇଥିଲେ ।

## ୯୫ ଏକର ଗଞ୍ଜେଇ ଗଛ ନଷ୍ଟ

ବାଲିଗୁଡ଼ା,୨୮।୧୧(ଡି.ଏନ୍.ଏ.)

ବାଲିଗୁଡ଼ା ଏସ୍‌ଡିପିଓ ନିତିନ କୁଶଲକର ଦାଗୁଡୁଙ୍କ ନେତୃତ୍ୱରେ ବାଲିଗୁଡ଼ା ପୋଲିସ ଓ ଅବକାରୀ ବିଭାଗର ମିଳିତ ଉଦ୍ୟମରେ ବାଲିଗୁଡ଼ା ଥାନା ମହାଶିଙ୍ଗି ଅଞ୍ଚଳର ବିଭିନ୍ନ ସ୍ଥାନରେ ଏକ ସ୍ୱତନ୍ତ୍ର ଟିମ୍ ବୁଧବାର ଚଢ଼ାଉ କରି ୯୫ ହଜାର ଊର୍ଦ୍ଧ୍ୱ ଗଞ୍ଜେଇ ଗଛ ନଷ୍ଟ କରିଛି। ଚଢ଼ାଉରେ ବାଲିଗୁଡ଼ା ଡିଏସ୍‌ପି ସୁନାରାମ ହେମ୍ବ୍ରମ, ଆଇଆଇସି ରମାକାନ୍ତ ପାତ୍ର, ମାଧବକୌଶଲ୍ୟାଙ୍କ ସମେତ ବହୁ ପୋଲିସ କର୍ମଚାରୀ ସାମିଲ ଥିଲେ। ଥାନା ଅଞ୍ଚଳରୁ ଗଞ୍ଜେଇ ଗଛ ଓ ଚାଲାଣ ସମ୍ପୂର୍ଣ୍ଣ ମୂଳ ପୋଛ କରିବା ଆମର ଲକ୍ଷ୍ୟ ବୋଲି ଏସ୍‌ଡିପିଓ ପ୍ରକାଶ କରିଛନ୍ତି।

## ବିଜୁ ପକ୍କାଘର କାର୍ଯ୍ୟାଦେଶ, ଭତ୍ତା ପ୍ରଦାନ


ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ।

ବେଗୁନିଆପଡ଼ା,୨୮।୧୧(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକରେ ବୁଧବାର ବ୍ଲକ ଅଧ୍ୟକ୍ଷା କେ. ରାଜଲକ୍ଷ୍ମୀ ଦୋରାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇ ବିଜୁ ପକ୍କାଘର କାର୍ଯ୍ୟାଦେଶ ଓ ଭତ୍ତା ପ୍ରଦାନ କରାଯାଇଛି। ଏହି ବ୍ଲକର ବିଭିନ୍ନ ପଞ୍ଚାୟତରେ ମୋଟ ୯୨ ଜଣ ହିତାଧିକାରୀଙ୍କୁ ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଖଣ୍ଡିଆନଇ ପଞ୍ଚାୟତରେ ୭୩ ଜଣ, ବେଗୁନିଆପଡ଼ା ପଞ୍ଚାୟତରେ ୫୪, ବୁରୁଝରୀରେ ୧୫, ବେରୁହାଁବାଡ଼ି ୩, ଫାସି ୧୦୦, କେ.ବରିଡ଼ା ୧୦୫, କାଳିମେଖି ୫୨, ମଠସରସିଙ୍ଗି ୧୪, ମର୍ଦ୍ଦକୋଟ ୬୦, ସାଙ୍କୁଡ଼ା ୩୧, ଏସ. ଛଟିନା ୫୩ ଓ ସାନ ଉସ୍ତାପଡ଼ାରେ ୨୮ ଜଣଙ୍କୁ ମଧୁବାବୁ ପେନସନ, ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଭତ୍ତା ପ୍ରଦାନ କରାଯାଇଛି । ଏଥିରେ ବିଡିଓ ଅରୁଣ କୁମାର ମଲିକ, ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡ଼ି, ଗୀତାଞ୍ଜଳି ଭୂୟାଁ, ବିଜୟ କୁମାର ଦୋରା, ଶରତ ଚନ୍ଦ୍ର ପାଣ୍ଡି, ତ୍ରିନାଥ ଭୂୟାଁ, ଏସଇଓ ସୁନିଲ କୁମାର ମିଶ୍ର, ସରପଞ୍ଚ, ସମିତିସଭ୍ୟ, ଆମ୍ବା ଅଧ୍ୟକ୍ଷ କବିରାଜ ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ରହି ବଣ୍ଟନ କରିଥିଲେ।

## ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ରାଜ୍ୟ ସମ୍ମିଳନୀ ପାଇଁ ପ୍ରସ୍ତୁତି ସଭା

ଦିଗପହଣ୍ଡି,୨୮।୧୧(ଡି.ଏନ.ଏ.)

ଦିଗପହଣ୍ଡିରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୪୭ତମ ରାଜ୍ୟ ସମ୍ମିଳନୀ ଆୟୋଜନ କରାଯିବ। ବୁଧବାର ସ୍ଥାନୀୟ ଖେମୁଣ୍ଡି ଓକିଲ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଆଲୋଚନା ସଭାରେ ଏନେଇ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ଖେମୁଣ୍ଡି ଓକିଲ ସଂଘର ନିମନ୍ତ୍ରଣକ୍ରମେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସଭାପତି ଶିଶିର କୁମାର ପାଢ଼ୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏନେଇ ସବିଶେଷ ସୂଚନା ଦିଆଯାଇଛି। ପ୍ରଭାକର ରାଉତ, ନିରଞ୍ଜନ ପ୍ରସାଦ ନାୟକ, ପ୍ରଦୀପ କୁମାର ପଟ୍ଟନାୟକ, ପୀତବାସ ପଣ୍ଡା, କରୁଣାକର ପାଣିଗ୍ରାହୀ, ପ୍ରଦୀପ କୁମାର ପଣ୍ଡା, ରସାନନ୍ଦ ରାଉତ, ଉପସଭାପତି ହର ପ୍ରସାଦ ରଥ, ସମ୍ପାଦକ ଅଶେଷ ନାଥ ମିଶ୍ର, ସହ ସମ୍ପାଦକ ମନୋରଞ୍ଜନ ପଣ୍ଡାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଡିସେମ୍ବର ୩୦ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସମ୍ମିଳନୀକୁ ସଫଳ କରାଯିବା ନିମନ୍ତେ ସଭାରେ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ବିଚାର ବିଧି ବ୍ୟବସ୍ଥାର ସଂସ୍କାର ତଥା ସମାଜ ଗଠନରେ ଓକିଲଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯିବ। ରାଜ୍ୟ ସଂଘର ବାର୍ଷିକ ଅଧିବେଶନ ଅବସରରେ ଦି' ଲୟର ଶୀର୍ଷକ ଏକ ସ୍ମରଣିକା ପ୍ରକାଶ କରାଯିବ। ସମ୍ମିଳନୀ ଶେଷରେ ଆଗାମୀ ୨ବର୍ଷ ନିମନ୍ତେ ସଂଘର ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ କରାଯିବା ନିମନ୍ତେ ସଭାରେ ପ୍ରସ୍ତାବ ଗୃହୀତ କରାଯାଇଛି।

## ଆମ ପୋଲିସ ସମିତି ବୈଠକ

ଗଞ୍ଜାମ,୨୮।୧୧(ଡି.ଏନ.ଏ.)

ରମ୍ଭା ଥାନା ପୋଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ ନୀଳାଦ୍ରିପୁର ବାତ୍ୟା ଆଶ୍ରୟସ୍ଥଳୀରେ କୃଷ୍ଣଚନ୍ଦ୍ର ସେଠୀ ଅଧ୍ୟକ୍ଷତାରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ତଥା ସିପିଏମ ଆଞ୍ଚଳିକ କମିଟି ସମ୍ପାଦକ ଦିଲୀପ ଛଟରାଏ, ଗ୍ରାମ୍ୟ କମିଟି ସଭାପତି ଚକ୍ରପାଣି ସ୍ୱାଇଁ, ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ମାହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ଏଥିରେ ପୋଲିସ ଓ ଜନତାଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ, ଅନ୍ଧ ବିଶ୍ୱାସ, ଟ୍ରାଫିକ ସମସ୍ୟା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ଥାନା ଏଏସ୍‌ଆଇ କାଳୀ ପ୍ରସାଦ ସ୍ୱାଇଁ ଓ ଅନ୍ୟାନ୍ୟ ଥାନା କର୍ମଚାରୀ ପରିଚାଳନା କରିଥିବାବେଳେ ଏମଇ ସ୍କୁଲର ସମସ୍ତ ଶିକ୍ଷକ, ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଛତ୍ରପୁର ବିଜେଡି ବୈଠକ

ଛତ୍ରପୁର,୨୮।୧୧(ଡି.ଏନ.ଏ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଏବେ ଛତ୍ରପୁର ବିଧାୟକଙ୍କୁ ହଟେଇବା ପାଇଁ ବିଜେଡିର ଅସନ୍ତୁଷ୍ଟ ଗୋଷ୍ଠୀ ମେଳି ବାନ୍ଧିଲେଣି। ଏନେଇ ବୁଧବାର ଛତ୍ରପୁର ବ୍ଲକ ମହାନାଦପୁର ପଞ୍ଚାୟତ ବିରିପୁର ଗାଁର ଚଟେଇଶୁଣୀ ମନ୍ଦିର ପ୍ରାଙ୍ଗଣରେ ବିଜେଡିର ଅସନ୍ତୁଷ୍ଟ ଗୋଷ୍ଠୀର ଏକ ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଜେଡି ବ୍ଲକ ସଭାପତି ପ୍ରବାସୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଭଗବାନ ବେହେରା, ବିମଳ ପଣ୍ଡା, ଜଟିଆ ନାହାକ, ଆୟୁବ ଖାନ୍, ଏମ୍‌ପିଙ୍କ ଗଞ୍ଜାମ ବ୍ଲକ ପ୍ରତିନିଧି ଲକ୍ଷ୍ମୀ ଚରଣ ପାଢ଼ୀ, ବଟକୃଷ୍ଣ ପଣ୍ଡା, ନିବାସୀ ଗୌଡ, ସୁରେଶ ଦାସ, ଡି. ଲାଛନା ରାଓ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ନେତାମାନେ ବକ୍ତବ୍ୟରେ ବିଧାୟକ ହଟାଅ ବିଜେଡି ବଞ୍ଚାଅ ନାରା ଦେଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବର୍ତ୍ତମାନର ବିଧାୟକଙ୍କୁ ହଟାଇ ଛତ୍ରପୁର ନିର୍ବାଚନ ମଣ୍ଡଳୀର ପରିବର୍ତ୍ତନ ପାଇଁ ନୂଆ ପ୍ରାର୍ଥୀଙ୍କୁ ବିଜୟୀ ପାଇଁ ସମସ୍ତ କର୍ମୀ ଶପଥ ନେବାକୁ ଆହ୍ୱାନ ଦିଆଯାଇଥିଲା। ୫ବର୍ଷରେ ବିଧାୟକ ବିଜେଡିର ପୁରୁଣା କର୍ମୀଙ୍କୁ ଅଣଦେଖା କରୁଛନ୍ତି ବୋଲି କହିଥିଲେ। ଫଳରେ ଦଳୀୟ ପଦଯାତ୍ରା ସମୟରେ ଦଳୀୟ କର୍ମୀଙ୍କର ସେ ଆକ୍ରୋଶର ଶିକାର ହୋଇଥିଲେ। ଏହି ନେତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିଥିଲେ। ତାଙ୍କ ଦ୍ୱାରା ବହୁ ବିକାଶମୂଳକ ଯୋଜନା ହେଉଛି ବୋଲି କହିଥିଲେ। ଏହିଭଳି କାର୍ଯ୍ୟକ୍ରମ ପ୍ରତି ପଞ୍ଚାୟତରେ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଏହି ବାର୍ତ୍ତା ପହଞ୍ଚାଯିବ ବୋଲି କହିଥିଲେ। ମନୋଜ ପାଢୀଙ୍କୁ ପଚାରିବାରୁ ଦଳର କୌଣସି ବୈଠକ ବୁଧବାର ନ ଥିଲା ବୋଲି ସେ କହିଛନ୍ତି।

**CORRIGENDUM**

**Notice No.: 7821/DPMU** **Date: 28.11.2018**

In pursuance to the Adv. **No. 7609/DPMU date17.11.2018** the Walk-in-Interview of different category of Post will be held on **Dt.29.11.2018** is hereby rescheduled to **Dt.05.12.2018** at the same venue and time. All other terms and conditions are remain unchanged.

**Sd./- CDM & Public Health Officer-cum-District Mission Director, NHM, Jharsuguda**

**ଭୁଲ୍ ସଂଶୋଧନ**

ଗତ ତା୨୧।୧୧।୨୦୧୮ରିଖ ବିଜ୍ଞାପନରେ ଶିକ୍ଷାଗତ ଯୋଗ୍ୟତା କ୍ରମିକ ସଂଖ୍ୟା-୧ରେ ସ୍ନାତକ/ସ୍ନାତକୋତ୍ତର ସମାଜସେବା/ ସାମାଜିକ ବିଜ୍ଞାନ/ ମନସ୍ତତ୍ତ୍ୱ ବିଜ୍ଞାନ ହେବ। ଦୟାକରି ତ୍ରୁଟି ମାର୍ଜନା କରିବେ।

ସ୍ୱା./-
ସେକ୍ରେଟାରୀ, ଆର୍.ଡି.ଏ.ସି.
ଗ୍ରାମ: ତୁଳସୀଚୌରା, ପୋ.ଅ.: ବାରିପଦା-୭୫୭୦୦୧,
ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା, ଭାରତ

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o the GM (Elect.) E.H.T. (Const.) Circle, Bhoinagar, Bhubaneswar-22. CIN: U40102OR2004SGC007553

**NOTICE INVITING TENDER**

Advt. No. GM-EHT (C)CIRCLE-BBSR-03/2018-19 Dated: 28.11.2018

Sealed tenders are invited from registered goods transport agencies having valid transport license at least One year experience in transportation work, GSTIN, PAN, Contract labour license, EPF and ESI registration for the work **"Loading and transportation of various equipments from EHT (Stores) Choudwar & Mancheswar and unloading the same at 132/33KV Grid Sub-station, R.Udayagiri, 132/33KV Grid Sub-station, Paralakhemundi, 132/33 KV Grid Sub-station, Digapahandi & 220/132/33KV Grid Sub-station, Aska". Cost of Tender Paper (Non-refundable) :** Rs. 4,000/- + 12% GST = Rs.4,480/- only. **EMD :** 1% of the total estimated cost. **Sale of tender documents :** from 03.12.2018 to 12.12.2018 (11:00 AM to 03:00 PM). **Last date of submission of tender :** 13.12.2018 up to 3:00 P.M. **Date & Time of opening of tender :** 13.12.2018 at 04:000 P.M. For details, please visit our website **www.optcl.co.in. Corrigendum, if any, will be published in the website or in the office notice board only.** Sd/- **General Manager (Elect.)**

Please connect us: optcl.odisha optcl_odisha energyodisha

**MUNICIPALITY OFFICE, KENDRAPARA**
**'e' Procurement NOTICE**
**Bid Identification No. KM_8-2018-19**

| | | |
|---|---|---|
| 1 | Procurment Officer - Publisher/Officer Inviting the Tender/Bids (OIT) | Executive Officer, Kendrapara Municipality |
| 2 | Name of the Works/ Packages | Civil Works |
| 3 | No. of Works | 10 Nos. |
| 4 | Estimated Cost (Approx) of the Works | Rs.3,80,044/- to Rs.19,31,022/- |
| 5 | Date & Time of availability of bid document in the portal | 30.11.18 at 5.00 P.M. |
| 6 | Date & Time of Bid Opening | 13.12.2018 |

1. Other details can be seen from Detailed Notice Inviting Tenders, available in website **www.tendersorissa.gov.in**.
2. Corrigendum if any shall only be published in the above website.

**Sd./- Executive Officer**
**Kendrapara Municipality**

**GANGADHAR MEHER UNIVERSITY, SAMBALPUR**

**NOTICE**

**No. 5854 / GMU IA-06/2019 Date: 28.11.18**

The G.M. University, Sambalpur is going to conduct Gangadhar Meher University Eligibility Test (GET) for admission to the M.Phil & Ph. D. Programs in the subject mentioned below. These programs will commence from January 2019.

**M.Phil Programs-** Botany, Chemistry, Commerce, Computer Science (Self-Financing), Economics, Education, English, Geography, Hindi, History, Mathematics, Odia, Philosophy, Political Science, Psychology, Sanskrit, Zoology, Management Studies (Self-Financing).

**Ph. D. Programs:** Chemistry, Commerce, Economics, Education, Geography, Hindi, Political Science, Sanskrit and Zoology.

For application form and other details, kindly visit the University website- www.gmuniversity.ac.in.

**TIME LINE**

1. The last date for Submission of Application Form: 12.12.2018 upto 4.00 PM.
2. The date of Entrance Test Ph. D.- 17.12.2018 (10.00 to 11.00 AM followed by Viva-Voce from 11.30 AM onwards)
3. The date of Entrance Test of M. Phil- 18.12.2018 (10.00 AM to 11.00 AM followed by Viva-Voce from 11.30 AM onwards).

**Sd./- Registrar**
**G.M. University, Sambalpur**

**ODISHA UNIVERSITY OF AGRICULTURE AND TECHNOLOGY**
BHUBANESWAR-751 003, ODISHA, INDIA
Visit us at: www.ouat.nic.in Tele fax: 0674-2562360 Email: cpcouat2018@gmail.com

**No. 1800/CAET** **TENDER NOTICE** **Date: 27/11/2018**

Sealed tenders are invited from reputed manufacturers/ authorized dealers having valid GST/PAN and Service Centers in India, preferably in Odisha for supply, installation and commissioning of different equipment/ other items as specified in the tender document at different Colleges/ Departments/Projects located at Bhubaneswar as well as at different parts of Odisha under Odisha University of Agriculture and Technology (OUAT). Interested firms have to download the tender documents from our official website **www.ouat.nic.in** and submit the same along with the required tender fee as specified in the tender document.

The last date for receipt of tender bids by speed post (India post) is **18/12/2018 up to 5.00 PM.** For details of opening of bids, important information, terms and conditions, requirements, etc. please refer to the tender document available at **www.ouat.nic.in.** Sd/-

**Chairman,**
**Central Purchase Committee-cum–Dean, CAET O.U.A.T, Bhubaneswar-751003**

ଶିକ୍ଷା ଅଧିକାର
**SARVA SIKHYA ABHIYAN (S.S.A.), GANJAM, CHATRAPUR**
Ph: (06811) 260833, Fax: 262799, Email: dpc.ganjam@opepa.in

**NOTIFICATION**

No. 6116 Dated 27.11.2018

In pursuance to Govt. Adv. No. 12511, dated 26.12.2016, Govt. Resolution No. 25605, dated 26.12.2016 and Corrigendum No. 23322/SME dated 30.11.2017 of School & Mass Education Dept., Govt. of Odisha the 2nd phase approved select list for engagement as Shiksha Sahayak (Junior Teacher Contractual)-2016 in Ganjam District has been uploaded in OPEPA website www.opepa.in and Ganjam website www.ganjam.nic.in. As such the re-verification of documents and counseling for engagement as Shiksha Sahayak (Junior Teacher Contractual)-2016 will be held at DPO, RTE-SSA, Ganjam from 10.00AM onwards on 04.12.2018. The candidates are required to execute an agreement on the same day on only non-judicial stamp papers worth Rs. 10/- with the Collector-cum-CEO, Zilla Parishad, Ganjam. The model agreement paper is also available in the website. The selected candidates are required to come with their downloaded application form, agreement papers, two self-attested recent photographs, any ID proof and original and self-attested Xerox copy of all relevant documents.

No separate intimation shall be issued to individual candidates in this regard.

The candidates who failed to attend self or unable to submit all the required documents during the period of re-verification and counseling shall be liable for cancellation of their candidature.

*Sd./- District Project Coordinator, RTE-SSA, Ganjam*

(Continued from previous page)


| କ୍ର.ସଂ | ସବ୍‌ଷ୍ଟେସନ୍ ଏବଂ ଇ.ଏଚ୍.ଟି. ଲାଇନ୍‌ର ନାମ | ସର୍ଟ ଡାଉନ୍‌ର ଅବଧି | ସର୍ଟ ଡାଉନ୍‌ର ସମୟ | ଦିନ |
|---|---|---|---|---|
| | ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ୍: ଛତ୍ରପୁର | | | |
| ୧ | ୧୩୨ କେଭି ଛତ୍ରପୁର-ନରେନ୍ଦ୍ରପୁର ସର୍କିଟ୍ ୧ | ୧୨.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୨ | ୧୩୨/୩୩ କେଭି ଛତ୍ରପୁର-ଗଞ୍ଜାମ ଲାଇନ୍ | ୧୪.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୩ | ୧୩୨ କେଭି ଛତ୍ରପୁର-ରମ୍ଭା ଟ୍ରାକ୍ସନ ଲାଇନ୍ | ୧୪.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୪ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଛତ୍ରପୁର | ୧୪.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୫ | ୧୩୨ କେଭି ଛତ୍ରପୁର-ନରେନ୍ଦ୍ରପୁର ସର୍କିଟ୍ ୨ | ୨୦.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୬ | ୧୩୨ କେଭି ଛତ୍ରପୁର-ବାଲୁଗାଁ ଲାଇନ୍ | ୨୩.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୭ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବାଲୁଗାଁ | ୨୩.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୮ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ, ପୁରୁଷୋତ୍ତମପୁର | ୩୦.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| (ଜ) | ଇ.ଏଚ୍.ଟି (ଓ ଆଣ୍ଡ ଏମ୍) ସର୍କଲ, ଚାଇଁପାଳ<br>ଇ.ଏଚ୍.ଟି (ଓ ଆଣ୍ଡ ଏମ୍) ଡିଭିଜନ, ଚାଇଁପାଳ/ମେରାମୁଣ୍ଡଳୀ | | | |
| ୧ | ୨୨୦ କେଭି ରେଙ୍ଗାଲି-ରେଙ୍ଗାଲି (ପିଜି) ସର୍କିଟ୍ ୧ | ୦୫.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୨ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ ବଇଣ୍ଡା | ୦୬.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୩ | ୨୨୦ କେଭି ଟିଟିପିଏସ୍-ଯୋଡ଼ା ସର୍କିଟ୍ ୨ (ଏଲଓସି-୨୩୫ ପର୍ଯ୍ୟନ୍ତ) | ୦୬.୧୨.୧୮ ଠାରୁ ୦୭.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୨ |
| ୪ | ୨୨୦ କେଭି ରେଙ୍ଗାଲି-ରେଙ୍ଗାଲି (ପିଜି) ସର୍କିଟ୍ ୨ | ୦୭.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୫ | ୧୩୨ କେଭି ଟିଟିପିଏସ୍-ଅନୁଗୁଳ ଲାଇନ୍ | ୦୬.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୬ | ୧୩୨ କେଭି ଅନୁଗୁଳ-ବଇଣ୍ଡା ଲାଇନ୍ | ୦୮.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୭ | ୩୩ କେଭି ସୁଇଚ୍‌ୟାର୍ଡ ରେଙ୍ଗାଳି ଗ୍ରୀଡ୍ ସବ୍‌ଷ୍ଟେସନ୍ | ୦୯.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୮ | ୧୩୨ କେଭି ଚାଇଁପାଳ-ମେରାମୁଣ୍ଡଳି ସର୍କିଟ୍ ୧ | ୧୦.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୯ | ୧୩୨ କେଭି ଚାଇଁପାଳ-ମେରାମୁଣ୍ଡଳି ସର୍କିଟ୍ ୨ | ୧୩.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୧୦ | ୨୨୦ କେଭି ରେଙ୍ଗାଳି-କଣିହା ସର୍କିଟ୍ (ଏଲଓସି ୯୮ ରୁ ଏଲଓସି ୧୮୭) | ୧୩.୧୨.୧୮ ଏବଂ ୧୪.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୨ |
| ୧୧ | ୪୦୦/୨୨୦/୧୩୨କେଭି ଗ୍ରୀଡ୍ ସବ୍‌ଷ୍ଟେସନ ମେରାମୁଣ୍ଡଳି | ୧୪.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୧୨ | ୧୩୨ କେଭି ମେରାମୁଣ୍ଡଳି ଟ୍ରାକ୍ସନ ଫିଡର | ୧୪.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୧୩ | ୨୨୦ କେଭି ରେଙ୍ଗାଳି - ଟିଟିପିଏସ୍ ସର୍କିଟ୍ (ଏଲଓସି ୨୯ରୁ ଏଲଓସି ୧୮୬) | ୧୬.୧୨.୧୮ ଠାରୁ ୧୭.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୨ |
| ୧୪ | ୨୨୦ କେଭି ଟିଟିପିଏସ୍-ଯୋଡ଼ା ସର୍କିଟ୍ ୧ (ଏଲଓସି ୨୩୫ ପର୍ଯ୍ୟନ୍ତ) | ୧୯.୧୨.୧୮ ଠାରୁ ୨୧.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୩ |
| ୧୫ | ୧୩୨ କେଭି ଟିଟିପିଏସ୍-ଚାଇଁପାଳ ସର୍କିଟ୍ ୨ | ୨୭.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୧୬ | ୧୩୨ କେଭି ଟିଟିପିଏସ୍ ଚାଇଁପାଳ ସର୍କିଟ୍ ୧ | ୨୯.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| | ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ୍: ଢେଙ୍କାନାଳ | | | |
| ୧ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ ଢେଙ୍କାନାଳ | ୦୮.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୨ | ୧୩୨ କେଭି ଖଡ଼ଗପ୍ରସାଦ ସ୍ୱିଚିଂ ଷ୍ଟେସନ | ୧୪.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୩ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ କଳାରଙ୍ଗୀ | ୧୪.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |

ସି.ଜି.ଏମ୍ ( ଓ ଆଣ୍ଡ ଏମ୍), ଓପିଟିସିଏଲ୍ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର

## ସଂକ୍ଷେପରେ

### ଅବକାରୀ ଧରପଗଡ଼, ୪ ଗିରଫ



ବ୍ରହ୍ମପୁର ଅଫିସ୍,୨୮।୧୧: ବ୍ରହ୍ମପୁର ଅବକାରୀ ବିଭାଗ ଓ ଦିଗପହଣ୍ଡି ପୋଲିସ ବୁଧବାର ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢାଉ କରି ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫମାନେ ହେଲେ ଶଙ୍କର ମଳିକ, ମନୋଜ କୁମାର ପାତ୍ର, ଆର୍.ରଘୁନାଥ ସାହୁ ଏବଂ ଏଚ୍.କେ. ବାସା। ସେମାନଙ୍କ ନିକଟରୁ ୧୨୦ ଲିଟର ଚୋରା ରନ୍ଧା ଦେଶୀ ମଦ, ୧୧.୫ ମହୁଲି ମଦ, ୧୨ ବିଦେଶୀ ମଦ ବୋତଲ ଏବଂ ୧୪ ବିଅର ଜବତ କରାଯାଇଛି। ଚଢାଉ ସମୟରେ ୧୫ଶହ କେ.ଜି. ଗୁଡ ମିଶ୍ରିତ ପୋଚ ନଷ୍ଟ କରାଯାଇଛି। ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ଭତ୍ରାଙ୍କ ତତ୍ତ୍ୱାବଧାନରେ ତଳ କୁମ୍ଭଝରୀ, ଉପର କୁମ୍ଭଝରୀ, ଜେ.ଗୋବିନ୍ଦପୁର, ଗୋପାଳପୁର, ଗେଟ୍ ବଜାର ଆଦି ଅଞ୍ଚଳରେ ଚଢାଉ କରାଯାଇଥିଲା।

### ଜୁଆ ଆଡ୍ଡାରୁ ୧୪ ଗିରଫ
#### ସରକାରୀ କର୍ମଚାରୀ ସମ୍ପୃକ୍ତ

ବ୍ରହ୍ମପୁର ଅଫିସ୍,୨୮।୧୧ : ବୈଦ୍ୟନାଥପୁର ଥାନା ଗୋଲାପଲୀ ସାହିରେ ଚାଲିଥିବା ଏକ ଜୁଆ ଆଡାରୁ ପୋଲିସ ୧୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ନଗଦ୧ ଲକ୍ଷ ୪୪୦ଟଙ୍କା, ୭ ମୋବାଇଲ୍ ଫୋନ, ୧୦୪ ତାସ୍ ଏବଂ ଗୋଟିଏ ସ୍କୁଟି ନଂ. ଓଡି ୦୭ ଏଫ୍ ୮୬୮୫କୁ ପୋଲିସ ଜବତ କରିଛି। ପ୍ରକାଶଥାଉକି, ପୋଲିସ ଫୋର୍ସ ସହିତ ଗୋଲାପଲୀ ସାହିରେ ଥିବା ୟୁପି ସ୍କୁଲ ସମ୍ମୁଖରେ ଚାଲିଥିବା ଜୁଆ ଆଡାରେ ଅତର୍କିତ ଚଢାଉ କରିଥିଲା। ସେମାନଙ୍କ ନିକଟରୁ ଟଙ୍କା, ମୋବାଇଲ ଫୋନ, ଗାଡି ଆଦି ଜବତ କରିଥିଲେ। ଗିରଫଙ୍କ ମଧ୍ୟରେ ଜଣେ ସରକାରୀ କର୍ମଚାରୀ ରହିଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ନଂ. ୨୬୦/୧୮ରେ ମାମଲା ରୁଜୁ କରାଯାଇଥିବା ଡିଏସପି ସୂଚନା ଦେଇଛନ୍ତି।

### ଆର୍‌ଏମ୍‌ଙ୍କ ଘରକୁ ପଥର ମାଡ ଘଟଣା, ଥାନାରେ ଏତଲା

ବ୍ରହ୍ମପୁର ଅଫିସ୍,୨୮।୧୧: ଚିଟ୍‌ଫଣ୍ଡ ସଂସ୍ଥା ଜିଏଲପି (ଗୋଲଡେନ୍ ଲ୍ୟାଣ୍ଡ ପ୍ରମୋଟର୍ସ) ଲିଃର ବ୍ରହ୍ମପୁରରେ ରହୁଥିବା ଆର୍‌ଏମ୍ (ରିଜିଅନାଲ୍ ମ୍ୟାନେଜର୍ କମ୍ ଓଡିଶା ଷ୍ଟେଟ୍ ଡାଇରେକ୍ଟର) ରମେଶ ପାତ୍ରଙ୍କ ଘର ଉପରକୁ ମଙ୍ଗଳବାର ପଥର ମାଡ ମାରି ଝରକା କାଚ ଭାଙ୍ଗିବା ଘଟଣା ନେଇ ବଡବଜାର ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି। ପୋଲିସ ନଂ. ୧୯୬/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଧିକାରୀ ଜେ.ବେହେରା ସୂଚନା ଦେଇଛନ୍ତି। ପ୍ରକାଶଥାଉକି, ମଙ୍ଗଳବାର ପୂର୍ବାହ୍ନରେ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଜମାକାରୀ ଓ ଏଜେଣ୍ଟ ରମେଶଙ୍କ ଘର ସାମନାରେ ଧାରଣା ଦେଇଥିଲେ। ଜମାକାରୀଙ୍କୁ ସେମାନଙ୍କର ମୂଳ ଜମା ଅର୍ଥ ଫେରସ୍ତ ଦାବି ନେଇ ହୋହାଲା କରିଥିଲେ।

### ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବରେ ଭାଗନେବେ ସତ୍ୟ

ବ୍ରହ୍ମପୁର ଅଫିସ, ୨୮।୧୧: ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କରେ ଡିସେମ୍ବର ୧ ରୁ ଅନ୍ତର୍ଜାତୀୟ ବାଲୁକଳା ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ଭାଗନେବାକୁ ବ୍ରହ୍ମପୁରର ବାଲୁକାଶିଳ୍ପୀ ସତ୍ୟନାରାୟଣ ମହାରଣା ମନୋନୀତ ହୋଇଛନ୍ତି। ପୂର୍ବରୁ ବହୁବାର ଜାତୀୟ ତଥା ଅନ୍ତର୍ଜାତୀୟସ୍ତରୀୟ ବାଲୁକା କଳା ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବା ଏହି ଶିଳ୍ପୀ ଚଳିତ ବର୍ଷ ଚତୁର୍ଥ ଥର ପାଇଁ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବରେ ଭାଗନେବେ। ଏଥିରେ ୧୦ରୁ ଊର୍ଦ୍ଧ୍ୱ ଦେଶ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ନିଜ ବାଲୁକା କଳା ମାଧମରେ ଗଞ୍ଜାମର କଳାକୁ ବିଶ୍ୱରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଥିବା ମହାରଣା କହିଛନ୍ତି। ମହୋତ୍ସବରେ ୫ ଦିନରେ ୫ ଟିମ୍ ଉପରେ ବାଲୁକା କଳା ପ୍ରଦର୍ଶନ କରିବେ ବୋଲି ସେ କହିଛନ୍ତି। ଏଥିପାଇଁ ସେ ନଭେମ୍ବର ୫ରେ ଆବେଦନ କରିଥିବା ବେଳେ ବୁଧବାର ମହୋତ୍ସବରେ ଭାଗନେବାକୁ ମନୋନୀତ ହୋଇଥିବା ଶିଳ୍ପୀ ସତ୍ୟନାରାୟଣ କହିଛନ୍ତି।

## ଜାନିବିଲି-ବ୍ରହ୍ମପୁର ମେଗା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ
# ଅବଧି ଆସନ୍ତା ୩୦ ସୁଦ୍ଧା ହେବନି ସମ୍ପୂର୍ଣ୍ଣ

ବ୍ରହ୍ମପୁର ଅଫିସ,୨୮।୧୧

ଜାନିବିଲି-ବ୍ରହ୍ମପୁର ବୃହତ୍ତର ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ନିର୍ଦ୍ଧାରିତ ସମୟ ୨୦୧୮ ନଭେମ୍ବର ୩୦ରେ ସମ୍ପୂର୍ଣ୍ଣ ହେବାରେ ଅନିଶ୍ଚିତତା ଦେଖାଦେଇଛି। ଜାନିବିଲି ଡ୍ୟାମରୁ ବ୍ରହ୍ମପୁର ପର୍ଯ୍ୟନ୍ତ ପ୍ରାୟ ୫୯ କି.ମି. ଦୀର୍ଘ ପାଇପ ବିଛା କାମ ମନ୍ଥର ଗତିରେ ଚାଲିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରେଶମ ନଗରର ମୁଖ୍ୟ ସମସ୍ୟା ଜଳ ସଙ୍କଟର ସ୍ଥାୟୀ ସମାଧାନ ଲାଗି ଏହି ମେଗା ପ୍ରକଳ୍ପ ନିର୍ମାଣ କରାଯାଉଛି।

ସୂଚନାଯୋଗ୍ୟ, ୧୯୦୫ରେ ବ୍ରିଟିଶ ଶାସନରେ ବ୍ରହ୍ମପୁରର ୩୦ ହଜାର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ମହାନଗର ନିକଟ ଦକ୍ଷିଣପୁର ଜଳ ଭଣ୍ଡାର ନିର୍ମାଣ କରାଯାଇଥିଲା। ଧରାକୋଟ ନିକଟ ଜାନିବିଲି ଡ୍ୟାମରୁ ଖୋଲା କେନାଲ ଯୋଗେ ଦକ୍ଷିଣପୁରକୁ ପାଣି ଅଣାଯିବାର ବ୍ୟବସ୍ଥା ହୋଇଥିଲା। ଏବେ ବ୍ରହ୍ମପୁର ଜନସଂଖ୍ୟା ୪ ଲକ୍ଷ ଟପିଛି ଏବଂ ଜଳ ସଙ୍କଟ ଘନୀଭୂତ ହେଉଛି। ତେଣୁ ଜାନିବିଲିରୁ ବ୍ରହ୍ମପୁର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଭୂ-ତଳ ମୋଟା ପାଇପ ବିଛାଇ ପାଣି ଅଣାଯିବାର ନୂଆ ଯୋଜନା କରାଯାଇଛି।

ଏହି ପ୍ରକଳ୍ପ ନିମନ୍ତେ ୨୦୧୩ ଅକ୍ଟୋବର ୩ରେ ବ୍ରହ୍ମପୁରସ୍ଥ ଉତ୍କଳ ଆଶ୍ରମ ରୋଡରେ ଥିବା ଜନସ୍ୱାସ୍ଥ୍ୟ ବିଭାଗର ପାଣି ଟାଙ୍କି ପରିସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ଏହାର ୩ ବର୍ଷ ପରେ ୨୦୧୬ ନଭେମ୍ବର ପ୍ରଥମ ସପ୍ତାହରେ ପ୍ରକଳ୍ପ ପାଇଁ ସରକାର ପ୍ରଶାସନିକ ମଞ୍ଜୁରୀ ଦେଇଥିଲେ। ୨୦୧୬ ନଭେମ୍ବର ୩୦ରେ ମୁଖ୍ୟମନ୍ତ୍ରୀ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ଜଗଦଳପୁରରେ କରିଥିଲେ। ସେଠାରେ ପ୍ରକଳ୍ପ ପାଇଁ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯାଉଛି। ଏହି କାର୍ଯ୍ୟକ୍ରମ ନିମନ୍ତେ ବିଶାଳ ସମାବେଶ ହୋଇଥିଲା।

### ମନ୍ଥର ଗତିରେ ଚାଲିଛି ଭୂ-ତଳ ପାଇପ ବିଛା

ଜଗଦଳପୁରରେ ଦୈନିକ ୬୦ ନିୟୁତ ଲିଟର କ୍ଷମତା ବିଶିଷ୍ଟ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କାମ ଜୋରଦାର ଚାଲିଛି। ତେବେ ରାସ୍ତାପାର୍ଶ୍ୱ ଭୂ-ତଳ ପାଇପ ବିଛା ମନ୍ଥର ହୋଇଯାଇଛି। ଯୋଗାଯୋଗ ବେଳେ ପ୍ରକଳ୍ପ ନିର୍ମାଣ ପାଇଁ ଅବସ୍ଥାପିତ ସ୍ୱତନ୍ତ୍ର ନିର୍ବାହୀ ଯନ୍ତ୍ରୀ ଆରଏନ ମଲିକଙ୍କ ସୂଚନାନୁସାରେ, ୫୯ନଂ. ଜାତୀୟ ରାଜପଥ ବିଭାଗର ଅସହଯୋଗ ଏବଂ ପାଇପ ବିଛାଇବା ବେଳେ କେତେକ ଗ୍ରାମବାସୀ ସମସ୍ୟା ସୃଷ୍ଟି କରୁଛନ୍ତି। ତେଣୁ ନିର୍ଦ୍ଧାରିତ ସମୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରତିବନ୍ଧକ ଦେଖାଦେଇଛି। ତଥାପି ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଅନ୍ୟପକ୍ଷରେ ମହାନଗରର ସବୁ ସାହିରେ ପାଇପ ବିଛା କାର୍ଯ୍ୟ ପାଇଁ ରାସ୍ତା ଖୋଳା ଯାଉଥିବାରୁ ଆଉ ଏକ ସମସ୍ୟା ଦେଖାଦେଇଛି। ବିଭିନ୍ନ ୱାର୍ଡରେ ଅନେକ ରାସ୍ତା ନଷ୍ଟ ହୋଇଛି। ସମସ୍ତଙ୍କ ଘରକୁ ଜାନିବିଲି ପାଣି ଯୋଗାଇବାର ନକ୍ସା ପ୍ରସ୍ତୁତ ହୋଇଥିବାରୁ ପାଇପ ବିଛାଇବା ପାଇଁ ରାସ୍ତା ଖୋଳା ଯାଉଥିବା ସଫେଇ ଦିଆଯାଉଛି। ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ମୁତାବକ ଜାନିବିଲି ପ୍ରକଳ୍ପ ଆସନ୍ତା ୩୦ ତାରିଖରେ ସମ୍ପୂର୍ଣ୍ଣ ହେବା ଅସମ୍ଭବ ହୋଇଯାଇଛି।

## ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ
# ୧୨ ଜଣିଆ ଦଳର ବିହାର ଗସ୍ତ



ଖେଳାଳିଙ୍କ ସହ କ୍ରୀଡା ପରିଷଦ ସମ୍ପାଦକ ଓ ଅନ୍ୟମାନେ।

ବ୍ରହ୍ମପୁର ଅଫିସ, ୨୮।୧୧

ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ବିହାରସ୍ଥିତ ଆରା ଭିକେଏସ ବିଶ୍ୱବିଦ୍ୟାଳୟ ଆସନ୍ତା ୧ ତାରିଖରୁ ଆରମ୍ଭ ହୋଇ ୪ ପର୍ଯ୍ୟନ୍ତ ଚାଲିବ। ଏଥିରେ ଭାଗ ନେବାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଏକ ୧୨ ଜଣିଆ ଦଳ ବୁଧବାର ବିହାର ଗସ୍ତ କରିଛନ୍ତି। ମ୍ୟାନେଜର ଭାବେ ପାଟପୁର ବି.ଆର. ବିଜ୍ଞାନ ମହାବିଦ୍ୟାଳୟର ପିଇଟି ଲକ୍ଷ୍ମଣ କୁମାର ସାହୁ ଓ କୋଚ ବିଷମକଟକ ଏମ୍‌ଏମ୍ କଲେଜ ପିଇଟି ରବୀନ୍ଦ୍ର ନାରାୟଣ ଛନ୍ଦ ଦଳ ସହ ଗସ୍ତ କରିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ସମ୍ପାଦକ ପ୍ରଫେସର ପ୍ରସନ୍ନ କୁମାର ଦୀକ୍ଷିତ, ସ୍ପୋର୍ଟସ ଅଫିସର ରବିଚରଣ ମିଶ୍ର ଓ ପରିଷଦର ସମସ୍ତ କର୍ମକର୍ତ୍ତା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଓଡ଼ିଆ ବିଭାଗର ଜାତୀୟସ୍ତରୀୟ ଆଲୋଚନାଚକ୍ର
# ଭାବାବେଗ ସହ ଜଡିତ ବାକ୍ୟ ସାହିତ୍ୟକୁ କାଳଜୟୀ କରାଏ




କଥାକାର ରାମଚନ୍ଦ୍ର ବେହେରା ଉଦ୍‌ବୋଧନ ଦେଉଛନ୍ତି।

ବ୍ରହ୍ମପୁର ଅଫିସ, ୨୮।୧୧

ମଣିଷର ଭାବାବେଗ ସହ ଜଡିତ ବାକ୍ୟ ହିଁ ସାହିତ୍ୟ କୁ କାଳଜୟୀ କରାଇଥାଏ। କାଳଜୟୀ ସାହିତ୍ୟ ରଚନା କରିବାକୁ ହେଲେ ମଣିଷକୁ ଭଲପାଇ, ନିଜକୁ ଅନ୍ୟର ସୁଖଦୁଃଖରେ ସାମିଲ କରି ଅଙ୍ଗେ ନିଭେଇଥିବା ବାକ୍ୟକୁ ନିଜ ଲେଖାମାଧ୍ୟମରେ ଉପସ୍ଥାପନ କରିବାକୁ ପଡିବ। ମଙ୍ଗଳବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡିଆ ବିଭାଗର ପକ୍ଷରୁ ଆୟୋଜିତ ଆଲୋଚନା ଚକ୍ରରେ ବକ୍ତାଭାବେ ଯୋଗଦେଇ ଓଡିଶାର ବିଶିଷ୍ଟ କଥାକାର ପ୍ରଫେସର ରାମଚନ୍ଦ୍ର ବେହେରା ଏହା କହିଛନ୍ତି। ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ସୁବର୍ଣ୍ଣ ଜୟନ୍ତୀ ସମ୍ମସ ଅବସରରେ ଦିନିକିଆ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। 'ଏକ ବିଂଶ ଶତକ ଓଡିଆ ସାହିତ୍ୟ ସୀମା ଓ ସମ୍ଭାବନା' ଶୀର୍ଷକ ଉପରିସ୍ଥ ଏହି ଆଲୋଚନା ଚକ୍ରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରଜେନ୍ଦ୍ର ପ୍ରସାଦ ଦାସ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରିଥିବା ବେଳେ ଓଡିଆ ବିଭାଗ ମୁଖ୍ୟ ପ୍ରସନ୍ନ କୁମାର ସ୍ୱାଇଁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଶ୍ୱଭାରତୀ ଶାନ୍ତି ନିକେତନର ବରିଷ୍ଠ ପ୍ରଫେସର ମନୋରଞ୍ଜନ ପ୍ରଧାନ, ବିଶ୍ୱବିଦ୍ୟାଳୟ କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ଦିଲ୍ଲୀପ କୁମାର ସ୍ୱାଇଁ, ଡ. ବିଦ୍ୟୁତପ୍ରଭା ସାହୁ, ଡ. ଅତୁଲ ବଳ, ଡ. ସମୀର ଭୋଇ, ଡ, ପ୍ରଦୋଷ କୁମାର ସ୍ୱାଇଁ, ଡ. ମନୋରଞ୍ଜନ ବିଷୋୟୀ, ଡ. କୁଳମଣି ଓଝା ଓ ଡ. ଉଷାରାଣୀ ରଥ ପ୍ରମୁଖ ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ପ୍ରଫେସର କୃଷ୍ଣ ଚନ୍ଦ୍ର ପ୍ରଧାନ ଓ ଡ. ସଦାନନ୍ଦ ନାୟକ ଅଧିବେଶନ ଗୁଡିକରେ ଅଧ୍ୟକ୍ଷତାରେ କରିଥିଲେ। ଡ. ରାଧାଗୋବିନ୍ଦ ପାଢୀ, ମନୋଜ କୁମାର ପଟ୍ଟନାୟକ, ପ୍ରଦୀପ କଅଁର, ଉମାଚରଣ ଦାଶ, ଗବେଷକ ବସନ୍ତ କୁମାର ସେଠୀ, ଶଶିକାନ୍ତ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସାହିତ୍ୟିକ, ଶିକ୍ଷାବିତ୍‌ଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, କର୍ମଚାରୀ ଯୋଗ ଦେଇଥିଲେ।

# ଦକ୍ଷତା ଭିତ୍ତିକ ତାଲିମ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୨୮।୧୧

ବ୍ରହ୍ମପୁର ସରକାରୀ ଆଇଟିଆଇ ପକ୍ଷରୁ ଏକ ଦକ୍ଷତା ଭିତ୍ତିକ ତାଲିମ କାର୍ଯ୍ୟକ୍ରମ ବୁଧବାର ଶୁଭାରମ୍ଭ ହୋଇଯାଇଛି। ୫ ଦିନ ଧରି ଚାଲିବାକୁ ଥିବା ଏହି ତାଲିମ ଶିବିରକୁ ପାରଳା ମହାରଜା ଇଂଜିନିୟରିଂ କଲେଜ ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ତାଲିମ ଶିବିରରେ ଆଇଟିଆଇର ଫିଟର, ମେସିନିଷ୍ଟ, ଟର୍ନର, ପେଣ୍ଟର, ଆଟୋମୋବାଇଲ ଟ୍ରେଡର ଶିକ୍ଷକଙ୍କୁ ୱେଲେଡିଂ ଦକ୍ଷତା ନେଇ ତାଲିମ ପ୍ରଦାନ କରାଯିବ। ପ୍ରଥମ ଦିବସରେ ପାରଳା ମହାରାଜା ଇଂଜିନିୟରିଂ କଲେଜର ମେକାନିକାଲ ବିଭାଗର ସହାକାରୀ ଅଧ୍ୟାପକ ସାଗର କୁମାର ମୁର୍ମୁ ଓ ଆଇଆରଇର ସନିୟର ଟେକ୍ନିସିଆନ କୈଳାସ ଚନ୍ଦ୍ର ମହାରଣା ଯୋଗଦେଇ ୱେଲଡିଂ କାର୍ଯ୍ୟର ଅତ୍ୟାଧୁନିକ ଜ୍ଞାନକୌଶଳ ଓ ପଦ୍ଧତି ଉପରେ ତାଲିମ ପ୍ରଦାନ କରିଥିଲେ। ବର୍ତ୍ତମାନ ସମୟରେ ବିଭିନ୍ନ କାରଖାନାରେ ୱେଲଡିଂ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଅତ୍ୟାଧୁନିକ ଯନ୍ତ୍ରପାତି, ପଦ୍ଧତି ଉପରେ ଶିକ୍ଷକମାନେ କିପରି ବିଦ୍ୟାର୍ଥୀଙ୍କୁ ଅବଗତ କରାଇବେ ସେ ଉପରେ ତାଲିମଦାତାମାନେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଅନୁଷ୍ଠାନର ବିଭିନ୍ନ ଟ୍ରେଡର ୨୫ ଜଣ ଶିକ୍ଷକ ଅଂଶ ଗ୍ରହଣ କରିଛନ୍ତି।



ଶିକ୍ଷକଙ୍କୁ ତାଲିମ ଦିଆଯାଉଛି।

# ଆଇଟିଆଇର କ୍ରୀଡ଼ା ପ୍ରତିଯୋଗିତା



ଅଧ୍ୟକ୍ଷ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

ବ୍ରହ୍ମପୁର ଅଫିସ, ୨୮।୧୧

ବ୍ରହ୍ମପୁର ସରକାରୀ ଆଇଟିଆଇ ପକ୍ଷରୁ କ୍ରୀଡା ପ୍ରତିଯୋଗିତା ବୁଧବାରରୁ ଆରମ୍ଭ ହୋଇଯାଇଛି। ତିନିଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାକୁ ଅନୁଷ୍ଠାନ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ କବାଡି ଓ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫିଟର ଜୁନିୟର ଓ ଇଲେକ୍ଟ୍ରିକାଲ ସିନିୟର ମଧ୍ୟରେ କବାଡି ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଫିଟର ଜୁନିୟର ଓ ଇଲେକ୍ଟ୍ରିସିଆନ ଜୁନିୟର ମଧ୍ୟରେ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭଲିବଲରେ ଫିଟର ଜୁନିୟର ଇଲେକ୍ଟ୍ରିସିଆନ ଜୁନିୟରକୁ ପରାସ୍ତ କରି ବିଜୟୀ ହୋଇଥିଲା। ଏଥିରେ ଆଇଟିଆଇର ସମସ୍ତ କର୍ମଚାରୀ ସହଯୋଗ କରିଥଲେ।

## ଅଢ଼େଇ କୋଟି ଟଙ୍କାର ଅନୁଦାନ ଅନୁମୋଦିତ
# ଦେଢ଼ କୋଟିରେ କିଣାଯିବ ଦୁଇଟି ପ୍ରିଣ୍ଟର୍

ବ୍ରହ୍ମପୁର ଅଫିସ,୨୮।୧୧

ଦୀର୍ଘ ବର୍ଷ ଯାଏ ଅବହେଳାର ଶିକାର ହେବା ପରେ ଓଡ଼ିଶାର ଏକ ମାତ୍ର ବ୍ରେଲ ପ୍ରେସ୍‌ର ଏବେ ନବକଳେବର ହେବାକୁ ଯାଉଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଏଦିଗର ପଦକ୍ଷେପ ନେବା ସହ ଆବଶ୍ୟକ ଅନୁଦାନ ଘୋଷଣା କରିଛନ୍ତି। ମିଳିବାକୁ ଥିବା ଅନୁଦାନରେ ନୂତନ କୋଠା ନିର୍ମାଣ ସହ ଦୁଇଟି ପ୍ରିଣ୍ଟର୍ ମଧ୍ୟ କିଣାଯିବ। ଫଳରେ ମୁଦ୍ରଣ ସଂଖ୍ୟା ବୃଦ୍ଧି ପାଇବା ସହ ଅନ୍ୟାନ୍ୟ ସମସ୍ୟା ମଧ୍ୟ ଦୂର ହେବ ବୋଲି ଆଶା କରାଯାଉଛି।

ପ୍ରେସ୍‌ର ପରିଚାଳକ ପ୍ରକାଶ ନାରାୟଣ ରଥଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ତରଫରୁ ଏକ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ଟଙ୍କାରେ ନୂତନ କୋଠା ନିର୍ମାଣ ହେବ, ବର୍ତ୍ତମାନ ଥିବା କୋଠା ପୁରୁଣା ହୋଇଗଲାଣି। ଜାଗାର ମଧ୍ୟ ଅଭାବ ରହୁଛି। ନୂତନ କୋଠା ନିର୍ମାଣ ପରେ ଜାଗା ଅଭାବ ସମସ୍ୟା ଦୂର ହେବ। ଖୁବ୍ ଶୀଘ୍ର ଟଙ୍କା ମିଳିବା ସହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯିବ। ସେହିଭଳି କେନ୍ଦ୍ର ସରକାରଙ୍କ ତରଫରୁ ଏକ କୋଟି ୪୫ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏହି ଟଙ୍କାରେ ଦୁଇଟି ନୂତନ କମ୍ପ୍ୟୁଟରୀକୃତ ପ୍ରିଣ୍ଟର୍ କିଣାଯିବ। ପ୍ରଥମ ପର୍ଯ୍ୟାୟରେ ୭୨ଲକ୍ଷ ୫୩ ହଜାର ଟଙ୍କା ମିଳି ସାରିଲାଣି।




ବ୍ରେଲ୍ ପ୍ରେସ୍‌ରେ ଥିବା ପ୍ରିଣ୍ଟର୍‌ରେ ବହି ଛପା ଯାଉଛି।

ଆଗାମୀ ଦିନରେ ବଳକା ଟଙ୍କା ମଧ୍ୟ ମିଳିବ। ଟଙ୍କା ମିଳିବା ପରେ ପ୍ରିଣ୍ଟର୍ ସହ ବ୍ରେଲ୍ ସଫ୍ଟୱେର୍ ଥିବା ଦୁଇଟି କମ୍ପ୍ୟୁଟର୍, ଅନ୍‌ଲାଇନ୍ ୟୁପିଏସ୍ ଏବଂ ବ୍ରେଲ୍ ଡିସ୍‌ପ୍ଲେ ସିଷ୍ଟମ୍ କିଣାଯିବ ବୋଲି ସେ ପ୍ରକାଶ କରିଛନ୍ତି। ରାଜ୍ୟର ଏହା ଏକ ମାତ୍ର ବ୍ରେଲ୍ ପ୍ରେସ୍ ହୋଇଥିବା ଯୋଗୁ ଅଧିକରୁ ଅଧିକ ପାଠ୍ୟ ପୁସ୍ତକ ଛାପିବା ପାଇଁ ଚାପ ପ୍ରତି ବର୍ଷ ବଢ଼ିବାରେ ଲାଗିଛି। ପ୍ରଥମରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପାଠ୍ୟ ପୁସ୍ତକ ଛପାଯାଉଛି। ଏହାକୁ ରାଜ୍ୟବ୍ୟାପୀ ଥିବା ପ୍ରାୟ ୫ହଜାର ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଉଛି। ଚଳିତ ବର୍ଷ ପ୍ରାୟ ୪୦ ହଜାର ପାଠ୍ୟ ପୁସ୍ତକ ଛପା ଯାଇଛି।

### କୋଟିଏ ଟଙ୍କାରେ ନିର୍ମାଣ ହେବ କୋଠା

ଗତ ବର୍ଷ ମାତ୍ର ୧୨ହଜାର ପୁସ୍ତକ ଛପା ହୋଇଥିଲା। ଏଥି ସହ ଏଠାରେ ବିଭିନ୍ନ ଆଇନ୍ ବିଷୟ ଏବଂ ସରକାରଙ୍କ ଅନ୍ୟାନ୍ୟ ଆବଶ୍ୟକତା ଅନୁଯାୟୀ ବ୍ରେଲ୍ ବହି ଛପା ଯାଉଛି। ଓଡ଼ିଶା ବିଜ୍ଞାନ ଏକାଡ଼େମୀର ତ୍ରୟବାର୍ଷିକ 'ବିଜ୍ଞାନ ଦିଗନ୍ତ' ବହି ମଧ୍ୟ ଏଠାରେ ଛପା ହେଉଛି। ଗତ ୭ ବର୍ଷ ହେଲା ସରକାରଙ୍କ ବାର୍ଷିକ କ୍ୟାଲେଣ୍ଡର୍ ଛପାଯାଉଛି। ବର୍ତ୍ତମାନ ଏଠାରେ କମ୍ପ୍ୟୁଟରୀକୃତ ଗୋଟିଏ ପ୍ରିଣ୍ଟର୍ ରହିଛି। ସେଥିରୁ ଘଣ୍ଟାକୁ ୨ହଜାର ପୃଷ୍ଠା ଛପା ହୋଇପାରୁଛି। ଆଉ ଏକ ମାନୁ୍ୟଆଲ୍ ପ୍ରିଣ୍ଟର୍ ରହିଛି। ସେଥିର ମଧ୍ୟ ୨ ହଜାର ପୃଷ୍ଠା ଛପା ହେଉଛି। କିନ୍ତୁ ମନୁ୍ୟଆଲ୍ ପ୍ରିଣ୍ଟର୍‌ରେ ପ୍ରିଣ୍ଟିଂ ପ୍ଲେଟ୍ ପ୍ରସ୍ତୁତରେ ଅଧିକ ସମୟ ଲାଗୁଛି। କାରଣ ଏଥିରେ ସମସ୍ତ କାର୍ଯ୍ୟ ହାତରେ କରିବାକୁ ପଡୁଛି। ଅନ୍ୟପଟେ ଆବଶ୍ୟକତା ପ୍ରତି ବର୍ଷ ବଢ଼ିବାରେ ଲାଗିଛି। ଚଳିତ ବର୍ଷ ଏଠାରେ ଯୁକ୍ତ ୨ ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକ ପାଇଁ ମଧ୍ୟ ପାଠ୍ୟ ପୁସ୍ତକ ଛାପିବା ପାଇଁ ଯୋଜନା ଚାଲିଛି ବୋଲି ପରିଚାଳକ ରଥ ପ୍ରକାଶ କରିଛନ୍ତି। ଅନ୍ୟପଟେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ କହିଛନ୍ତି, ନୂତନ କୋଠା ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି। ଖୁବ୍ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ୧୯୮୬ରେ ଏହି ମୁଦ୍ରଣାଳୟ ଆରମ୍ଭ ହୋଇଥିଲା। ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ପ୍ରଥମେ ଗୋଟିଏ ମାନୁ୍ୟଆଲ୍ ପ୍ରିଣ୍ଟର୍ ରଖାଯାଇଥିଲା। ୨୦୧୩ରେ କମ୍ପ୍ୟୁଟରୀକୃତ ପ୍ରିଣ୍ଟର୍ କିଣାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଚାହିଦା ବଢୁଥିବା ବେଳେ ଅଧିକ କମ୍ପ୍ୟୁଟରୀକୃତ ପ୍ରିଣ୍ଟର୍ ଯୋଗାଇ ଦେବାକୁ ଦୀର୍ଘ ବର୍ଷ ହେଲା ଦାବି ହେଉଥିଲା। ଶେଷରେ ପ୍ରିଣ୍ଟର୍ ଅଭାବ ଦୂର ହେବାକୁ ଯାଉଛି।

ADMISSION OPEN FOR THE SESSION-2018-19
ON E-ADMISSION ONLINE PROCESS
KALAM HIGHER SECONDARY SCHOOL (+2 ARTS)
SIMANBADI, KANDHAMAL
Permitted by : Govt. of Odisha, Higher Secondary Education
Office Order No. 5781, Dated : 22.06.2018
କାଲାମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (+୨ କଳା)
ସିମନବାଡ଼ି, କନ୍ଧମାଳ
SUBJECT APPROVED :
Compulsory : English, M.I.L. (O), Optional Subject : History, Pol. Science, Economics, Education, Geography & IRPM.
Contact No.8763697130 (F), 8280615532 (Principal), 8763169143, 8280866416, 9437362308, 8895228623 (A)


ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ରାଇକିଆ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ପଞ୍ଚୁ ପ୍ରଧାନ
ସରପଞ୍ଚ, ରାଇକିଆ ଗ୍ରାମପଞ୍ଚାୟତ, କନ୍ଧମାଳ

ଧରିତ୍ରୀର ୪୫ତମ ଜନ୍ମବାର୍ଷିକୀ ଅବସରରେ କନ୍ଧମାଳ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ପ୍ରଦୀପ ପ୍ରଧାନ
ସଭାପତି, ବିଜୁ ଯୁବ ଜନତା ଦଳ, କନ୍ଧମାଳ


ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ରାଇକିଆ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ଭୂଷଣ ପ୍ରଧାନ
ସରପଞ୍ଚ, ମାଣିକେଶ୍ୱର ଗ୍ରାମପଞ୍ଚାୟତ, ରାଇକିଆ, କନ୍ଧମାଳ


With best compliments from :-
ADITYA BIRLA GRASIM
GRASIM INDUSTRIES LIMITED
CHEMICAL DIVISION GANJAM
Manufacturer of
Caustic Soda Lye, Liquid Chlorine,
Hydrochloric Acid & Sodium Hypochlorite
Based on latest Membrane Cell Technology
WORKS OFFICE
Post : Jayshree- 761 025
Dist : Ganjam (Odisha)
Phone : (06811) 254516 / 254319/254336
Fax : (06811) -254384
E-mail : grasim.ganjam@adityabirla.com
Registered Office
P.O. Birlagram
Nagda-456 331 (M.P.)



## ଅଳ୍ପରେ

# ସୋନାକ୍ଷୀ ସିହ୍ନା

'ଦବଙ୍ଗ' ଚଳଚ୍ଚିତ୍ରରୁ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିବା ସୋନାକ୍ଷୀ ଇତି ମଧ୍ୟରେ ବେଶ୍ କେତୋଟି ହିଟ୍ ସିନେମାରେ ନିଜ ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି। ତାଙ୍କ ବିଷୟରେ କିଛି ରୋଚକ କଥା...

❖ବଡ଼ ପରଦାରେ ଏଣ୍ଟ୍ରି କରିବା ପୂର୍ବରୁ ସୋନାକ୍ଷୀ ମଡେଲିଂ ସହ ଜଡ଼ିତ ଥିଲେ। ବିଶେଷ ଭାବରେ ୨୦୦୮-୦୯ରେ ସେ ମଡେଲିଂ ପାଇଁ ଚର୍ଚ୍ଚାର ପରିସରକୁ ଆସିଥିଲେ।

❖ପ୍ରଥମ ସିନେମା 'ଦବଙ୍ଗ'ରେ ଅଭିନୟ କରିବା ପୂର୍ବରୁ ତାଙ୍କୁ ବେଶ୍ କସରତ କରିବାକୁ ପଡ଼ିଥିଲା। ପ୍ରଥମେ ସେ ୩୦ କି.ଗ୍ରା. ଓଜନ କମାଇଥିଲେ। ଏହାବ୍ୟତୀତ ନିୟମିତ ଏକ୍ସରସାଇଜ, ଯୋଗ, ସୁଇମିଂ କରି ନିଜକୁ ସ୍ଲିମ୍ ଟ୍ରିମ୍ କରାଇଥିଲେ।

❖ପ୍ରଥମ ସିନେମାରେ ସେ ସଲମାନଙ୍କ ଉପରେ ଏତେ ଖୁସି ହୋଇଯାଇଥିଲେ ଯେ ତାଙ୍କର ପାରିଶ୍ରମିକରୁ ୮୦ ପ୍ରତିଶତ ସଲମାନଙ୍କ ସ୍ୱେଚ୍ଛାସେବୀ ସଂସ୍ଥା 'ବିଇଙ୍ଗ୍ ହ୍ୟୁମାନ'କୁ ଦାନ କରିଥିଲେ।

❖ଘରେ ତାଙ୍କର ଅଧିକାଂଶ ସମୟ କୁକୁର ଛୁଆ ସହ କଟିଥାଏ। ଏପରି କି ଡ୍ରେସ୍ ଚେଞ୍ଜ କରିବା ବେଳେ ସେ ସେମାନଙ୍କ ସହ ଖେଳିଥାଆନ୍ତି।

❖ପିଲାଦିନରୁ ସେ ଶାଢ଼ି ପିନ୍ଧିବାକୁ ପସନ୍ଦ କରୁଥିଲେ। ଏପରି କି ନୋଜ୍ ରିଂ ଲଗାଇବା ଥିଲା ତାଙ୍କର ଆଉ ଏକ ସଉକ, ଯାହା ସେ ଅଭିନୟ କରିଥିବା କେତେକ ସିନେମାରେ ଦେଖିବାକୁ ମିଳିଛି।

❖ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରିବା ତାଙ୍କର ଆଉ ଏକ ଅଭ୍ୟାସ।

❖ପ୍ରଖ୍ୟାତ ଲେଖକଙ୍କ ଦ୍ୱାରା ରଚିତ ବହି ପଢ଼ିବାକୁ ସେ ପସନ୍ଦ କରିଥାଅନ୍ତି।

❖୨୦୦୫ରେ ନିର୍ମିତ ହିନ୍ଦୀ ସିନେମା 'ମେରା ଦିଲ୍ ଲେକେ ଦେଖୋ' କଷ୍ଟ୍ୟୁମ ଡିଜାଇନ୍ କରିଥିଲେ ସୋନାକ୍ଷୀ।

❖ତାଙ୍କ ଅଭିନୀତ 'ଲୁଟେରା'ର ଶୁଟିଂ ସମୟରେ ଏକ ଅଭାବନୀୟ ଘଟଣା ଘଟିଥିଲା। ନାୟକ ରଣବୀର ସିଂ ତାଙ୍କ ମୁହଁକୁ ଛେପ ପକାଇଥିଲେ, ଯେଉଁଥିପାଇଁ ସେ ଶୁଟିଂ ସେଟ୍ ଛାଡ଼ି ଚାଲିଯାଇଥିଲେ। ପରେ ଏହି ଘଟଣାର ଆପୋସ ସମାଧାନ କରାଯାଇଥିଲା।

❖ବଣ୍ଟି ସଚ୍ଚଦେବା, ଶାହୀଦ କପୁର ଏବଂ ଅର୍ଜୁନ କପୁରଙ୍କ ସହ ପ୍ରେମ ସମ୍ପର୍କକୁ ନେଇ ଆଲୋଚନାର ଶିରୋନାମା ସାଜି ସାରିଛନ୍ତି ସୋନାକ୍ଷୀ।

---

ନୂଆ ସିନେମା

## ଚାଲ୍ ଟିକେ ପ୍ରେମ କରିବା


ଦେବରାଜ

ଦେବକୀ ଫିଲ୍ମସ ବ୍ୟାନରରେ ନିର୍ମାଣ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଚାଲ ଟିକେ ପ୍ରେମ କରିବା'। ଚିନ୍ମୟୀ ପ୍ରିୟଦର୍ଶିନୀଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ସରୋଜକାନ୍ତ। ଦେବକୀ ସାହୁଙ୍କ କାହାଣୀକୁ ଆଧାରକରି ସଂଳାପ ସହ ଚିତ୍ରନାଟ୍ୟ ଲେଖିଛନ୍ତି ଆଶୁତୋଷ ବାରିକ। ଖାସ୍ କଥା ହେଲା ଏହି ବ୍ୟାନର ଦ୍ୱାରା ନିର୍ମିତ ପ୍ରଥମ ଚଳଚ୍ଚିତ୍ର 'ତୋ ପ୍ରେମରେ ପଡ଼ିଲା ପରେ'ର ନାୟକ ଦେବରାଜଙ୍କୁ ଏଥିରେ ରିପିଟ୍ କରୁଛନ୍ତି ପ୍ରଯୋଜିକା ଚିନ୍ମୟୀ। ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାରକରି ଏହାର କାହାଣୀ ଗତିଶୀଳ। ଏଥିରେ ଦେବରାଜଙ୍କ ନାୟିକା ଭୂମିକାରେ କିଏ ଅଭିନୟ କରିବ ସେ ନେଇ ଚୟନ ପ୍ରକ୍ରିୟା ଜାରି ରହିଛି। ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି ଏବଂ ଖୁବ୍ ଶୀଘ୍ର ଶୁଟିଂ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜିକା।

---

ମେଗା ଧାରାବାହିକ ଦୁର୍ଗା

## ବଦଳିଲା ପିଢ଼ି




ତରଙ୍ଗ ଚ୍ୟାନେଲ୍‌ରେ ପ୍ରସାରିତ ନାଇସ୍ ପ୍ରଡକ୍ସନ୍ ନିବେଦିତ ମେଗା ଧାରାବାହିକ 'ଦୁର୍ଗା'ର ପିଢ଼ିରେ ପରିବର୍ତ୍ତନ ଘଟିବାକୁ ଯାଉଛି। ଅର୍ଥାତ୍ ଆଗକୁ ମୂଳ 'ଦୁର୍ଗା'ର ନାତୁଣୀ 'ସ୍ତୁତି'କୁ ନେଇ କାହାଣୀ ଗତିଶୀଳ ହେବ। 'ସ୍ତୁତି'ର ମା' 'ଦୁର୍ଗା' (ମୂଳ 'ଦୁର୍ଗା'ର ଝିଅ) ମାନସିକ ଭାରସାମ୍ୟ ହରେଇ ବସିଛି। ଭାଇ ରୁଦ୍ର ବି ହାତଛଡ଼ା ଦେଇସାରିଛି। ଏବେ କେମିତି 'ସ୍ତୁତି' ନିଜ ମା'ର ମାନସିକ ସ୍ଥିତିକୁ ସୁଧାରିବ ତଥା ଘଟିବାକୁ ଯାଉଥିବା ସଙ୍କଟର ସାମ୍ନା କରିବ ତାହା ହିଁ ଜଣାପଡ଼ିବ ଏହି ମେଗା ଧାରାବାହିକର ଆଗାମୀ ଅଧ୍ୟାୟଗୁଡ଼ିକରୁ। ସ୍ତୁତି ଭୂମିକାରେ ପ୍ରସିଦ୍ଧି ଅଭିନୟ କରିଥିବା ବେଳେ ତା'ର ମା' ଦୁର୍ଗା ଭୂମିକାରେ ଅଛନ୍ତି ଅର୍ପିତା କର। ସୁବ୍ରତ ନାୟକ ପ୍ରଯୋଜିତ ଏହି ମେଗା ଧାରାବାହିକର ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳୁଛନ୍ତି ମହେଶ ହାଜରା। ଶ୍ରୀହର୍ଷ କର ସଂଳାପ ରଚନା କରୁଥିବା ବେଳେ ପୁଷ୍ପକ୍ ସିଦ୍ଧାର୍ଥ ଏଡ଼ିଟିଂ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ମେଗା ଧାରାବାହିକର ଡିଓପି (ଡିରେକ୍ଟର ଅଫ ଫଟୋଗ୍ରାଫୀ) ହେଉଛନ୍ତି ପ୍ରଦୀପ ନାୟକ।

---

## ମର୍ଡର ମିଶନ

ଖଳନାୟକ ଅଂଶୁମାନ ସାମନ୍ତରାୟ। ମାରିୟା ନାମ୍ନୀ ଝିଅକୁ ଯେମିତି ହେଲେ ମର୍ଡର କରିବେ। ହେଲେ କାରଣ କ'ଣ ? ଆଉ ସେଥିରେ ସେ ସଫଳ ହୁଅନ୍ତି କି ? ଯଦି ହଁ ତାହାର ପରବର୍ତ୍ତୀ ଘଟଣା କ'ଣ ଘଟେ ? ଅସଲ କଥା ହେଲା ଏହି ଘଟଣାର ସଂଯୋଗ ରହିଛି ତାଙ୍କର ଆକ୍ଟିଂ ଜୀବନ ସହ। ଅର୍ଥାତ୍ ଆସନ୍ତା ମାସରେ ରିଲିଜ ହେବାକୁ ଯାଉଥିବା ହିନ୍ଦୀ ସିନେମା 'ମାରିୟା'ରେ ତାଙ୍କୁ ମିଳିଛି ଏପରି ଏକ ନେଗେଟିଭ ଭୂମିକା। ନିଜର ଏଭଳି ଭୂମିକା ସମ୍ପର୍କରେ ଅଂଶୁମାନ କହନ୍ତି, ''ବେଳେବେଳେ କେତେକ କଥା ମନରେ ଜେରକ୍ସ ହୋଇ ରହିଯାଏ। କେହି କେହି ଆଗପଛ ବିଚାର ନ କରି ନିଜ ଲକ୍ଷ୍ୟ ହାସଲ କରିବାକୁ ବାହାରି ପଡ଼ନ୍ତି। ମୋ ରୋଲ୍‌ଟି ଠିକ୍ ସେହିପରି। ଭୂମିକାଟିକୁ ସଫଳ କରିବାକୁ ଯଥାସାଧ ଚେଷ୍ଟା କରିଛି। ବାକି ଦର୍ଶକଙ୍କ ଉପରେ ନିର୍ଭରକରେ।'' ଏଥିରେ ଅଂଶୁମାନ ମୁଖ୍ୟ ଖଳନାୟକ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି। ଫିଲ୍ମର ପ୍ରଯୋଜନା, ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବା ସହ ନାୟକ ସାଜିଛନ୍ତି ହରିଶ ଶର୍ମା। ଏଥିରେ ଟାଇଟଲ ମାରିୟା ଭୂମିକାରେ ଅଭିନୟ କରିଛନ୍ତି ଅଜିତା। ଏହା ବ୍ୟତୀତ ହରିଶ ଶର୍ମାଙ୍କ ପ୍ରଯୋଜିତ ଏବଂ ସନ୍ତୋଷ ବର୍ମାଙ୍କ ନିର୍ଦ୍ଦେଶିତ 'ପ୍ୟାର୍ କା ଏହସାସ' ଚଳିତବର୍ଷ ଡିସେମ୍ବରରେ ରିଲିଜହେବାର ଯୋଜନା ରହିଛି। ନିକଟରେ ରିଲିଜ ହୋଇଥିବା ଓଡ଼ିଆ ସିନେମା 'ସାଥୀ ତୁ ଫେରିଆ'ରେ ତାଙ୍କୁ ଡନ୍ ଭୂମିକାରେ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଶୁଟିଂ ଚାଲିଥିବା 'ତୁ ମୋର ନିହାତି ଦରକାର'ର ପ୍ରମୁଖ ଖଳନାୟକ ଭୂମିକାରେ ସେ ଅଭିନୟ କରୁଛନ୍ତି।


ଅଂଶୁମାନ

---

ADITYA BIRLA
HINDALCO
Aditya Aluminium
(A Unit of Hindalco Industries Ltd.)
*The Flagship Unit of Hindalco Industries Ltd., having its Smelter and Captive Power Plants in Odisha, the Land of the Sun Temple.*



*Aditya means Sun, the Primal source of Light and Energy*

Registered Office
Ahura Centre, 1st Floor, B Wing,
Mahakali Caves Road
Andheri (East), Mumbai- 400093
Tel: (91-22) 66917000, Fax: (91-22) 66917001

Aditya Aluminium
At/ Po.- Lapanga
Dist- Sambalpur
Odisha -768212
Tel.: 0663-2536247, Fax : 0663-2536499

ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ସହ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା।



ଶ୍ରୀମତୀ ଇରାନୀ ରାୟ
ବିଜେପି ରାଜ୍ୟ ମହିଳା କାର୍ଯ୍ୟକାରିଣୀ ସଦସ୍ୟା ତଥା ନାରୀନେତ୍ରୀ, ନୟାଗଡ ନିର୍ବାଚନମଣ୍ଡଳୀ



ଲାଲା ମନୋଜ ରାୟ
ବିଜେପି ଯୁବନେତା
ନୟାଗଡ ନିର୍ବାଚନମଣ୍ଡଳୀ

With Best Compliments From
KUSHA APAT

ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ହେ ପୂଜ୍ୟ! ଘେନ ପ୍ରଣାମ
ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବରିଷ୍ଠ ନାଗରିକମାନେ ଆମ ପାଇଁ ପ୍ରେରଣା ଏବଂ ଉତ୍ସାହର ଉତ୍ସ। ବରିଷ୍ଠ ନାଗରିକମାନଙ୍କ ସାମୂହିକ କଲ୍ୟାଣ, ଅଧିକାର ସାବ୍ୟସ୍ତ, ଅଭାବଗ୍ରସ୍ତ ଲୋକଙ୍କୁ ସହାୟତା ଏବଂ ବୃଦ୍ଧବୃଦ୍ଧାଙ୍କୁ ଜରାନିବାସରେ ଥଇଥାନ କରିବା ଆମ ଟ୍ରଷ୍ଟର ଆଭିମୁଖ୍ୟ, ଆସନ୍ତୁ ହାତକୁ ହାତ ମିଶାଇ ଆଗକୁ ବଢିବା, ଆପଣଙ୍କ ସାହାଯ୍ୟ ସହଯୋଗ ଏବଂ ଶକ୍ତି ଆମର ସାମର୍ଥ୍ୟ।



ନୟାଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ଟ୍ରଷ୍ଟ
ଯୋଗାଯୋଗ : ୯୪୩୭୧୧୪୯୩୭





ଘରୋଇ ବଜାରରେ ନୂଆ ଶିଳ୍ପ ନୀତି ଲାଗୁ କରିବା ପାଇଁ ଆକ୍ସନ ପ୍ଲାନ ଉପରେ ସରକାର କାର୍ଯ୍ୟକ୍ରମ ଜାରି ରହିଛନ୍ତି।
– ସୁରେଶ ପ୍ରଭୁ, ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ



ବଜାରରେ ନିରନ୍ତର ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ସହ ଆଗାମୀ ଜୁନ ସୁଦ୍ଧା ୬ ନୂଆ ବାଇକ୍ ଆଣିବାକୁ ଯୋଜନା ରହିଛି।
– ସୋଏବ ଫାରୁକ, ଜିଏମ୍, ଟ୍ରାୟମ୍ଫ ମୋଟର ସାଇକେଲ ଇଣ୍ଡିଆ

## ସଂକ୍ଷେପରେ

### ବଢ଼ିଲା ଏସ୍‌ବିଆଇ ଏଫ୍‌ଡି ସୁଧ

**ନୂଆଦିଲ୍ଲୀ,୨୮-୧୧:** ଭାରତୀୟ ରିଜର୍ଭ ବ୍ୟାଙ୍କ ଆଗାମୀ ମୁଦ୍ରା ନୀତି ସମୀକ୍ଷାର ସପ୍ତାହକ ପୂର୍ବରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ସ୍ଥାୟୀ ଜମା ଅର୍ଥାତ୍ ଫିକ୍ସଡ ଡିପୋଜିଟ୍(ଏଫ୍‌ଡି) ସୁଧ ହାର ବୃଦ୍ଧି କରିବା ନେଇ ଘୋଷଣା କରିଛି। ତଦନୁଯାୟୀ ବ୍ୟାଙ୍କ ଏବେ ଜମା ଅବଧି ଆଧାରରେ ୫ରୁ ୧୦ ବେସିସ୍ ପଏଣ୍ଟ (ଅର୍ଥାତ୍ .୦୫%ରୁ ୦.୧%) ସୁଧ ହାର ବୃଦ୍ଧି କରାଯାଇଛି। ନୂଆ ସୁଧ ହାର ବୁଧବାରଠାରୁ କାର୍ଯ୍ୟକାରୀ ହେବ ଓ ୧ କୋଟି ଟଙ୍କାରୁ କମ୍ ଏଫ୍‌ଡି ଉପରେ ଲାଗୁ ହେବ। ବର୍ଦ୍ଧିତ ସୁଧ ହାର ଅନୁଯାୟୀ ୧ରୁ ୨ବର୍ଷ ପାଇଁ ଏଫ୍‌ଡି ଉପରେ ଏବେ ୧୦ ବେସିସ୍ ପଏଣ୍ଟ ସହିତ ୬.୮ ପ୍ରତିଶତ ସୁଧ ମିଳିବ। ପୂର୍ବରୁ ଏହା ୬.୭% ଥିଲା। ସେହିପରି ୨ରୁ ୩ ବର୍ଷ ପାଇଁ ୫ ବେସିସ୍ ପଏଣ୍ଟ ଅର୍ଥାତ୍ ୬.୭୫% ପରିବର୍ତ୍ତେ ୬.୮% ସୁଧ ମିଳିବ। ତେବେ ବରିଷ୍ଠ ନାଗରିକଙ୍କୁ ପ୍ରତ୍ୟେକ ଅବଧିର ଏଫ୍‌ଡି ପାଇଁ ଏବେ ଅଧା ପ୍ରତିଶତ ଅଧିକ ସୁଧ ଦିଆଯିବ। ଏଥିପୂର୍ବରୁ ଜୁଲାଇରେ ଏସ୍‌ବିଆଇ ଏଫ୍‌ଡି ଉପରେ ୫ରୁ ୧୦ବେସିସ୍ ପଏଣ୍ଟ ସୁଧ ହାର ବଢ଼ାଇଥିଲା।

### ବିମୁଦ୍ରୀକରଣର ୨ ବର୍ଷ ବ୍ୟବହାର ଯୋଗ୍ୟ ହେଉନି ନୂଆ ନୋଟ୍



**ନୂଆଦିଲ୍ଲୀ,୨୮-୧୧:** ବିମୁଦ୍ରୀକରଣ ପରେ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ତରବରିଆ ଭାବେ ୨୦୦୦, ୫୦୦, ୧୦୦,୫୦ ଓ ୧୦ ଟଙ୍କିଆ ନୂଆ ନୋଟ୍ ବଜାରରେ ପ୍ରଚଳନ କଲେ। ତେବେ ଦୁଇ ବର୍ଷ ବିତିନି ଏହି ନୂଆ ନୋଟ୍ ଗୁଡିକ ଆଉ ବ୍ୟବହାର ଯୋଗ୍ୟ ହେଉ ନାହିଁ। ଏପରିକି ଏଗୁଡିକର ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ବାଣିଜ୍ୟିକ ବ୍ୟାଙ୍କଗୁଡିକ ନୂଆ ନୋଟ୍‌ଗୁଡିକୁ ଜାରି କରାଯିବା ଯୋଗ୍ୟ ନୁହେଁ(ନନ୍ ଇସ୍ୟୁଏବଲ୍)ଶ୍ରେଣୀରେ ଦର୍ଶାଇ ଏହାକୁ ପ୍ରଚଳନରୁ ବାଦ୍ ଦେବା ଆରମ୍ଭ କରିଛନ୍ତି। ଏକ ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲଙ୍କ ସ୍ୱାକ୍ଷରରେ ଜାରି କରାଯାଇଥିବା ନୋଟ୍‌ଗୁଡିକର କାଗଜର ମାନ ପୂର୍ବର ନୋଟ୍‌ଠାରୁ ଅତ୍ୟନ୍ତ ନିମ୍ନ। ଏହି କାରଣରୁ ନୂଆ ନୋଟ୍‌ଗୁଡିକ ଶୀଘ୍ର ଖରାପ ହେଉଛି। ଥରେ ନୋଟ୍ ଖରାପ ହେବା ମାତ୍ରେ ଏହାକୁ ଏଟିଏମ୍‌ରେ ରଖି ହେଉନାହିଁ। କାରଣ ଏଟିଏମ୍‌ର ସେନ୍ସର ଖରାପ ନୋଟ୍‌କୁ ଗଣିବାରେ ଭୁଲ୍ କରୁଛି। ସାଧାରଣତଃ ନୂଆ ନୋଟ୍‌କୁ ଦୁଇଥର ପରେ ଆଉ ଏଟିଏମ୍‌ରେ ରଖାଯାଉନାହିଁ। ପୂର୍ବରୁ ଉର୍ଜିତଙ୍କ ସ୍ୱାକ୍ଷରରେ ଥିବା ନୂଆ ନୋଟ୍‌କୁ ନନ୍ ଇସ୍ୟୁଏବଲ ଘୋଷଣା କରିବା ଉପରେ କେନ୍ଦ୍ରୀୟ କଟକଣା ଜାରି କରିଥିଲେ। କିନ୍ତୁ ବ୍ୟାଙ୍କଗୁଡିକର ଚାପ ଆଗରେ ମୁଣ୍ଡ ନୁଆଁଇ ଆର୍‌ବିଆଇ ଶେଷରେ ଚଳିତ ବର୍ଷ ଜୁଲାଇରେ ଏକ ସ୍ପଷ୍ଟୀକରଣ ଜାରି କରି ଏଥିପାଇଁ ଅନୁମତି ଦେଇଥିଲେ। ଅଧିକାରୀଙ୍କ କହିବାନୁଯାୟୀ ଗ୍ରାମାଞ୍ଚଳରେ ଟଙ୍କାକୁ ମହିଳା ଓ ପୁରୁଷମାନେ ଯଥାକ୍ରମେ ଶାଢ଼ି ଓ ଧୋତିରେ ମୋଡି ବାନ୍ଧି ରଖିଥାନ୍ତି। ଏପରିକି ଅଣ୍ଟିରେ ଖୋସି ରଖାଯାଉଛି। ଏହି କାରଣରୁ ପୂର୍ବାପେକ୍ଷା ପତଳା କାଗଜରେ ତିଆରି ନୂଆ ନୋଟ୍‌ଗୁଡିକ ଶୀଘ୍ର ଖରାପ ହୋଇଯାଉଛି।

### ଜାତୀୟ ଉଦ୍ୟୋଗୀ ପୁରସ୍କାର ଲାଗି ଆବେଦନ ପତ୍ର ଆହ୍ୱାନ

**ଭୁବନେଶ୍ୱର,୨୮-୧୧:** ନ୍ୟାଶନାଲ ସ୍କିଲ ଡେଭଲପମେଣ୍ଟ କର୍ପୋରେଶନ(ଏନ୍‌ଏସ୍‌ଡିସି) ପକ୍ଷରୁ ଜାତୀୟ ଉଦ୍ୟୋଗୀ ପୁରସ୍କାର ସମ୍ପର୍କରେ ଘୋଷଣା କରାଯାଇଛି। ଭାରତୀୟ ଉଦ୍ୟୋଗଗୁଡିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ୪୩ଟି ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ମଧ୍ୟରେ ଟ୍ରଫି ପ୍ରମାଣପତ୍ର ସହ ନଗଦ ୫ରୁ ୧୦ ଲକ୍ଷ ଟଙ୍କା ପ୍ରଦାନର ବ୍ୟବସ୍ଥା ରହିଛି। ଏହା ମଧ୍ୟରେ ୩୯ଟି ପୁରସ୍କାର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଯୁବ ଉଦ୍ୟୋଗୀଙ୍କ ଲାଗି ରହିଛି। ୪ଟି ପୁରସ୍କାର ଔଦ୍ୟୋଗିକ ଇକୋସିଷ୍ଟମ ବିଲଡରଙ୍କ ଲାଗି ରହିଛି। ଆବେଦନକାରୀଙ୍କ ବୟସ ୪୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ପ୍ରଥମ ପିଢ଼ିର ଉଦ୍ୟୋଗୀଙ୍କୁ ପ୍ରାଥମିକତା ମିଳିବ।

ଅନିବାର୍ଯ୍ୟ କାରଣବଶତଃ 'ଅର୍ଥର ଅର୍ଥ' ସ୍ତମ୍ଭ ପ୍ରକାଶ ପାଇପାରିନାହିଁ।

# ଚେକ୍ ଦେଇ ଏଟିଏମ୍‌ରୁ କାଢ଼ି ହେବ ଟଙ୍କା

**ନୂଆଦିଲ୍ଲୀ,୨୮-୧୧**

- ପାଇଲଟ ଭିତ୍ତିରେ ଆରମ୍ଭ କରିଛନ୍ତି ୨ ଘରୋଇ ବ୍ୟାଙ୍କ
- ମାତ୍ର ୧ ମିନିଟ୍‌ରେ ମିଳିଯିବ ଟଙ୍କା
- ସ୍ଥାନୀୟ ତଥା ବହିରାଗତ ଚେକ୍ ଭଙ୍ଗାଇହେବ
- ଏଟିଏମ୍ କାର୍ଡ ନ ଥିଲେ ଆଧାର ନମ୍ବରରେ କାଢ଼ି ହେବ ଟଙ୍କା



ଆଗାମୀ ଦିନରେ ଏଟିଏମ୍‌ରୁ ଚେକ୍ ମାଧ୍ୟମରେ ଟଙ୍କା କାଢ଼ି ହେବ। ଏହା ଏବେ ବାସ୍ତବ ରୂପ ନେବାକୁ ଯାଉଛି। ଶୀର୍ଷ ଏଟିଏମ୍ ନିର୍ମାତା ଏନସିଆର୍ କର୍ପୋରେଶନ ଏଭଳି ଏକ ଏଟିଏମ୍ ନିର୍ମାଣ କରିଛି ଯେଉଁଥିରେ ଜଣେ ବ୍ୟକ୍ତି ବିୟରର ଚେକ୍ ଦେବା ମାତ୍ରେ ମାତ୍ର ୧ ମିନିଟ୍‌ରେ ସେଥିରୁ ସମାନ ପରିମାଣର ଟଙ୍କା ବାହାରି ଆସିବ। ଦୁଇଟି ଘରୋଇ ବ୍ୟାଙ୍କ ଏହାକୁ ମୁମ୍ବାଇ, ପୁନେ, ଗୁରୁଗ୍ରାମ, ବେଙ୍ଗାଲୁରୁରେ ପାଇଲଟ ଭିତ୍ତିରେ ଏହି ପ୍ରକଳ୍ପକୁ ଆରମ୍ଭ କରିଛନ୍ତି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ପ୍ରଥମେ ଆପଣ ନିଜକୁ ଏଟିଏମ୍‌ର ଲାଇଭ ଟେଲର ସହ ଯୋଡିବେ, ଯାହା ଗୋଟିଏ କ୍ଲିକ୍ ଦ୍ୱାରା ସମ୍ଭବ ହେବ। ଭାଷା ଚୟନ ପରେ ଆପଣ ସିଧାସଳଖ ବ୍ୟାଙ୍କ କର୍ମଚାରୀଙ୍କ ସହ ଯୋଡି ହୋଇଯିବେ। ସେତେବେଳେ ଏଟିଏମ୍‌ର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ବ୍ୟାଙ୍କ କର୍ମଚାରୀଙ୍କ ହାତରେ ରହିବ। ଏହାପରେ ବ୍ୟାଙ୍କ କର୍ମଚାରୀ ଆପଣଙ୍କୁ ପରବର୍ତ୍ତୀ ପ୍ରୋସେସ୍ ଜଣାଇ ଦେବେ। ନିର୍ଦ୍ଧାରିତ ସ୍ଥାନରେ ଚେକ୍ ପକାଇବା ପରେ ଆପଣଙ୍କଠାରୁ ଯାଞ୍ଚ ଲାଗି କାଗଜ ମଗାଯିବ। ଯାହାକୁ ଆପଣ ଏଟିଏମ୍‌ରେ ସ୍କାନ୍ କରିପାରିବେ। ପରେ ସ୍କ୍ରିନ୍‌ରେ ଆପଣଙ୍କୁ ଦସ୍ତଖତ କରିବାକୁ ହେବ। ଏହାକୁ ଯାଞ୍ଚ କରିବା ପରେ ମାତ୍ର ୧ ମିନିଟ୍‌ରେ ଏଟିଏମ୍‌ରୁ ନଗଦ ଟଙ୍କା ବାହାରି ଆସିବ। ଟଙ୍କା ନେଲା ବେଳେ କେଉଁ ପରିମାଣର କେତେ ଟଙ୍କାର ନୋଟ୍ ନେବାକୁ ଚାହୁଁଛନ୍ତି ତାହା ଜଣାଇବାର ସୁଯୋଗ ଆପଣ ପାଇବେ। ଏହି ନୂଆ ଏଟିଏମ୍‌ରେ ସ୍ଥାନୀୟ ଚେକ୍ ସହିତ ବହିରାଗତ ଚେକ୍‌କୁ ମଧ୍ୟ ଭଙ୍ଗାଯାଇପାରିବ। ତେବେ ଏଥିପାଇଁ ଆପଣଙ୍କ ବ୍ୟାଙ୍କ ସହ ଅନ୍ୟ ବ୍ୟାଙ୍କର ଚୁକ୍ତି ହୋଇଥିବା ଦରକାର। ଏହି ସୁବିଧାର ଲାଭ ଆପଣ ସପ୍ତାହଯାକ ୨୪ ଘଣ୍ଟା ଧରି ପାଇପାରିବେ। ମୋଟ୍‌ରେ କହିବାକୁ ଗଲେ ଏକ ଶାଖାର କାମ ଆପଣ ଏଟିଏମ୍‌ରେ ସାରିପାରିବେ। ଆପଣଙ୍କୁ ଆଉ ବ୍ୟାଙ୍କ ଶାଖାକୁ ଦୌଡିବାକୁ ପଡିବ ନାହିଁ। ଖାଲି ଏତିକି ନୁହେଁ, ଆପଣଙ୍କର ଏଟିଏମ୍ କାର୍ଡ ନ ଥିଲେ ଆଧାର ନମ୍ବର ଜରିଆରେ ମଧ୍ୟ ଏଥିରୁ ଟଙ୍କା କାଢ଼ିପାରିବେ। ଏଥିପାଇଁ ଆପଣଙ୍କୁ ଏଟିଏମ୍‌ରେ ଆଧାର ନମ୍ବର ଦେବାକୁ ପଡିବ। ଏହାପରେ ଆପଣଙ୍କର ବାୟୋମେଟ୍ରିକ ଯାଞ୍ଚ ହେବ। ନଗଦ ଜମା ଅଥବା କେୱାଇସି ଅପ୍‌ଡେଟ୍ ମଧ୍ୟ ଏହି ନୂଆ ଏଟିଏମ୍ ଜରିଆରେ ସମ୍ଭବ ହୋଇପାରିବ। ମୋଟ୍‌ରେ କହିବାକୁ ଗଲେ ଏହି ନୂଆ ଏଟିଏମ୍ ଗ୍ରାହକଙ୍କ ପାଇଁ ଏକ ବରଦାନ ହେବାକୁ ଯାଉଛି।

## ତନିଷ୍କର ଗହଣା ପ୍ରଦର୍ଶନୀ ୩୦ରୁ



**ଭୁବନେଶ୍ୱର,୨୮-୧୧**

ପ୍ରମୁଖ ଗହଣା ବ୍ରାଣ୍ଡ ତନିଷ୍କ ପକ୍ଷରୁ ଏହାର ଗୁଣବତ୍ତା ବିଶିଷ୍ଟ ଗହଣାର ପ୍ରଦର୍ଶନୀ ଓ ବିକ୍ରୟ ୩୦ ନଭେମ୍ବରଠାରୁ ୨ ଡିସେମ୍ବର ଯାଏ ଅନୁଷ୍ଠିତ ହେବ। ଏହି ପ୍ରଦର୍ଶନୀ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ଶୋ'ରୁମରେ ଆୟୋଜନ କରାଯିବ। ଏଠାରେ କମ୍ପାନୀ ପକ୍ଷରୁ ସର୍ବୋତ୍କୃଷ୍ଟ ଗହଣା ସମ୍ଭାରକୁ ପ୍ରଦର୍ଶନ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ତନିଷ୍କର ସଦ୍ୟତମ ଗହଣା ସମ୍ଭାରକୁ ଏଠାରେ ଗ୍ରାହକ ଲାଭ କରିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। କଲେକ୍ସନଗୁଡିକ ମଧ୍ୟରେ ଉତ୍ସବ, ଲାବଣ୍ୟମ, ଗୁଲନାଜ ଭଳି ସମ୍ଭାର ସ୍ଥାନିତ ହୋଇଛି। ଏହି ସମୟରେ ପ୍ରତ୍ୟେକ ଗହଣା ମୂଲ୍ୟ ଉପରେ ଗ୍ରାହକ ୧୫ରୁ ୩୦% ପର୍ଯ୍ୟନ୍ତ ରିହାତି ଲାଭ କରିବାକୁ ସକ୍ଷମ ହେବେ। ବର୍ତ୍ତମାନର ଟ୍ରେଣ୍ଡ ଏବଂ ଷ୍ଟାଇଲ ଅନୁସାରେ ଗ୍ରାହକଙ୍କୁ ଅତ୍ୟନ୍ତ ସୁନ୍ଦର ଗହଣାର ସମ୍ଭାର ଉପଲବ୍ଧ କରାଉଛୁ ବୋଲି ତନିଷ୍କର ଆଞ୍ଚଳିକ ବ୍ୟବସାୟ ପ୍ରବନ୍ଧକ (ପୂର୍ବାଞ୍ଚଳ) ଅନିର୍ବାଣ ବାନାର୍ଜୀ କହିଛନ୍ତି।

# ବଳକା ଅର୍ଥ ଦେବାକୁ ଚାହୁଁନି ଆର୍‌ବିଆଇ

**ନୂଆଦିଲ୍ଲୀ,୨୮-୧୧**

ଆର୍‌ବିଆଇ ନିକଟରେ ଥିବା ବଳକା ଟଙ୍କା ଜରୁରୀ ପରିସ୍ଥିତି ପାଇଁ ରଖାଯାଇଛି ବୋଲି ଉର୍ଜିତ କହି ଆଉ ଏକ ବିବାଦ ମୁଣ୍ଡ ଟେକିବାର ବାଟ ଫିଟାଇଛନ୍ତି।



ବଳକା ଟଙ୍କାକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଲାଗି ରହିଛି। ତେବେ ବଳକା ଅର୍ଥକୁ ଆର୍‌ବିଆଇ କେନ୍ଦ୍ର ସରକାରଙ୍କୁ ଦେବାକୁ ଚାହୁଁ ନାହିଁ, ଏହା ଗଭର୍ନର ଉର୍ଜିତ ପଟେଲଙ୍କ ସଂସଦୀୟ କମିଟିକୁ ଦେଇଥିବା ବିବୃତିରୁ ସ୍ପଷ୍ଟ ହୋଇଛି। ଆର୍‌ବିଆଇ ନିକଟରେ ଥିବା ବଳକା ଟଙ୍କା ଜରୁରୀ ପରିସ୍ଥିତି ପାଇଁ ରଖାଯାଇଛି ବୋଲି ଉର୍ଜିତ କହି ଆଉ ଏକ ବିବାଦ ମୁଣ୍ଡ ଟେକିବାର ବାଟ ଫିଟାଇଛନ୍ତି। ଉଲ୍ଲେଖଥାଉ କି, କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ କେତେ ଟଙ୍କା ବଳକା ରଖାଯିବ ଏବଂ ଏହା କେନ୍ଦ୍ର ସରକାରଙ୍କୁ କେତେ ଅର୍ଥ ଦେବ ତାହା ସ୍ଥିର କରିବାକୁ ବିଶେଷଜ୍ଞ କମିଟି ଗଠନ ଲାଗି ନିଷ୍ପତ୍ତି ହୋଇଛି। ଉର୍ଜିତ କହିଛନ୍ତି ଯେ, ରିଜର୍ଭ ବ୍ୟାଙ୍କ ନିକଟରେ ଯେଉଁ ବଳକା ଅର୍ଥ ରହିଛି, ତାକୁ ଅନ୍ତଃରାଷ୍ଟ୍ରୀୟ ଅସ୍ଥିରତାକୁ ଧ୍ୟାନରେ ରଖି ରଖାଯିବା ଜରୁରୀ। ଏହାଦ୍ୱାରା ସଙ୍କଟ ବେଳେ ଆର୍‌ବିଆଇ ଯଥାରୀତି ଋଣ ଦେଇପାରିବ। ମଙ୍ଗଳବାର ସଂସଦୀୟ କମିଟି ସମ୍ମୁଖରେ ହାଜର ହୋଇ ପଟେଲ ଏହା ପ୍ରକାଶ କରିଥିଲେ। ତାଙ୍କର ଏତାଦୃଶ ମନ୍ତବ୍ୟରୁ ଏହା ସ୍ପଷ୍ଟ ହେଉଛି ଯେ, ବର୍ତ୍ତମାନ କେନ୍ଦ୍ର ସରକାରଙ୍କୁ ରିଜର୍ଭ ବ୍ୟାଙ୍କ ଟଙ୍କାଟିଏ ଦେବାକୁ ରାଜି ନୁହେଁ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ପୁଞ୍ଜି ଢ଼ାଞ୍ଚା ଓ ଲଘୁ ଏବଂ ମଧ୍ୟମ ଉଦ୍ୟୋଗକୁ ପୁଞ୍ଜି ଯୋଗାଣ ସହ ଏନ୍‌ବିଏଫ୍‌ସିଙ୍କ ପାଇଁ ନଗଦ ସଙ୍କଟ ଦୂର କରିବା ନେଇ କେନ୍ଦ୍ର ସରକାରଙ୍କ ସହ ଆର୍‌ବିଆଇ ମୁହାଁମୁହିଁ ହୋଇଛି। ତେବେ ପୁଞ୍ଜି ଢ଼ାଞ୍ଚାକୁ ନେଇ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ଉଭୟ ପକ୍ଷ ବୋର୍ଡ ବୈଠକରେ ରାଜି ହୋଇଛନ୍ତି। ସେହିପରି ଏନ୍‌ବିଏଫ୍‌ସିଙ୍କ ପାଇଁ ବଜାରରୁ ୮ ହଜାର କୋଟି ଟଙ୍କାର ବଣ୍ଡ୍ କିଣିବାକୁ କେନ୍ଦ୍ରୀୟ ବ୍ୟାଙ୍କ ରାଜି ହୋଇଛି।

## ରେଳ କର୍ମଚାରୀଙ୍କ ସିଙ୍ଗାପୁର-ମାଲେସିଆ ଯାତ୍ରା

**ଭୁବନେଶ୍ୱର,୨୮-୧୧**

ପୂର୍ବତଟ ରେଳପଥର କେନ୍ଦ୍ରୀୟ କର୍ମଚାରୀ କଲ୍ୟାଣ ପାଣ୍ଠି ସହାୟତା ତରଫରୁ ରେଳପଥର ୬୭ ଜଣ କର୍ମଚାରୀ ସିଙ୍ଗାପୁର, ମାଲେସିଆ ଯାତ୍ରା କରିଛନ୍ତି। ରେଳପଥର ବିଭିନ୍ନ ମଣ୍ଡଳରୁ ବଛା ବଛା କର୍ମଚାରୀଙ୍କୁ ବିଦେଶ ଭ୍ରମଣର ସୁବିଧା ପ୍ରଦାନ କରାଯାଇଛି। ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ରାଜୀବ ଶର୍ମା, ପ୍ରମୁଖ କାର୍ମିକ ଅଧିକାରୀ ପି.ସି. ନାୟକଙ୍କ ଉପସ୍ଥିତିରେ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କର୍ମଚାରୀଙ୍କ ମନୋବଳରେ ବୃଦ୍ଧି କରିବା ସହ ବିଦେଶ ଭ୍ରମଣ କରାଇବା, ସେଠାକାର କାର୍ଯ୍ୟଶୈଳୀ, ସାମାଜିକ ଓ ଅର୍ଥନୈତିକ ସ୍ଥିତି ସମ୍ପର୍କରେ ଅବଗତ ହେବାର ସୁଯୋଗ ଦେବାକୁ ଏଭଳି ପଦକ୍ଷେପ ନିଆଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

## ନୂଆ ପେଟ୍ରୋଲ ପମ୍ପ ଖୋଲିବା ନିଷ୍ପତ୍ତି ପ୍ରସଙ୍ଗ ଚ୍ୟାଲେଞ୍ଜ କରିବ ଡିଲର୍ସ ଆସୋସିଏଶନ

**ନୂଆଦିଲ୍ଲୀ,୨୮-୧୧**



ଦେଶରେ ୬୫ ହଜାର ନୂଆ ପେଟ୍ରୋଲ ପମ୍ପ ଖୋଲିବା ଲାଗି ତୈଳ କମ୍ପାନୀଙ୍କ ନିଷ୍ପତ୍ତିକୁ ପେଟ୍ରୋଲ ପମ୍ପ ଡିଲର୍ସ ଆସୋସିଏଶନ ଅଦାଲତରେ ଚ୍ୟାଲେଞ୍ଜ କରିବାକୁ ଯାଉଛି। ସରକାର ନିଜ ନୀତିର ବିରୁଦ୍ଧାଚରଣ କରୁଛନ୍ତି ବୋଲି ଆସୋସିଏଶନ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ସଂଘର ସଭାପତି, ଅଜୟ ବଂଶଲ କହିଛନ୍ତି ଯେ, ୨୦୨୫ ସୁଦ୍ଧା ଦେଶରେ ସମସ୍ତ ପେଟ୍ରୋଲ ପମ୍ପ ବନ୍ଦ କରି ବିକଳ୍ପ ଇନ୍ଧନ ଉପରେ ଜୋର୍ ଦିଆଯିବ ବୋଲି କେନ୍ଦ୍ର ସରକାର ଗୋଟିଏ ପଟେ କହୁଥିବା ବେଳେ ଅନ୍ୟପଟେ ବିଜ୍ଞାପନ ଦେଇ ନୂଆ ପେଟ୍ରୋଲ ପମ୍ପ ଖୋଲିବାକୁ ଯାଉଛନ୍ତି। ତେବେ ତେଲକୁ ନେଇ ସରକାରଙ୍କ ବାସ୍ତବ ନୀତି କ'ଣ ତାହା ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଏବେ ଦେଶରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଙ୍କ ପ୍ରାୟ ୫୬,୦୦୦ ରିଟେଲ ପେଟ୍ରୋଲ ପମ୍ପ ରହିଛି। ଏହାଛଡା ପ୍ରାୟ ୬ ହଜାର ଘରୋଇ ପେଟ୍ରୋଲ ପମ୍ପ କାର୍ଯ୍ୟ କରୁଛି। ଏହାପରେ ଗତ ୨୫ରେ ସରକାର ଆସନ୍ତା ୫ ବର୍ଷ ଭିତରେ ଦେଶରେ ଆହୁରି ୬୫ହଜାର ନୂଆ ପମ୍ପ ଖୋଲିବା ପାଇଁ ଅନୁମତି ଦେଇଛନ୍ତି।


**OFFICE OF THE HEADMASTER**
**KASTURABA GANDHI BALIKA VIDYALAYA, KOTANA, JHARBANDH**
**SHORT TENDER CALL NOTICE**

Sealed tenders are invited from the intending registered and reputed firms and manufacturer for supply of items like Grocery, Cosmetic, Electrical Items, Sweets, Vegetables & Fruits, Non-veg items and Dress materials to the KGBV, Kotana Jharbandh, Dist.- Bargarh on or before 24.12.2018 at 04.00 P.M. and the tender will be opened on Dt.26.12.2018. For details visit district webstie **www.bargarh.nic.in**.

**Sd./- Headmaster (I/C), K.G.B.V., Kotana**

**OFFICE OF THE**
**EXECUTIVE ENGINEER, DEOGARH(R&B)DIVISION, DEOGARH**
E-mail ID:- eepwddeogarh@gmail.com
File No. 1936 Dtd. 17.11.2018
**GOVERNMENT OF ODISHA**
**NOTICE INVITING QUOTATION CALL NOTICE**
**BUDGETARY QUOTATION CALL NOTICE No. 04 Dt. 17.11.2018**

No.: 908-B: In pursuance of decision to revise the Schedule of Rates – 2014, Sealed budgetary Quotation are invited from the Transporter/ Labour Supplier and other Stakeholders in their letter head as applicable dealing with for respective items having registration/Labour license with valid GSTIN of conveyance of materials **(available in the office of the Executive Engineer, Deogarh (R&B) Division as well as in the website of Works Department)** for inclusion in the revised Scheduled of Rates in Government of Odisha to be used in different Civil construction / infrastructure works and repair works.The interested party i.e. the bidder shall quote his price in the format available in the official website Government in Works Department.

The different item of conveyance for materials and the unit for which rate to be quoted will be available in the Official website of Works Department, Government of Odisha w.e.f. 28.11.2018.

The sealed quotations with all supporting documents complete in all respects will be **received from 10.00 AM of dt.28.11.2018 to 5.00 PM of dt.20.12.2018** in the quotation box available in the office of the Executive Engineer, Deogarh(R&B) Division, Deogarh and will be **opened on Dt.21.12.2018 at 12.30 P.M.** in presence of the quotationers or their authorized representatives who desire to be present. This quotation is invited to ascertain and assess the Rate different item of conveyance for Materials at par with lowest market rate for revision of Schedule of Rates 2014. The quotation shall be considered only if applied in Letter Head of Transporter/Labour Supplier and other Stakeholders mentioning registration/Labour license with valid GSTIN failing which quotation shall be rejected.

The undersigned reserves the right to accept or reject / cancel any or all quotations without assigning any reason thereof.

**Sd./- Arun Ku. Satpathy, Executive Engineer, Deogarh (R&B) Division, Deogarh**
34061/11/0009/1819

ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ
ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ
**OFFICE OF THE**
**DISTRICT PROJECT COORDINATOR**
**RTE-SSA, SUBARNAPUR**
**E-mail: dpcsonepurssa.opepa@nic.in,**
**Ph.: 06654-220551/06654-220514 (Fax)**
**No.: 2525** **Date: 27.11.18**
**OFFICE ORDER**

It is hereby informed to all candidates placed in the Provisional/Draft Merit List for the recruitment of SS (JT Contractual) recruitment 2016 process on the non Joining vacancies in Subarnapur district as per OPEPA advertisement 12511 dtd.26.12.2016, Corrigendum No. 01.12.2017, OPEPA Letter No. 10393/18 Dtd.09.11.2018 that the list published in the district website **www.subarnapur.nic.in** and OPEPA website **www.opepa.in**. The list is also available in the Office of the Distirct Project Coordinator, RTE-SSA, Subarnapur.

The selected candidates are requested to attend a counselling session on 4th Dec. 2018 from 10.30 A.M. onwards in the Chamber of District Project Coordinator, RTE-SSA, Subarnapur where the candidates will be able to know the vacancy in the schools. The candidature of the candidates who failed to attend the counselling session on the date and time mentioned above will be rejected. The candidates are also informed to bring with them all original documents (mark sheets & testimonials) submitted with the application form along with one set of Xerox copy and two recent passport size photographs duly attested by self. They will submit the Xerox copy to the verifying officers.

The candidates are required to execute an agreement in Stamp Paper worth of Rs.10/- with the Collector-cum-CEO, Zilla Parishad, Subarnapur. The model agreement along with the instruction is also available in the District website **www.subarnapur.nic.in** and OPEPA website **www.opepa.in**.

**Sd./- District Project Coordinator, RTE-SSA, Subarnapur**







# ବେଲଜିୟମ ନାମରେ ପ୍ରଥମ ବିଜୟ

ଭୁବନେଶ୍ୱର, ୨୮।୧୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ି ହୋଇଛି ନୂଆ ଫର୍ଦ୍ଦ। ମଙ୍ଗଳବାରର ଉଦ୍‌ଘାଟନୀ ସମାରୋହ ପରେ ବୁଧବାର ଆରମ୍ଭ ହୋଇଛି ହକି ମହାସମର। ଭାରତରେ ତୃତୀୟ ଏବଂ ଓଡ଼ିଶାରେ ପ୍ରଥମଥରପାଇଁ ଆୟୋଜନ ହେବାକୁ ଯାଉଥିବା ହକି ବିଶ୍ୱକପରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି ଅନ୍ୟତମ ଟାଇଟଲ ଦାବିଦାର ବେଲଜିୟମ। ପୁଲ୍‌'ସି'ର ଏହି ମ୍ୟାଚରେ କାନାଡ଼ାକୁ ୨-୧ଗୋଲରେ ହରାଇ ଆଗକୁ ବଢ଼ିଛି ବେଲଜିୟମ। ଆକର୍ଷଣୀୟ ପ୍ରଦର୍ଶନ ପାଇଁ ବେଲଜିୟମର ୪ ନମ୍ବର ଖେଳାଳି ଭାନ୍ ଡୋରେନ ଆର୍ଥର ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭାରତୀୟ ଦଳର ପୂର୍ବତନ ଅଧିନାୟକ ଧନରାଜ ପିଲ୍ଲେ ଅତିଥିଭାବେ ଯୋଗଦେଇ ତାଙ୍କୁ ୫୦,୦୦୦ଟଙ୍କାର ଚେକ୍ ପଦାନ କରିଥିଲେ।

ମ୍ୟାଚଟି ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରିଥିବା ବେଲଜିୟମ ମ୍ୟାଚର ୩ୟ ମିନିଟରେ ପ୍ରଥମ ଗୋଲ ଦେଇ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ବେଲଜିୟମ ପକ୍ଷରୁ ଗୋଲ ସ୍କୋର କରିଥିଲେ ୧୯ ନମ୍ବର ଜର୍ସି ପରିହିତ ଫେଲିକ୍ସ ଡେନାୟେର। ଏହାପରେ ବେଲଜିୟମ ଶିବିରରେ ଉତ୍ସାହ ଭରି ଯାଇଥିବାବେଳେ ଚାପକୁ ଆସି ଯାଇଥିଲା କାନାଡ଼ା। ୧୫ ମିନିଟ ବିଶିଷ୍ଟ ପ୍ରଥମ କ୍ୱାର୍ଟରରେ ବେଲଜିୟମ ଅଗ୍ରଣୀ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ବେଲଜିୟମର ଦବ୍‌ଦବା ଜାରି ରହିଥିଲା। କାନାଡ଼ା ଗୋଲ ପରିଶୋଧ ଚକ୍କରରେ ଥିବାବେଳେ ମ୍ୟାଚର ୨୨ତମ ମିନିଟରେ ବେଲଜିୟମ ପକ୍ଷରୁଦ୍ୱିତୀୟ ଗୋଲଟି ସ୍କୋର କରିଥିଲେ ଅଧିନାୟକ ଥୋମାସ ବ୍ରିଏଲ୍ସ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ବେଲଜିୟମ ୨-୦ ଗୋଲରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଉଭୟ ଦଳ ଅନେକ ସୁଯୋଗ ପାଇଥିଲେ ହେଁ କେହି ତାହାର ସଦୁପଯୋଗ କରିପାରି ନ ଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଆକ୍ରମଣାତ୍ମକ ଖେଳି ସଫଳ ହୋଇଥିଲା। ମ୍ୟାଚର ୪୮ତମ ମିନିଟରେ ଦଳକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ ମାର୍କ ପିଅରସନ। ଅବଶିଷ୍ଟ ୧୨ ମିନିଟର ଖେଳ ରୋମାଞ୍ଚକ ହୋଇଥିଲା। ଗୋଲ ପରିଶୋଧ ପାଇଁ କାନାଡ଼ା ନିକଟରେ ଏକାଧିକ ସୁଯୋଗ ଅସିଥିଲେ ହେଁ ତାହାର ସଦୁପଯୋଗ ହୋଇପାରି ନ ଥିଲା। କାନାଡ଼ା ଡିଫେଣ୍ଡରଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ବେଲଜିୟମ ଅଧିକ ଗୋଲ ସ୍କୋର କରିପାରି ନ ଥିଲା। ଫଳରେ ମ୍ୟାଚ ବେଲଜିୟମ ସପକ୍ଷରେ ୨-୧ରେ ଶେଷ ହୋଇଥିଲା। ମ୍ୟାଚରେ ବେଲଜିୟମ ୭ଟି ପେନାଲ୍ଟି କର୍ଣ୍ଣର ପାାଇଥିଲେ ହେଁ ସେଥିରୁ ଗୋଟିଏ ହେଲେ ଗୋଲରେ ପରିଣତ କରିପାରି ନ ଥିଲା। ଅନ୍ୟପକ୍ଷରେ କାନାଡ଼ା ୨ଟି ପେନାଲ୍ଟି କର୍ଣ୍ଣର ପାଇଥିବାବେଳେ ସେଥିରୁ ଗୋଟିଏକୁ ଗୋଲରେ ପରିଣତ କରିବାରେ ସକ୍ଷମ ହୋଇଥିଲା।



ବେଲଜିୟମ ଓ କାନାଡ଼ା ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ବଲ ପାଇଁ ଦୁଇ ଖେଳାଳିଙ୍କ ମଧ୍ୟରେ ସଂଘର୍ଷ।

## କଳିଙ୍ଗ କର୍ଣ୍ଣର

### ଆରମ୍ଭ କଲେ ଦିଲୀପ

ଭୁବନେଶ୍ୱର, ୨୮।୧୧(କ୍ରୀଡ଼ା ପ୍ରତିନିଧି)- ହକି ବିଶ୍ୱକପ୍‌ର ପ୍ରଥମ ମ୍ୟାଚ ବୁଧବାର ବେଲଜିୟମ ଓ କାନାଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ ଖେଳାଳିଙ୍କ ସହ ପରିଚିତ ହୋଇ ଶୁଭାରମ୍ଭ କରିଥିଲେ। ତାଙ୍କ ସହିତ ହକି ଇଣ୍ଡିଆ ମହାସଚିବ ରାଜିନ୍ଦର ସିଂ ଏବଂ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଦୁଇ ଦେଶର ଜାତୀୟ ସଙ୍ଗୀତ ଗାନ ପରେ ମ୍ୟାଚ ଆରମ୍ଭ ହୋଇଥିଲା।

### ଚିୟର ଗର୍ଲଙ୍କ ନୃତ୍ୟ

ଏଥର ମ୍ୟାଚ ସମୟରେ ଚିୟର ଗର୍ଲଙ୍କ ନୃତ୍ୟ ଦର୍ଶକଙ୍କ ବେଶ୍ ମନୋରଞ୍ଜନ କରିଥିଲା। ପଡ଼ିଆର ୪ଟି ଯାକ କର୍ଣ୍ଣରରେ ନିର୍ମିତ ସ୍ୱତନ୍ତ୍ର ମଞ୍ଚରେ ୨ ଜଣ ଲେଖାଏ ଚିୟର ଗର୍ଲ ନୃତ୍ୟ କରିଥିଲେ। ବିଶେଷକରି ଗୋଲ ହେବା, ପେନାଲ୍ଟି କର୍ଣ୍ଣର ଏବଂ ପ୍ରତି କ୍ୱାର୍ଟରର ମଝି ବିରତି ସମୟରେ ସେମାନେ ମ୍ୟୁଜିକ୍‌ର ତାଳେତାଳେ ନାଚିଥିଲେ।

### ଫେଲିକ୍ସଙ୍କ ନାମରେ ପ୍ରଥମ ଗୋଲ

ଓଡ଼ିଶାରେ ପ୍ରଥମଥର ପାଇଁ ଆୟୋଜନ ହେଉଥିବା ହକି ବିଶ୍ୱକପର ପ୍ରଥମ ଗୋଲ ଫେଲିକ୍ସ ଡେନାୟେରଙ୍କ ନାମରେ ରହିଛି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ବେଲଜିୟମ ପକ୍ଷରୁ ମ୍ୟାଚର ୩ୟ ମିନିଟରେ ଫିଲ୍ଡ ଗୋଲ ଦେଇଥିଲେ ଫେଲିକ୍ସ।

### ଷ୍ଟାର୍ଟିଂ ଲାଇନ୍‌ଅପ୍‌ରେ ଓଡ଼ିଆ ନ ଥିଲେ

ବୁଧବାର ହକି ବିଶ୍ୱକପର ଦ୍ୱିତୀୟ ମ୍ୟାଚ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଦଳରେ ୨ ଜଣ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ଥିଲେ ହେଁ ଷ୍ଟାର୍ଟିଂ ଇଲେଭେନରେ କେହି ଓଡ଼ିଆ ଖେଳାଳି ସ୍ଥାନ ପାଇ ନ ଥିଲେ। ତେବେ ବଦଳ ଖେଳାଳିଭାବେ ସେମାନେ ପରେ ଖେଳିବାର ସୁଯୋଗ ପାଇଥିଲେ।

### ମୁହଁରେ ତ୍ରିରଙ୍ଗା ଚିତ୍ର, ହାତରେ ବେଲୁନ

ପ୍ରତିଯୋଗିତାର ପ୍ରଥମ ଦିବସରେ ଭାରତ ଖେଳୁଥିବାରୁ ହକିପ୍ରେମୀମାନେ ମୁହଁରେ ତ୍ରିରଙ୍ଗା ଚିତ୍ରିତ କରି ହାତରେ ହକି ଇଣ୍ଡିଆ ପକ୍ଷରୁ ପ୍ରଦତ୍ତ ସ୍ୱତନ୍ତ୍ର ବେଲୁନ ଧରି ଷ୍ଟାଡିୟମରେ ପ୍ରବେଶ କରିଥିଲେ। ଦର୍ଶକମାନେ ଭାରତର ପ୍ରତିଟି ମୁଭ୍‌ରେ ବେଲୁନ ବାଡ଼େଇ ଜାତୀୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରୁଥିବା ପରିଲକ୍ଷିତ ହୋଇଥିଲା।

### କମ୍ପିଲା କଳିଙ୍ଗ

ବେଲଜିୟମ-କାନାଡ଼ା ମ୍ୟାଚ ସମୟରେ ଗ୍ୟାଲେରି ସିଟ୍ କିଛି ପରିମାଣରେ ଫାଙ୍କା ରହିଥିବା ପରିଲକ୍ଷିତ ହୋଇଥିଲା। ମାତ୍ର ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ ବେଳକୁ ଷ୍ଟାଡିୟମ ଦର୍ଶକରେ ଭରି ଯାଇଥିଲା। ଭାରତର ପ୍ରତିଟି ମୁଭ୍‌ରେ କମ୍ପିଥିଲା କଳିଙ୍ଗ। ଓଡ଼ିଶା ଦର୍ଶକମାନେ ଜାତୀୟ ଦଳକୁ ଭରପୂର ସମର୍ଥନ ଜଣାଇ ଉତ୍ସାହିତ କରିଥିଲେ। ସେମାନଙ୍କ କୋଳାହଳରେ ଭାରତୀୟ ଖେଳାଳିମାନେ ମଧ୍ୟ ଉତ୍ସାହୀ ପ୍ରଦର୍ଶନ କରି ଗୋଲ ଦେବା ସହ ଦକ୍ଷିଣ ଆଫ୍ରିକା ଉପରେ ଚାପ ପ୍ରୟୋଗ କରିବାରେ ସକ୍ଷମ ହୋଇଥିଲେ ।

# ଆର୍ଜେଣ୍ଟିନା- ସ୍ପେନ୍ ମୁକାବିଲା ଆଜି

ଭୁବନେଶ୍ୱର, ୨୮।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ଦ୍ୱିତୀୟ ଦିନରେ ଦୁଇଟି ମହା ମୁକାବିଲା ଦେଖିବାକୁ ମିଳିବ। ପୁଲ୍ ଏ'ର ପ୍ରଥମ ମ୍ୟାଚ୍‌ରେ ଗୁରୁବାର ସନ୍ଧ୍ୟା ୫ଟାରେ ବିଶ୍ୱର ୨ ନମ୍ବର ଦଳ ଆର୍ଜେଣ୍ଟିନା ଓ ସ୍ପେନ୍ ପରସ୍ପରକୁ ଭେଟିବେ। ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ଖେଳିବାକୁ ଯାଉଥିବାରୁ ଉଭୟ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି। ତେଣୁ ଏହି ମ୍ୟାଚ୍‌ର ଗୁରୁତ୍ୱ ଉଭୟ ଦଳ ପାଇଁ ରହିଛି। ପୁଲ୍ ଏ'ରେ ସ୍ଥାନ ପାଇଥିବା ଅନ୍ୟ ଦୁଇଟି ଦଳ ହେଉଛନ୍ତି ନ୍ୟୁଜିଲାଣ୍ଡ ଓ ଫ୍ରାନ୍ସ। ପୁଲ୍ ଏ'ର ୩ଟି ଦଳ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଟପ୍ ୧୦ରେ ସ୍ଥାନ ପାଇଛନ୍ତି। ଫଳରେ ଏହି ପୁଲ୍‌ରେ କେତୋଟି ରୋମାଞ୍ଚକ ମୁକାବିଲା ଦେଖିବାକୁ ମିଳିବ।

ଗତ କିଛିବର୍ଷ ମଧ୍ୟରେ ଆର୍ଜେଣ୍ଟିନା ତା'ର ହକିରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ପ୍ରଦର୍ଶନରେ କ୍ରମାଗତ ଭାବେ ଉନ୍ନତି ଆଣି ଆର୍ଜେଣ୍ଟିନା ଗତ ବିଶ୍ୱକପ୍‌ରେ ବ୍ରୋଞ୍ଜ୍ ପଦକ ଜିତିବାକୁ ସକ୍ଷମ ହୋଇଥିଲା। ଏଥିସହିତ ଗତ ୨୦୧୬ ରିଓ ଅଲିମ୍ପିକ୍ସରେ ଆର୍ଜେଣ୍ଟିନା ସ୍ୱର୍ଣ୍ଣ ଜିତି ଇତିହାସ ସୃଷ୍ଟି କରିଥିଲା। ତାରକା ଖେଳାଳି ଗୋଞ୍ଜାଲୋ ପେଇଲାଟ୍‌ଙ୍କ ସମେତ ପେଡ୍ରୋ ଇବାରା, ମାଟିଆସ୍ ପ୍ୟାରେଡ୍ସ, ଲୁକାସ ଭିଲ୍ଲାଙ୍କ ପରି ବିଶ୍ୱସ୍ତରୀୟ ଖେଳାଳି ଏହି ଦଳରେ ରହିଛନ୍ତି। ଯଦିଓ ଦଳରୁ କେତେକ ଅଭିଜ୍ଞ ଖେଳାଳି ଅବସର ଗ୍ରହଣ କରିଛନ୍ତି, ତଥାପି ଆର୍ଜେଣ୍ଟିନା ଦଳ କିନ୍ତୁ ବେଶ୍ ସନ୍ତୁଳିତ ମନେହେଉଛି।

ଅନ୍ୟପଟେ ସ୍ପେନ୍ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଅଷ୍ଟମ ସ୍ଥାନରେ ରହିଛି। ହକି ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ସ୍ପେନ୍‌ରେ ହିଁ ଆୟୋଜନ ହୋଇଥିଲା। ପୁଣି ଏହି ଦଳ ବିଶ୍ୱକପ୍‌ରେ ୩ଥର ପୋଡିୟମ୍ ଫିନିଶ୍ କରି ନିଜକୁ ଏକ ବିଶ୍ୱସ୍ତରୀୟ ଦଳ ବୋଲି ପ୍ରମାଣିତ କରିଛି। ଇତିମଧ୍ୟରେ ସ୍ପେନ୍ ଦଳ ସମୟ ଅନୁସାରେ ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରିବା ସହ ଯଥେଷ୍ଟ ଉନ୍ନତି କରିଛି। ବର୍ତ୍ତମାନ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ସ୍ପେନ୍ ଦଳ ବେଶ୍ ସନ୍ତୁଳିତ ମନେହୁଏ। ସ୍ପେନ୍ କ୍ୱାର୍ଟର ଫାଇନାଲକୁ ଉଠିବା ନିଶ୍ଚିତ ମନେହୁଏ। ଏଥିସହିତ ମେଡାଲ ରାଉଣ୍ଡରେ ମଧ୍ୟ ଏହି ଦଳ ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

କଳିଙ୍ଗ ଷ୍ଟାଡିୟମରେ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ। ସ୍ପେନ୍ ଅପେକ୍ଷା ଦର୍ଶକ ଆର୍ଜେଣ୍ଟିନାକୁ ସମର୍ଥନ ଦେବେ ବୋଲି ଆଶା କରାଯାଉଛି।

**ଆଜିର ମ୍ୟାଚ୍**

**ଆର୍ଜେଣ୍ଟିନା ବନାମ ସ୍ପେନ**
ପୁଲ୍-ଏ
ସମୟ ଅପରାହ୍ନ- ୫ଟା

**ନ୍ୟୁଜିଲାଣ୍ଡ ବନାମ ଫ୍ରାନ୍ସ**
ପୁଲ୍- ଏ
ସମୟ- ରାତି ୭ଟା
ସ୍ଥାନ- କଳିଙ୍ଗ ଷ୍ଟାଡିୟମ

**ପ୍ରସାରଣଃ ଷ୍ଟାର୍ ସ୍ପୋର୍ଟ୍ସ**

# ନିଜ ୱାଲ୍ ପେଣ୍ଟିଂ ଦେଖି କାନ୍ଦିଲେ ସାମନ୍ଥା



ବ୍ରିଟେନ ମହିଳା ହକି ଖେଳାଳି ସାମନ୍ଥା କ୍ୱେକ୍‌ଙ୍କ ଚିତ୍ର କାନ୍ଥରେ ଅଙ୍କା ହୋଇଛି।

ଭୁବନେଶ୍ୱର, ୨୮।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍ ପାଇଁ ଭୁବନେଶ୍ୱରରେ ପ୍ରତି କାନ୍ଥରେ ଏ ସମ୍ପର୍କିତ ବିଭିନ୍ନ ଚିତ୍ର ବା ୱାଲ୍ ପେଣ୍ଟିଂ କରାଯାଇଛି। ଏହି ମେଗା ଇଭେଣ୍ଟକୁ ସୁନ୍ଦର ତଥା ମନୋରମ କରିବା ପାଇଁ ଆୟୋଜକମାନେ ୱାଲ ପେଣ୍ଟିଂର ବ୍ୟବସ୍ଥା କରିଥିଲେ। ତେବେ ଏହା ଶେଷରେ ସଫଳ ହୋଇଛି। ଏହି ଚିତ୍ର ବା ପେଣ୍ଟିଂ କେବଳ ଏକ ଚିତ୍ର ନୁହଁ, ଏଥିରେ ଜୀବନ ଅଛି ବୋଲି କୁହାଯାଇପାରେ। ଏ କଥା ପ୍ରମାଣିତ ହୋଇଛି ବ୍ରିଟେନ୍‌ର ମହିଳା ହକି ଖେଳାଳି ସାମନ୍ଥା କ୍ୱେକ୍‌ଙ୍କ ଟୁଇଟ୍‌ରୁ।

ଭୁବନେଶ୍ୱରରେ ଟ୍ୟାକ୍ସିରେ ଯାତ୍ରା କରୁଥିବା ବେଳେ ସାମନ୍ଥା ସ୍ଥାନୀୟ ଏକ ହସ୍ପିଟାଲ କାନ୍ଥରେ ନିଜର ପେଣ୍ଟିଂ ଦେଖି ଆତ୍ମବିଭୋର ହୋଇଯାଇଥିଲେ ଓ ତାଙ୍କ ଆଖିରୁ ଆନନ୍ଦରେ ଲୁହ ବାହାରି ଆସିଥିଲା। ଏହାକୁ ସେ ଟୁଇଟ୍ କରି ଶେୟାର କରିଛନ୍ତି। ସାମନ୍ଥାଙ୍କ ଏହି ଟୁଇଟ୍‌କୁ ପ୍ରଶଂସକ ଅଧିକ ସଂଖ୍ୟାରେ ଶେୟାର କରୁଛନ୍ତି ଓ ଏହା ବେଶ୍ ଚର୍ଚ୍ଚା ସୃଷ୍ଟି କରିଛି। ଏଥିପାଇଁ ଅବଶ୍ୟ ସେ ଆୟୋଜକମାନଙ୍କୁ ପରୋକ୍ଷରେ ପ୍ରଶଂସା କରିଛନ୍ତି। ଉଲ୍ଲେଖଥାଉ କି, ୩୦ ବର୍ଷୀୟା ସାମନ୍ଥା ୨୦୧୬ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ମଧ୍ୟ ଇଂଲଣ୍ଡ ଦଳ ତରଫରୁ ପ୍ରତିନିଧିତ୍ୱ କରି ୨୦୧୫ ୟୁରୋପିଆନ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଓ ୨୦୧୩ରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ରୌପ୍ୟ ପଦକ ଜିତିଥିଲେ।

# ନ୍ୟୁଜିଲାଣ୍ଡ- ଫ୍ରାନ୍ସ ଟକ୍କର

ଭୁବନେଶ୍ୱର, ୨୮।୧୧(ସ୍ପୋର୍ଟ୍ସ ବ୍ୟୁରୋ)- ଗୁରୁବାର ଦ୍ୱିତୀୟ ମ୍ୟାଚ୍‌ରେ ପୁଲ୍ ଏ'ର ବାକି ଦୁଇଟି ଦଳ ନ୍ୟୁଜିଲାଣ୍ଡ ଓ ଫ୍ରାନ୍ସ ପରସ୍ପରକୁ ଭେଟିବେ। ନ୍ୟୁଜିଲାଣ୍ଡ ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ର୍‍ୟାଙ୍କିଙ୍ଗ୍‌ର ନବମ ସ୍ଥାନରେ ରହିଛି। ଅନ୍ୟପଟେ ଫ୍ରାନ୍ସ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ବିଂଶତମ ସ୍ଥାନରେ ରହିଛି। ୧୯୭୬ରେ ନ୍ୟୁଜିଲାଣ୍ଡ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲା। ତେବେ ନ୍ୟୁଜିଲାଣ୍ଡ ଏହି ପ୍ରଦର୍ଶନକୁ ପରେ ଦୋହରାଇବାରେ ସକ୍ଷମ ହୋଇନାହିଁ। ଚଳିତ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡକୁ ଅଣ୍ଡରଡଗ୍ ବୋଲି ବିବେଚନା କରାଯାଉଛି। ପୂର୍ବର ବିଫଳତାକୁ ପଛରେ ପକାଇ ନୂଆ ଦଳ ଭାବେ ନ୍ୟୁଜିଲାଣ୍ଡ ଏହି ମେଗା ଇଭେଣ୍ଟରେ ନିଜର ଚମକ ଦେଖାଇବା ଲକ୍ଷ୍ୟରେ ରହିଛି।

ଅପରପକ୍ଷରେ ଫ୍ରାନ୍ସ ପୁଲ୍ ଏ'ରେ ସବୁଠାରୁ ଦୁର୍ବଳ ଦଳ ରୂପେ ପରିଗଣିତ ହେଉଛି। ହକିରେ ଫ୍ରାନ୍ସର ଇତିହାସ ସେତେଟା ବଳିଷ୍ଠ ନୁହେଁ। ତେବେ ବିଗତ କିଛିବର୍ଷ ମଧ୍ୟରେ ଫ୍ରାନ୍ସ ପ୍ରଦର୍ଶନରେ ଆଖିଦୃଶିଆ ଉନ୍ନତି ହୋଇଛି।



ଚିୟର ଗର୍ଲଙ୍କ ନୃତ୍ୟ।





ଉଲ୍ଲସିତ ଭାରତୀୟ ପ୍ରଶଂସକ।

> ମୋର ବର୍ତ୍ତମାନ ଲକ୍ଷ୍ୟ ହେଉଛି ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା । ଏଥିପାଇଁ ମୁଁ କଠିନ ଅଭ୍ୟାସ କରୁଛି ।
>
> –ଏମ୍.ସି. ମେରିକମ୍, ଭାରତୀୟ ଷ୍ଟାର ମହିଳା ବକ୍ସର



> ଅଷ୍ଟ୍ରେଲିଆ କ୍ରିକେଟ ଦଳକୁ ନିଜ ଭାବମୂର୍ତ୍ତିରେ ସୁଧାର ଆଣିବାକୁ ହେଲେ ଅଧିକରୁ ଅଧିକ ମ୍ୟାଚ ଜିତିବାକୁ ପଡ଼ିବ ।
>
> –ମାଇକେଲ କ୍ଲାର୍କ, ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ



## ସଂକ୍ଷେପରେ

### ଭାରତୀୟ ଅଭିଯାନ ଶେଷ

ଗ୍ୱାଙ୍ଗଜୁ (କୋରିଆ), ୨୮।୧୧ (ପି.ଟି.)- କୋରିଆ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପ୍ରଥମ ଦିବସରେ ପାରୁପଲ୍ଲି କାଶ୍ୟପ ଏବଂ ସୌରଭ ବର୍ମା ସେମାନଙ୍କ ପୁରୁଷ ସିଙ୍ଗଲ୍ସ ମ୍ୟାଚ ହାରିଯାଇଛନ୍ତି। ଫଳରେ ଏହି ପ୍ରତିଯୋଗିତାରେ ଭାରତୀୟ ଅଭିଯାନ ଶେଷ ହୋଇଯାଇଛି। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ତଥା ପୂର୍ବତନ ବିଶ୍ୱର ୬ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି କୋରିଆର ଲି ଡଙ୍ଗ୍ କେଅନ୍‌ଙ୍କଠାରୁ ୧୭-୨୧, ୨୧-୧୩, ୮-୨୧ରେ ହାରିଯାଇଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ୧୯ ମିନିଟ ଧରି ଚାଲିଥିଲା। ଅନ୍ୟପକ୍ଷରେ ଚଳିତ ବର୍ଷ ଡଚ୍ ଓପନ୍ ଜିତିଥିବା ସୌରଭ ବର୍ମା ଲଢୁଆ ଖେଳି ମଧ ଫିନ୍‌ଲାଣ୍ଡର ଇତୁ ହିଏନୋଙ୍କଠାରୁ ୧୩-୨୧, ୨୧-୧୨, ୧୮-୨୧ରେ ପରାଜିତ ହୋଇଯାଇଥିଲେ।

### ବୟସ ଜାଲିଆତି କଲେ ଦୁଇ ବର୍ଷ ବାସନ୍ଦ

ନୂଆଦିଲ୍ଲୀ,୨୮।୧୧: ସ୍ୱୀକୃତିପ୍ରାପ୍ତ ଟୁର୍ନାମେଣ୍ଟରେ ବୟସ ଜାଲିଆତି କରି ଧରାପଡ଼ିଲେ ଖେଳାଳିଙ୍କୁ ଦୁଇ ବର୍ଷ ବାସନ୍ଦ କରାଯିବ। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ଘୋଷଣା କରିଛି। "କ୍ରୀଡ଼ାରେ ବୟସ ଜାଲିଆତି ପାଇଁ କୌଣସି ସ୍ଥାନ ନାହିଁ। ବିସିସିଆଇ ସୀକୃତି ପ୍ରାପ୍ତ ଟୁର୍ନାମେଣ୍ଟରେ ଜନ୍ମ ତାରିଖ ବଦଳାଇଥିବା କ୍ରିକେଟରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୌଣସି କ୍ରିକେଟର ବୟସ ଜାଲିଆତି କରି ଧରାପଡ଼ିଲେ ତାଙ୍କୁ ଦୁଇ ବର୍ଷ ବାସନ୍ଦ କରାଯିବ। ଏ ନେଇ ରାଜ୍ୟ ସଂଘକୁ ସୂଚିତ କରି ଦିଆଯାଇଛି" ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ନିକଟରେ ଜଣେ ଖେଳାଳିଙ୍କୁ ଏକବର୍ଷ ଲାଗି ବାସନ୍ଦ କରାଯାଇଥିଲା। ଜୁନିୟର କ୍ରିକେଟରେ ବୟସ ଜାଲିଆତି ବଡ଼ ସମସ୍ୟା ଥିବା ୨୦୧୬ରେ ପୂର୍ବତନ ଭାରତୀୟ ଅଧିନାୟକ ରାହୁଲ ଦ୍ରାବିଡ କହିଥିଲେ।

### ସଚିନଙ୍କ ରେକର୍ଡ ଭାଙ୍ଗିପାରନ୍ତି କୋହଲି

ନୂଆଦିଲ୍ଲୀ,୨୮।୧୧- ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଆଉ ଏକ ରେକର୍ଡ ଅଧିକାରୀ ହୋଇପାରନ୍ତି। ଅଷ୍ଟ୍ରେଲିଆରେ ଅଷ୍ଟ୍ରେଲିଆ ବିପକ୍ଷରେ କୋହଲିଙ୍କ ନାମରେ ଏପର୍ଯ୍ୟନ୍ତ ୫ ଟେଷ୍ଟ ଶତକ ରହିଛି। ଭାରତୀୟ ଅଧିନାୟକଙ୍କୁ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିବା ଲାଗି ଆଉ ଦୁଇଟି ଶତକ ଦରକାର। ତେନ୍ଦୁଲକର ଅଷ୍ଟ୍ରେଲିଆ ମାଟିରେ ୬ ଶତକ ମାରିଛନ୍ତି, ଯାହାକି ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ସର୍ବାଧିକ। ପୂର୍ବତନ ଭାରତୀୟ ଅଧିନାୟକ ଅଷ୍ଟ୍ରେଲିଆରେ ମୋଟ ୨୦ ଟେଷ୍ଟ ଖେଳି ୫୩.୨୦ ଆଭରେଜରେ ୧୮୦୯ ରନ୍ କରିଛନ୍ତି। ସେହିଭଳି କୋହଲି ୮ ଟେଷ୍ଟରେ ୬୨.୦୦ ହାରରେ ୯୯୨ ରନ୍ କରିସାରିଛନ୍ତି। କୋହଲିଙ୍କ ଭଳି ଲିଟିଲ ମାଷ୍ଟର ସୁନୀଲ ଗାଭାସ୍କର ଅଷ୍ଟ୍ରେଲିଆରେ ୫ ଶତକ ମାରିଥିଲେ। ତାଙ୍କ ପଛକୁ ପୂର୍ବତନ ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ (୪ ଶତକ) ରହିଛନ୍ତି।

## ■ ସୂର୍ଯ୍ୟକାନ୍ତଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ

# ତ୍ରିପୁରାକୁ ୧୨୨ରେ ଆଉଟ୍ କଲା ଓଡ଼ିଶା

**ଭୁବନେଶ୍ୱର, ୨୮।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ବିଧ୍ୱଂସୀ ବୋଲିଂ ବଳରେ ବୁଧବାରଠାରୁ କଟକର ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ରଣଜୀ ଟ୍ରଫି ମ୍ୟାଚ୍‌ରେ ତ୍ରିପୁରାକୁ ୧୨୨ ରନ୍‌ରେ ଅଲ୍‌ଆଉଟ୍ କରିଦେଇଛି ଓଡ଼ିଶା। ଜବାବରେ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ବ୍ୟାଟିଂ ଆରମ୍ଭ କରି ବୁଧବାର ଷ୍ଟମ୍ପ ଅପସାରଣ ସୁଦ୍ଧା ପ୍ରଥମ ଇନିଂସରେ ୩ ଉଇକେଟ୍ ହରାଇ ୧୦୧ ରନ୍ ସଂଗ୍ରହ କରିଛି। ହାତରେ ୭ ଉଇକେଟ ସୁରକ୍ଷିତ ରହିଥିବାବେଳେ ଓଡ଼ିଶା ଇନିଂସ୍ ଅଗ୍ରଣୀ ପାଇଁ ୨୨ ରନ୍ ଆବଶ୍ୟକ କରୁଛି।

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ରାଉଣ୍ଡ–୪ ଗ୍ରୁପ୍ 'ସି'ର ଏହି ମୁକାବିଲାରେ ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ଟସ୍ ଜିତି ପ୍ରଥମେ ତ୍ରିପୁରାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଅଧିନାୟକଙ୍କ ନିଷ୍ପତ୍ତିକୁ ଠିକ୍ ପ୍ରମାଣିତ କରି ଓଡ଼ିଶା ଦ୍ରୁତ ବୋଲର ସକାଳ ପରିବେଶରୁ ଫାଇଦା ଉଠାଇ ୨୪ ରନ୍‌ରେ ୪ ଓ ୫୭ ରନ୍‌ରେ ୭ ଜଣ ତ୍ରିପୁରା ବ୍ୟାଟ୍ସମ୍ୟାନଙ୍କୁ ପାଭିଲିୟନ ପଠାଇବାରେ ସଫଳ ହୋଇଥିଲେ। ବିଶେଷକରି ୨୫ ବର୍ଷୀୟ ଯୁବ ଡାହାଣହାତୀ ବୋଲର ସୂର୍ଯ୍ୟକାନ୍ତ ନିଜର ଗତି ଓ ସୁଇଂ ବଳରେ ତ୍ରିପୁରା ବ୍ୟାଟିଂ ଲାଇନ୍‌ଅପ୍‌କୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଥିଲେ। ପ୍ରଥମ ୭ରୁ ୬ଟି ଉଇକେଟ୍ ସୂର୍ଯ୍ୟକାନ୍ତ ଅକ୍ତିଆର କରିଥିଲେ। ମଧ୍ୟକ୍ରମରେ ପ୍ରତ୍ୟୁଷ ସିଂ (୪୩ ରନ୍) ଓ ଶେଷଭାଗରେ ରାଣା ଦତ୍ତ (୨୪ ରନ୍)ଙ୍କ ଉପଯୋଗୀ ବ୍ୟାଟିଂ ଯୋଗୁ ଭ୍ରମଣକାରୀ ତ୍ରିପୁରା ୧୦୦ ରନ୍ ଅତିକ୍ରମ କରିବାରେ ସଫଳ ହୋଇଥିଲା। କିନ୍ତୁ ୪୩ ଓଭରରେ ଦଳ ୧୨୨ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ତ୍ରିପୁରା ପକ୍ଷରୁ ଅଧିନାୟକ ବିଶାଳ ଘୋଷ ୭, ଉଇକେଟ୍‌କିପର ସ୍ମିତ୍ ପଟେଲ ୩, ଅଭିଜିତ୍ ସର୍କାର ୧୦ ଓ ନିନାଦ କଦମ ୧୩ ରନ୍ କରିଥିଲେ। ୭ ଜଣ ତ୍ରିପୁରା ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ସୂର୍ଯ୍ୟକାନ୍ତ ଘରୋଇ ଦଳର ସବୁଠାରୁ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। ସେ ୧୩ ଓଭର ବୋଲିଂ କରି ୩ ମେଡେନ ସହ ୪୦ ରନ୍ ବିନିମୟରେ ସର୍ବାଧିକ ୭ଟି ଉଇକେଟ୍ ଅକ୍ତିଆର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ମହାନ୍ତି, ଦେବବ୍ରତ ପ୍ରଧାନ ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଓଡ଼ିଶା ପ୍ରାରମ୍ଭରୁ ଦୁଇ ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଅନୁରାଗ ଷଡ଼ଙ୍ଗୀ (୦) ଓ ପୋଦ୍ଦାର (୪)ଙ୍କ ଉଇକେଟ୍ ଅତି ଶସ୍ତାରେ ହରାଇଥିଲା। କିନ୍ତୁ ରାଜେଶ ଧୂପର (୩୧), ବିପ୍ଳବ (୧୯*) ଓ ନିର୍ଭରଯୋଗ୍ୟ ଶୁଭ୍ରାଂଶୁ ସେନାପତି (୩୬*)ଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ଯୋଗୁ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୩୩ ଓଭରରେ ୩ ଉଇକେଟ ହରାଇ ୧୦୧ ରନ୍ ସଂଗ୍ରହ କରିଛି। ଗୁରୁବାର ଯଦି ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ପ୍ରଭାବୀ ପ୍ରଦର୍ଶନ କରନ୍ତି, ତେବେ ତ୍ରିପୁରା ବିପକ୍ଷରେ ଓଡ଼ିଶା ବଡ଼ ଇନିଂସ ଅଗ୍ରଣୀ ନେବାର ସମ୍ଭାବନା ରହିଛି। ତ୍ରିପୁରା ପକ୍ଷରୁ ମଣିଶଙ୍କର ମୁରାସିଂ ୨ଟି ଓ ଅଜୟ ସର୍କାର ଗୋଟିଏ ଉଇକେଟ୍ ଅକ୍ତିଆର କରିଛନ୍ତି। ପୂର୍ବରୁ ଚଳିତ ସିଜନରେ ଓଡ଼ିଶା ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୭ ପଏଣ୍ଟ ପାଇ ଗ୍ରୁପ୍–ସି'ର ୭ମ ସ୍ଥାନରେ ରହିଛି।

**ସଂକ୍ଷିପ୍ତ ସ୍କୋର:**

**ତ୍ରିପୁରା ପ୍ରଥମ ଇନିଂସ–** ୧୨୨ରେ ଅଲ୍‌ଆଉଟ୍, ୪୩ ଓଭର (ନିନାଦ ୧୩, ପ୍ରତ୍ୟୁଷ ୪୩, ରାଣା ୨୪, ସୂର୍ଯ୍ୟକାନ୍ତ ୭/୪୦)।

**ଓଡ଼ିଶା ପ୍ରଥମ ଇନିଂସ–** ୧୦୧/୩, ୩୩ ଓଭର (ରାଜେଶ ୩୧, ଶୁଭ୍ରାଂଶୁ ୩୬*, ବିପ୍ଳବ ୧୯*, ଗୋବିନ୍ଦ ୪, ମଣିଶଙ୍କର ୨/୯)।



୭ ଉଇକେଟ୍ ଅକ୍ତିଆର କରିଥିବା ସୂର୍ଯ୍ୟକାନ୍ତ ପ୍ରଧାନ (ବାମ) ସାଥୀ ଖେଳାଳିଙ୍କ ସହ।

### ୧୦୦ ଉଇକେଟ କ୍ଲବରେ ସୂର୍ଯ୍ୟକାନ୍ତ

ତ୍ରିପୁରା ବିପକ୍ଷରେ ଡ୍ରିମ୍ସ ଗ୍ରାଉଣ୍ଡରେ ବୁଧବାରଠାରୁ ଆରମ୍ଭ ହୋଇଥିବା ରଣ୍‌ଜୀ ଟ୍ରଫି ମ୍ୟାଚ୍‌ର ପ୍ରଥମ ଇନିଂସ୍‌ରେ ଓଡ଼ିଶାର ସୂର୍ଯ୍ୟକାନ୍ତ ପ୍ରଧାନ ୭ଟି ଉଇକେଟ ଅକ୍ତିଆର କରିଛନ୍ତି। ଏଥିସହ ପ୍ରଥମ ଶ୍ରେଣୀ କ୍ରିକେଟରେ ସେ ୧୦୦ ଉଇକେଟ ଅକ୍ତିଆର କରିବାର ସୌଭାଗ୍ୟ ଲାଭ କରିଛନ୍ତି। ୨୦୧୩ରେ କ୍ୟାରିୟର ଆରମ୍ଭ କରିଥିବା ସୂର୍ଯ୍ୟକାନ୍ତ ନିଜର ୩୩ତମ ମ୍ୟାଚ୍‌ରେ ଏହି ସଫଳତା ପାଇଛନ୍ତି। ତ୍ରିପୁରା ବିପକ୍ଷ ଏହି ସ୍ପେଲ ମଧ୍ୟ ସୂର୍ଯ୍ୟକାନ୍ତ (୧୩–୩–୪୦–୭)ଙ୍କ କ୍ୟାରିୟରର ଶ୍ରେଷ୍ଠ ବୋଲିଂ। ପୂର୍ବରୁ ୨୭ ରନ୍‌ରେ ୫ ଉଇକେଟ ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର ରହିଥିଲା।

### ବର୍ଷା ଧୋଇଦେଲା ଅଭ୍ୟାସ ମ୍ୟାଚ୍‌ର ପ୍ରଥମ ଦିବସ

ସିଡ୍‌ନୀ,୨୮।୧୧(ପି.ଟି.)

ଟେଷ୍ଟ ସିରିଜ୍ ପୂର୍ବରୁ ଭାରତୀୟ ଦଳ ଓ ଅଷ୍ଟ୍ରେଲିଆ ଏକାଦଶ ମଧ୍ୟରେ ବୁଧବାରଠାରୁ ଏଠାରେ ଖେଳାଯିବାକୁ ଥିବା ଅଭ୍ୟାସ ମ୍ୟାଚ୍‌ର ପ୍ରଥମ ଦିବସ ବର୍ଷା ଯୋଗୁ ବାତିଲ ହୋଇଯାଇଛି। କ୍ରମାଗତ ବର୍ଷା ଯୋଗୁ ଉଭୟ ଦଳର ଖେଳାଳିମାନେ ପଡ଼ିଆକୁ ଓହ୍ଲାଇ ପାରି ନ ଥିଲେ। ଏଠାରେ ମଙ୍ଗଳବାର ରାତିଠାରୁ ବର୍ଷା ଜାରି ରହିଛି। ଦିନ ୧ଟା ବେଳକୁ ବର୍ଷା ରହିଯାଇଥିଲା। ଗ୍ରାଉଣ୍ଡମ୍ୟାନଙ୍କ ପକ୍ଷରୁ ୩.୩୦ରେ ଟସ୍ ପଡ଼ିବ ବୋଲି ଧାର୍ଯ୍ୟ ହୋଇଥିଲା। ମାତ୍ର ୩ଟା ବେଳେ ପୁଣି ବର୍ଷା ଆରମ୍ଭ ହୋଇଥିଲା। ଏଣୁ ପ୍ରଥମ ଦିବସ ଖେଳକୁ ବାତିଲ କରାଯାଇଛି। ଦ୍ୱିତୀୟ ଦିବସରେ ଅଧିକ ଅଧ ଘଣ୍ଟା ଖେଳାଯିବ। କିନ୍ତୁ ଗୁରୁବାର ମଧ୍ୟ ଏଠାରେ ବର୍ଷା ଜାରି ରହିବ ବୋଲି ସ୍ଥାନୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

### ଯୁବରାଜଙ୍କ ପ୍ରତ୍ୟାବର୍ତ୍ତନ

ନୂଆଦିଲ୍ଲୀ,୨୮।୧୧

ବରିଷ୍ଠ ବ୍ୟାଟ୍ସମ୍ୟାନ ଯୁବରାଜ ସିଂ (ଯୁବି) ଚଳିତ ରଣଜୀ ଟ୍ରଫିରେ ପଞ୍ଜାବ ଦଳକୁ ଫେରିଛନ୍ତି। ସ୍ଥାନୀୟ ଫିରୋଜ ଶାହ କୋଟଲା ଷ୍ଟାଡିୟମ୍‌ରେ ଦିଲ୍ଲୀ ବିପକ୍ଷରେ ଖେଳାଯାଉଥିବା ମ୍ୟାଚ୍ ଲାଗି ତାଙ୍କୁ ପଞ୍ଜାବ ଦଳରେ ସାମିଲ କରାଯାଇଛି। ଏହାବାଦ୍ ସିଜନର ପରବର୍ତ୍ତୀ ଦୁଇ ମ୍ୟାଚ୍ ଲାଗି ମଧ୍ୟ ଯୁବି ଉପଲବ୍ଧ ରହିବେ। ପଞ୍ଜାବ ଦଳ ତା'ର ଆଗାମୀ ଦୁଇ ମ୍ୟାଚ୍‌ରେ ହିମାଚଳ ପ୍ରଦେଶ (ଡିସେମ୍ବର ୬ରୁ ୯) ଓ ତାମିଲନାଡୁ (ଡିସେମ୍ବର ୧୪ରୁ ୧୭)କୁ ଭେଟିବ। ନିକଟରେ ଯୁବି ପଞ୍ଜାବ ପକ୍ଷରୁ ବିଜୟ ହଜାରେ ଟ୍ରଫିରେ ଭଲ ପ୍ରଦର୍ଶନ କରିଥିଲେ।

# ଅଶ୍ୱିନ ୭ମ ସ୍ଥାନକୁ ଉନ୍ନୀତ

**ଦୁବାଇ, ୨୮।୧୧ (ପି.ଟି.)**



ସଦ୍ୟ ପ୍ରକାଶିତ ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ଟେଷ୍ଟ ବୋଲର ର୍ୟାଙ୍କିଙ୍ଗରେ ଭାରତୀୟ ଅଫ୍‌ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ସ୍ଥାନ ପଦୋନ୍ନତି ପାଇ ୭ମ ସ୍ଥାନରେ ଅଛନ୍ତି। ଡିସେମ୍ବର ୬ରେ ଅଷ୍ଟ୍ରେଲିଆ ବିପକ୍ଷରେ ଆରମ୍ଭ ହେବାକୁଥିବା ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ ଭାରତୀୟ ଅଧିନାୟକ ବିରାଟ କୋହଲି ନମ୍ବର ୱାନ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟ ଦଳର ଖେଳାଳି ଇଂଲଣ୍ଡର ଜନି ବେୟାରଷ୍ଟୋ, ବାଂଲାଦେଶର ମୋମିନୁଲ ହକ୍ ଏବଂ ପାକିସ୍ତାନର ୟାସିର ଶାହ ପ୍ରମୁଖ ର୍ୟାଙ୍କିଙ୍ଗ ତାଲିକାରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛନ୍ତି। ବେୟାରଷ୍ଟୋ ୬ ସ୍ଥାନ ପଦୋନ୍ନତି ସହ ଟପ୍ ୨୦ରେ ୧୬ତମ ସ୍ଥାନ ଅଧିକାର କରିଛନ୍ତି। ମୋମିନୁଲ ୧୧ ସ୍ଥାନ ଉପରକୁ ଉଠି ୨୪ତମ ସ୍ଥାନରେ ଅଛନ୍ତି। ୟାସିର ୯ ସ୍ଥାନ ଲମ୍ଫ ଦେଇ ଟପ୍ ୧୦ରେ ଦଶମରେ ରହିଛନ୍ତି। ନିକଟରେ ଶେଷ ହୋଇଥିବା ଟେଷ୍ଟ ମ୍ୟାଚଗୁଡ଼ିକରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଅନ୍ୟ କେତେଜଣ ଖେଳାଳି ର୍ୟାଙ୍କିଙ୍ଗ ତାଲିକାରେ ଉପରକୁ ଉଠିଛନ୍ତି। ବ୍ୟାଟିଂ ଟେବୁଲରେ କୋହଲି ପ୍ରଥମ ସ୍ଥାନରେ ରହିଥିବା ବେଳେ ଆଝାର ଅଲି ୩ଟି ସ୍ଥାନ ପଦୋନ୍ନତି ପାଇ ଦ୍ୱାଦଶ ସ୍ଥାନରେ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୁଶାଲ ମେଣ୍ଡିସ ୨୦ତମ (୮ ସ୍ଥାନ ଉପରକୁ), ବେନ୍ ଷ୍ଟୋକ୍ସ ୩୧ତମ( ୫ ସ୍ଥାନ ଉପରକୁ), ରୋଶନ ସିଲ୍‌ଭା ୪୮ତମ (୫ ସ୍ଥାନ ଉପରକୁ) ଏବଂ ଶେନ୍ ଡାଓରିଚ୍ ୫୮ତମ (୭ ସ୍ଥାନ ଉପରକୁ) ପ୍ରମୁଖ ର୍ୟାଙ୍କିଙ୍ଗ ତାଲିକାରେ ଉନ୍ନତି କରିଛନ୍ତି। ନ୍ୟୁଜିଲାଣ୍ଡର ହେନ୍‌ରି ନିକୋଲ୍‌ସ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ର୍ୟାଙ୍କିଙ୍ଗ ହାସଲ କରିଛନ୍ତି। ନିକୋଲ୍ସ ବର୍ତ୍ତମାନ ୧୭ତମ (୩ ସ୍ଥାନ ଉପରକୁ) ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ସେହିପରି ଜୋସ୍ ବଟଲର ୧୮ତମ (୩ ସ୍ଥାନ ଉପରକୁ), ହାରିସ ସୋହେଲ ୩୮ତମ (୩୩ ସ୍ଥାନ ଉପରକୁ), ବାବର ଆଜାମ ୩୯ତମ (୨୪ସ୍ଥାନ ଉପରକୁ) ଏବଂ ବେନ୍ ଫୋକ୍ସ ୫୦ତମ ( ୪ସ୍ଥାନ ଉପରକୁ) ସ୍ଥାନରେ ଅଛନ୍ତି। ବୋଲର ଟେବୁଲରେ ଇଂଲଣ୍ଡର ଜେମ୍ସ ଆଣ୍ଡରସନଙ୍କୁ ହଟାଇ ଦକ୍ଷିଣ ଆଫ୍ରିକା ଫାଷ୍ଟ ବୋଲର କାଗିସୋ ରାବାଡା ନମ୍ବର ୱାନ ସ୍ଥାନ ଅଧିକାର କରିନେଇଛନ୍ତି। କଲମ୍ବୋ ଟେଷ୍ଟ ମିସ୍ କରିଥିବାରୁ ଆଣ୍ଡରସନ ତାଙ୍କ ପଏଣ୍ଟର ଏକ ପ୍ରତିଶତ ହରାଇଛନ୍ତି। ଅର୍ଥାତ ଆଣ୍ଡରସନଙ୍କୁ ୯ ପଏଣ୍ଟ ହରାଇବାକୁ ପଡ଼ିଛି।

# ଅଧିକାଂଶ ଟିକେଟ ବିକ୍ରି

**ଆଇସିସି ବିଶ୍ୱକପ୍**

**ନୂଆଦିଲ୍ଲୀ, ୨୮।୧୧ (ପି.ଟି.)**

ଇଂଲଣ୍ଡରେ ୨୦୧୯ରେ ହେବାକୁଥିବା କ୍ରିକେଟ ବିଶ୍ୱକପ୍‌ର ଅଧିକାଂଶ ଟିକେଟ ବିକ୍ରି ସରିଛି। ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ(ଆଇସିସି)ର ଜଣେ ଟପ୍ ଅଫିସିଆଲ ବୁଧବାର ଏ ବିଷୟରେ ସୂଚନା ଦେଇଛନ୍ତି। ମାତ୍ର ୩୫୦୦ ଟିକେଟ ବଳକା ରହିଥିବା ଆଇସିସି ଜେନେରାଲ ମ୍ୟାନେଜର କମର୍ସିଆଲ କ୍ୟାମ୍ପବେଲ ଜେମିସନ ପ୍ରକାଶ କରିଛନ୍ତି। ୟୁନାଇଟେଡ କିଙ୍ଗଡମ୍ (ୟୁକେ)ରେ ଆଇସିସି ବିଶ୍ୱକପ୍ ମେ ୩୦ରୁ ଜୁଲାଇ ୧୪ ପର୍ଯ୍ୟନ୍ତ ଖେଳାଯିବ। ଏଥିରେ ମୋଟ ୪୮ ଗେମ୍ ଖେଳାଯିବ। ଭାରତ ଖେଳିବାକୁ ଥିବା ସମସ୍ତ ମ୍ୟାଚରେ ଟିକେଟ ବିକ୍ରି ସରିଛି। ତନ୍ମଧ୍ୟରେ ଜୁନ୍ ୧୬ରେ ଓଲ୍ଡ ଟ୍ରାଫୋର୍ଡଠାରେ ଖେଳାଯିବାକୁଥିବା ପାକିସ୍ତାନ ବିପକ୍ଷ ମ୍ୟାଚ ସାମିଲ। ଆଇସିସି ଏବଂ ଭାରତୀୟ ବିଅର କମ୍ପାନୀ ବୀରା ୯୧ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହେବା ଅବସରରେ ଜେମିସନ ଏହି ଘୋଷଣା କରିଛନ୍ତି। ମେ ୩୦ରେ ଓଭାଲଠାରେ ଇଂଲଣ୍ଡ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ଫାଇନାଲ ମ୍ୟାଚ ଜୁଲାଇରେ ଲର୍ଡ୍ସଠାରେ ଖେଳାଯିବ।

# ହାଟ୍ରିକ୍ ଟାଇଟଲ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

**ଭୁବନେଶ୍ୱର, ୨୮।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ହକି ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଇତିହାସ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି। ଗତ ଦୁଇଟି ସଂସ୍କରଣରେ ଅଷ୍ଟ୍ରେଲିଆ ଦମ୍‌ଦାର ପ୍ରଦର୍ଶନ କରି ଟାଇଟଲ ହାସଲ କରିଥିଲା। ଏଥର ମଧ୍ୟ ସେହି ସଫଳତାକୁ ଦୋହରାଇ ଅଷ୍ଟ୍ରେଲିଆ ବାଜି ମାରିବା ଲକ୍ଷ୍ୟରେ ରହିଛି। ଏହା କରିପାରିଲେ ୨୦୨୦ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ହକି ଦଳ ସେଠାକାର ସରକାରଙ୍କଠାରୁ ନିରବଚ୍ଛିନ୍ନ ଭାବେ ପାଣ୍ଠି ହାସଲ କରିପାରିବ।

ବିରଳ ହାଟ୍ରିକ୍ ଟାଇଟଲ ଲକ୍ଷ୍ୟରେ ଅଷ୍ଟ୍ରେଲିଆ ନିଶ୍ଚିତ ଭାବେ ରହିଛି ବୋଲି କୋଚ୍ କଲିନ୍ ବ୍ୟାଚ୍ କହିଛନ୍ତି। ଯଦି ଏଥିରେ ଅଷ୍ଟ୍ରେଲିଆ ବିଫଳ ହୁଏ, ତେବେ ଟୋକିଓ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ପ୍ରଭାବିତ ହେବ ବୋଲି ସେ କହିଛନ୍ତି। ପୁଣି ଦଳ ସଫଳ ନ ହେଲେ ସରକାରଙ୍କଠାରୁ ଅର୍ଥ ନ ପାଇବାର ସମ୍ଭାବନା ମଧ୍ୟ ରହିଛି। ଗତ କିଛି ବର୍ଷ ମଧ୍ୟରେ ଅଷ୍ଟ୍ରେଲିଆ ହକି ଦଳ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଆସିଛି। ପ୍ରଥମେ ୨୦୧୦ ଓ ପରେ ୨୦୧୪ ବିଶ୍ୱକପ୍ ଟାଇଟଲ ହାସଲ କରିଛି। ଏହା ବ୍ୟତୀତ ଅଷ୍ଟ୍ରେଲିଆ ଚଳିତ ବର୍ଷ ଚାମ୍ପିୟନ୍ସ ଟ୍ରଫି ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ହାସଲ କରିବାରେ ସକ୍ଷମ ହୋଇଛି। ଅଷ୍ଟ୍ରେଲିଆ ସରକାର ମଧ୍ୟ ହକିକୁ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଛି। ଦଳର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ସରକାର ପାଣ୍ଠି ଦାନ କରୁଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ଆମ ପ୍ରଦର୍ଶନ ବେଶ୍ ଭଲ ହୋଇପାରିଛି ବୋଲି କୋଚ୍ ବ୍ୟାଚ୍ କହିଛନ୍ତି। ଆମେ ମଧ୍ୟ ଏହା ଦ୍ୱାରା ବେଶ୍ ଉତ୍ସାହିତ ହୋଇଛୁ। ଚଳିତ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଶୁକ୍ରବାର ତା'ର ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ଭେଟିବାକୁ ଯାଉଛି।

ଭୁବନେଶ୍ୱରରେ ଆମେ ଭଲ ପ୍ରଦର୍ଶନ କରିବାକୁ ଚାହୁଁଛୁ। ଏହା ହୋଇପାରିଲେ ଆମେ ଅଧିକ ପାଣ୍ଠି ହାସଲ କରିପାରିବୁ। ଯଦି ଆମେ ଏହି ବିଶ୍ୱକପ୍‌ରେ ପ୍ରଥମ ପର୍ଯ୍ୟାୟରୁ ବିଦାୟ ନେବୁ, ତେବେ ଆମକୁ ପୂର୍ବର ସୁବିଧା ସୁଯୋଗ ମିଳିବ ନାହିଁ। ତେଣୁ ଏଠାରେ ଭଲ ପ୍ରଦର୍ଶନ କରି ସଫଳ ହେବାକୁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି।

ପୂର୍ବରୁ କ୍ରମାଗତ ଦୁଇଥର ଟାଇଟଲ ହାସଲ କରିଥିବାରୁ ଏଥର ଚାମ୍ପିୟନ ହେବା ପାଇଁ ଅଷ୍ଟ୍ରେଲିଆ ଉପରେ ଚାପ ରହିଛି। ଯଦି ଏଥର ସଫଳ ହୁଏ, ତା'ହେଲେ ଅଷ୍ଟ୍ରେଲିଆ ବିଶ୍ୱର ପ୍ରଥମ ଦଳ ଭାବେ ହାଟ୍ରିକ ଟାଇଟଲ ଅର୍ଜନ କରିବ। ତେଣୁ ଏହି ଚାପକୁ ଆମେ ଏକ ଚ୍ୟାଲେଞ୍ଜ ରୂପେ ଗ୍ରହଣ କରିଛୁ। ଏଥର ମଧ୍ୟ ଚାମ୍ପିୟନ ହେବାକୁ ସବୁମତେ ଚେଷ୍ଟା କରିବୁ ବୋଲି କୋଚ୍ କହିଛନ୍ତି। ଗତ ବର୍ଷ ହକି ୱାର୍ଲ୍ଡ ଲିଗ୍ (ଏଚ୍‌ଡବ୍ଲ୍ୟୁଏଲ୍) ଟାଇଟଲ ହାସଲ କରି ଅଷ୍ଟ୍ରେଲିଆ ଭାରତ ମାଟିରେ ଶେଷଥର ପାଇଁ ବଡ଼ଧରଣର ସଫଳତା ହାସଲ କରିଥିଲା।

ଗତ ହକି ୱାର୍ଲ୍ଡ ଲିଗ୍ ଫାଇନାଲରେ ଆମେ ପ୍ରତି ମ୍ୟାଚ୍‌ରେ ଉନ୍ନତ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଥିଲୁ। ଗ୍ରୁପ୍ ପର୍ଯ୍ୟାୟରେ ଆମେ ଗୋଟିଏ ହେଲେ ବି ମ୍ୟାଚ୍ ଜିତିପାରି ନ ଥିଲୁ। ତେବେ ଏହି ପର୍ଯ୍ୟାୟରେ କ୍ୱାଲିଟି ଦଳ ବିପକ୍ଷରେ ଆମେ ୩ଟି ଯାକ ମ୍ୟାଚ୍‌କୁ ଡ୍ର ରଖିଥିଲୁ। ତେବେ ଏହା ସତ୍ତ୍ୱେ ଆମେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲୁ। ଧୀରେ ଧୀରେ ଆମର ପ୍ରଦର୍ଶନରେ ଉନ୍ନତି ଆସିଥିଲା ଓ ଶେଷରେ ଆମେ ଟାଇଟଲ ଜିତିବାକୁ ସକ୍ଷମ ହୋଇଥିଲୁ। ପ୍ରତି ମ୍ୟାଚ୍‌ରେ ଆମ ପ୍ରଦର୍ଶନରେ ଉନ୍ନତି ହୋଇପାରିବ ବୋଲି ଏହି ଟୁର୍ନାମେଣ୍ଟରେ ଆମେ ହୃଦୟଙ୍ଗମ କରିଥିଲୁ। ଏହା ପରେ ଚାମ୍ପିୟନ୍ସ ଟ୍ରଫି ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ଏହି ସଫଳତା ଦୋହରାଇବାରେ ସଫଳ ହୋଇଥିଲୁ। ତେବେ ପ୍ରତ୍ୟେକ ଟୁର୍ନାମେଣ୍ଟରେ ବିଭିନ୍ନ ବାଧାବିଘ୍ନ ଉପୁଜିଥାଏ ଓ ଏହାକୁ ଆମେ ସଫଳତାର ସହ ମୁକାବିଲା କରିବାରେ ସକ୍ଷମ ହୋଇଛୁ।

ଆୟୋଜକ ଭାରତ ସମ୍ପର୍କରେ ମତ ରଖିଥିଲେ ବ୍ୟାଚ୍ ଓ ସେ ମନପ୍ରୀତି ସିଂଙ୍କ ନେତୃତ୍ୱାଧୀନ ଦଳକୁ ବେଶ୍ ପ୍ରଶଂସା କରିଛନ୍ତି। ଭାରତ ଗତ କିଛି ବର୍ଷ ମଧ୍ୟରେ ତା'ର ପୂର୍ବ ଗୌରବକୁ ଫେରାଇ ଆଣିବାରେ ସଫଳ ହୋଇଛି। ଭାରତର ପ୍ରଦର୍ଶନରେ ଉନ୍ନତି ଆସିଛି ଓ ଏକ ଚାମ୍ପିୟନ ଦଳ ଭଳି ଖେଳୁଛି। ଗତ ଚାମ୍ପିୟନ୍ସ ଟ୍ରଫିରେ ଭାରତ ବିପକ୍ଷରେ ଆମେ ଖେଳିଛୁ। ଭାରତ ଏକ ଚାମ୍ପିୟନ ଦଳ ଭଳି ଖେଳିଥିଲା।



ଖବରଦାତା ସମ୍ମିଳନୀରେ ଅଷ୍ଟ୍ରେଲିଆ କୋଚ ଓ ଅଧିନାୟକ।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଗୁରୁବାର, ନଭେମ୍ବର ୨୯/୨୦୧୮ Berhampur, Thursday, November 29/ 2018

## ସଂକ୍ଷେପରେ

### ବୃଦ୍ଧାଙ୍କୁ ଦୁର୍ବୃତ୍ତଙ୍କ ମାଡ଼ ଅଭିଯୋଗ
## ସିମନବାଡିରେ ବଢୁଛି ଚୋରାମଦ କାରବାର

ଦାରିଙ୍ଗବାଡି,୨୮।୧୧(ଡି.ଏନ.ଏ)- କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ସିମନବାଡି ଅଞ୍ଚଳରେ ପୁଣି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ଅଜଣା ଲୋକଙ୍କ ଚଳପ୍ରଚଳ ଯୋଗୁ ଅଞ୍ଚଳରେ ଭୟ ଦ୍ୱିଗୁଣିତ ହୋଇଛି । ମଙ୍ଗଳବାର ବିଳମ୍ବିତ ରାତିରେ ସିମନବାଡିର କୁନ୍ଦନ ବେହେରା(୭୦)ଙ୍କୁ କେହି ଦୁର୍ବୃତ୍ତ ଆକ୍ରମଣ କରିଛି। ସେ ଝାଡାବାନ୍ତିରେ ଆକ୍ରାନ୍ତ ଥିବାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାରମ୍ବାର ବାହାରକୁ ଯାଉଥିଲେ। ଏହି ସମୟରେ କବାଟ ଖୋଲାଥିବା ଦେଖି କେହି ଦୁର୍ବୃତ୍ତ ଘରେ ପଶି ଆକ୍ରମଣ କରିଥିଲେ। ଆକ୍ରମଣର କାରଣ ଜଣାପଡିନାହିଁ। ଏନେଇ ଆଇଆଇସି ଅଲେଖ ଗରଡିଆ କହିଛନ୍ତି, ଘଟଣା ନେଇ ତାଙ୍କ ନିକଟରେ ସୂଚନା ଥିଲେ ମଧ ଅଭିଯୋଗ ହୋଇନାହିଁ। ପୋଲିସ ଘଟଣାର ତଦନ୍ତ ଚଳାଇବା ସହ ପାଟ୍ରୋଲିଂ କଡାକଡି କରିଛି। ସିମନବାଡି ଅଞ୍ଚଳରେ ଚୋରା ଦେଶୀ ଏବଂ ବିଦେଶୀ ମଦ ବେପାର ବୃଦ୍ଧି ସହ ଗଞ୍ଜେଇ କାରବାର ବୃଦ୍ଧି ଯୋଗୁ ଏଭଳି ଘଟଣା ଘଟୁଥିବା ସାମାଜିକ କର୍ମୀ ସୁରେଶ ବଳିଆରସିଂ କହିଛନ୍ତି।

## ମଦ ଦୋକାନ ଲାଇସେନ୍ସ ନବୀକରଣ ନ କରିବାକୁ ଜିଲାପାଳଙ୍କୁ ଦାବିପତ୍ର

ବାଲିଗୁଡା,୨୮।୧୧(ଡି.ଏନ୍.ଏ.)- ବାଲିଗୁଡା ଏନ୍.ଏ.ସି. ଅଞ୍ଚଳରେ ଥିବା ଦୁଇଟି ବିଦେଶୀ ମଦ ଦୋକାନର ଲାଇସେନ୍ସ ନବୀକରଣ ନ କରିବା ପାଇଁ ଏନ୍.ଏ.ସି. ଅନ୍ତର୍ଗତ ୱାର୍ଡ ନଂ-୨ର ଜନସାଧାରଣ କନ୍ଧମାଳ ଜିଲାପାଳଙ୍କ ନିକଟକୁ ଲିଖିତ ଭାବେ ଜଣାଇଛନ୍ତି। ଓଡିଶା ଅବକାରୀ ଆଇନ୍ ୨୦୦୮ ଅନୁଯାୟୀ ଗ୍ରାମ ଶାସନର ବିନା ସହମତି ତଥା ଏନ୍.ଏ.ସି.ର ଅନୁମୋଦନ ବିନା ଅଞ୍ଚଳରେ ବିଦେଶୀ ମଦ ଦୋକାନ ଖୋଲିବାକୁ ଲାଇସେନ୍ସ ଦିଆଯାଇ ପାରିବ ନାହିଁ। ଏଭଳି ସବୁ ଆଇନ୍ ଥିବା ସତ୍ତ୍ୱେ ମଧ ଗତ ଆର୍ଥିକ ବର୍ଷରେ ଜିଲା ଅବକାରୀ ବିଭାଗ ଚଞ୍ଚକତା କରି ଏଠାରେ ମଦ ଦୋକାନ ଖୋଲା ଯାଇଥିଲା। ଏବେ ୨୦୧୯-୨୦ ବର୍ଷ ପାଇଁ ପୁଣି ଥରେ ଉକ୍ତ ମଦ ଦୋକାନର ଲାଇସେନ୍ସ ନବୀକରଣ ପାଇଁ ଯୋଜନା ଚାଲିଛି। ଜିଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ.୧୦୮୧/୧୦୮୨ ତା. ୧୫.୧୧.୨୦୧୮ ରେ ନବୀକରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ମଦ ଦୋକାନ ଯୋଗୁ ଏଠାରେ ବାରମ୍ବାର ହିଂସାକାଣ୍ଡ, ଚୋରି, ମହିଳାଙ୍କୁ କମେଣ୍ଟ ଭଳି ଘଟଣା ଘଟୁଥିବାରୁ ଏଥି ପ୍ରତି ଦୃଷ୍ଟି ଦେଇ ଲାଇସେନ୍ସ ନବୀକରଣ ନ କରିବାକୁ ୱାର୍ଡ ନଂ-୨ରୁ କଳ୍ପନା ବିଷୋଇ, ତୃପ୍ତିମୟୀ ପାତ୍ର, ବିଷ୍ଣୁପ୍ରିୟା ନାୟକ, ସ୍ୱପ୍ନା କହଁର, ଗାୟତ୍ରୀ ପୂଜାରୀ, ସଞ୍ଜୁକ୍ତା ଦଣ୍ଡସେନା, ଭାରତୀ ପ୍ରଧାନ ପ୍ରମୁଖ ଏକ ଲିଖିତ ଅଭିଯୋଗ କନ୍ଧମାଳ ଜିଲାପାଳଙ୍କ ସମେତ ମୂଖ୍ୟଶାସନ ସଚିବ ଓ ରାଜ୍ୟପାଳଙ୍କ ଅବଗତି ନିମନ୍ତେ ପ୍ରେରଣ କରିଥିବା ଜଣାପଡିଛି।

# ବିଭିନ୍ନ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ

ଫୁଲବାଣୀ ଅଫିସ, ୨୮।୧୧

ଗ୍ରାମରେ ରହିଛି ବହୁ ସମସ୍ୟା ବାରମ୍ବାର ଦାବି ସତ୍ତ୍ୱେ ସରକାର କି ପ୍ରଶାସନ ଦୃଷ୍ଟି ଦେଉ ନାହାନ୍ତି। ସମସ୍ୟାର ସମାଧାନ ପାଇଁ ବୁଧବାର ଫୁଲବାଣୀ ବ୍ଲକ ଡୁଡିପାଙ୍କୁ ପୋଲ ପାଖରେ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି। ଫଳରେ ଗୋଛାପଡା-ଫୁଲବାଣୀକୁ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବିଡିଓ ଘଟଣାସ୍ଥଳକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବାରୁ ଗ୍ରାମବାସୀ ରାସ୍ତାରୋକୋରୁ ଓହରିଥିଲେ। ଫୁଲବାଣୀ ବ୍ଲକ ପୁନ୍ଦାଲି, ଗାରାବାନ୍ଧା, ମାରଦେଜ୍ଜୁ, ମରେଖୋଲ, କିରପାଲି, ନୂଆଗିପଦର, ସତାଂଗଜାର୍ଗୀ, ସୁଜାପାଜ୍ଜୁ, ସରୁପଡା ଗ୍ରାମର ଲୋକେ ଏହି ରାସ୍ତାରୋକ କରିଥିଲେ। ସେମାନଙ୍କ ଅଭିଯୋଗ ହେଲା,



ରାସ୍ତା ଉପରେ ଗ୍ରାମବାସୀ।

ପୁନ୍ଦାଲିଠାରୁ ଅରାପାଜ୍ଜୁ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସାମିଲ କରାଯାଉ ନାହିଁ। ଫଳରେ ଯାତାୟାତରେ ଅସୁବିଧା ହେଉଛି। ତୁରନ୍ତ ଏହି ଯୋଜନାରେ ସଡକ ନିର୍ମାଣ କରିବା ଆବଶ୍ୟକ। ସେହିପରି ଯୋଗାଯୋଗ କ୍ଷେତ୍ରରେ ଅସୁବିଧା ହେଉଛି। ତୁରନ୍ତ ଆମ ଅଞ୍ଚଳରେ ବିଏସ୍ଏନ୍ଏଲ୍ ଟାୱାର ନିର୍ମାଣ ଦରକାର। ପିଲାମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା, ନୂଆଗିପଦର(ରାଣିଖଣ୍ଡି)ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ନୂଆଗିପଦର ସୁଜାପାଜ୍ଜୁ ନାଳ ଲେକାବରଠାରେ ଭାଙ୍ଗି ଯାଇଥିବା ଆଡିବନ୍ଧ କାମ କରିବା, ମରଦେଜ୍ଜୁ ୱାର୍ଡରେ ଅଙ୍ଗନୱାଡି କେନ୍ଦ୍ର ଖୋଲିବା ଆମର ଦାବି ବୋଲି ଗ୍ରାମବାସୀ କାମେଶ୍ୱର କହଁର, ପ୍ରଶାନ୍ତ କହଁର, ପ୍ରକାଶ କହଁର, ରମେଶ ଚନ୍ଦ୍ର ଦିଗାଲ ପ୍ରମୁଖ ପ୍ରକାଶ କରିଛନ୍ତି।

### ■ଘରେ ପଶି ଲୁଟ ମାମଲା: ୨ ଗିରଫ
# ସୁନା ରୂପା ଅଳଙ୍କାର ଜବତ



ଜବତ ସୁନା, ରୁପା ଅଳଙ୍କାର।

ଆସିକା,୨୮।୧୧(ଡି.ଏନ୍.ଏ.) ଆସିକା ଥାନା କୋଟିନଡା ଫାଣ୍ଡି କଲେଜ ଛକଠାରେ ଘରେ ପଶି ଲୁଟ୍ ମାମଲାରେ ପୋଲିସ ମଙ୍ଗଳବାର ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବ୍ରହ୍ମପୁର ସଦର ଥାନା ରତନପୁର ଗ୍ରାମର ଟି. ଜାନୁ। ସେହିଭଳି ଲୁଟ୍ ସୁନା ରୂପା ଅଳଙ୍କାର କିଣିଥିବା ଅଭିଯୋଗରେ ଆସିକାର ଜଣେ ଅଳଙ୍କାର ବ୍ୟବସାୟୀ ଏସ୍. ନାଗେଶ୍ୱର ଆଚାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୨୨୦ ଗ୍ରାମ ସୁନା ଓ ୨ କେଜି ରୂପା ଅଳଙ୍କାର ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଜାନୁଙ୍କୁ ଆସିକା ଥାନା ପାଣ୍ଡିଆପଥର ଗ୍ରାମରୁ ଓ ଅଳଙ୍କାର ବ୍ୟବସାୟୀଙ୍କୁ ଆସିକାରୁ ଗିରଫ କରାଯାଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି। ଉଭୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗ୍ୟ ଗତ ଫେବୃଆରୀ ମାସରେ ଆସିକା କଲେଜ ଛକ ଠାରେ ଦୁର୍ବୃତ୍ତମାନେ ଜଣଙ୍କ ଘରେ ପଶି ଲୁଟ କରିଥିଲେ। ଅଭିଯୋଗ ପରେ ପୋଲିସ ନଂ.୬୫/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ବ୍ଲକ ସ୍ତରୀୟ ଜନଜାତି ମହୋତ୍ସବ ଉଦ୍‌ଯାପିତ
# କୁଇ ଭାଷା ରହିଛି, ଲିପି ପାଇଁ ପଦକ୍ଷେପ ନେବା ଜରୁରୀ

ଦାରିଙ୍ଗବାଡି,୨୮।୧୧(ଡି.ଏନ.ଏ)

କନ୍ଧମାଳ ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ ନିକଟରେ ଗତ ଦୁଇଦିନ ଧରି ଚାଲିଥିବା ଜନଜାତି ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଧାୟକ ଯାକବ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ସୁବେନ୍ତୀ ପ୍ରଧାନ, ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ବିଦେଶୀ ନାୟକ, ବ୍ଲକ ଆକାଉଣ୍ଟ ଅଫିସର କ୍ଷେତ୍ରୀବର ଜାନୀ ଯୋଗଦେଇଥିଲେ। ଉଦଯାପନୀ ସଭାରେ ବିଡିଓ ତ୍ରିଲୋଚନ ପାତ୍ର ସଭାପତିତ୍ୱ କରିଥିବାବେଳେ ମଞ୍ଚରେ ସିଆରସିସି ପ୍ରଶାନ୍ତ କୁମାର ସାହୁ ସଂଯୋଜନା କରିଥିଲେ। ତାଙ୍କୁ ପ୍ରୀୟଙ୍କା ସାହୁ, ଏଲ. ଉଷା ଦେବୀ ଏବଂ ସିଆରସିସି ଶ୍ୟାମସୁନ୍ଦର ଦିଗାଳ ସହଯୋଗ କରିଥିଲେ। ଜନଜାତିଙ୍କ କୁଇଭାଷାକୁ ସରକାର ମାନ୍ୟତା ପ୍ରଦାନ କରିସାରିଛନ୍ତି। କିନ୍ତୁ କୁଇ ଭାଷାର ଲିପି ନ ଥିବାରୁ ତାହା ଲେଖା ଯାଇ ବ୍ୟବହାର କରାଯାଇପାରୁନାହିଁ। ତାକୁ ଓଡିଆ ଭାଷାରେ ଲେଖାଯାଉଥିବା ନେଇ ଅତିଥିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସାହିତ୍ୟ





ଉଦଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

ଏକାଡେମୀର ସଦସ୍ୟ ବିଦେଶୀ ନାୟକ ବିଧାୟକ ପ୍ରଧାନଙ୍କୁ ଏଥିପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ନିବେଦନ କରିଥିଲେ। ପରେ ଅତିଥିମାନେ ବିଭିନ୍ନ ଷ୍ଟଲ ବୁଲିବା ସହ ପାରମ୍ପରିକ ଖାଦ୍ୟଶସ୍ୟର ସ୍ୱାଦ ପରଖିଥିଲେ। କ୍ଷୁଦ୍ରଦାନା ଶସ୍ୟ ପାଇଁ ଲୋକଙ୍କୁ ସଚେତନ କରିଆସୁଥିବା ସରକାରଙ୍କ କୃଷି ବିଭାଗର ସହଭାଗିତାରେ ଜାଗୃତି ଉକ୍ତ ବ୍ଲକରେ କୃଷକ ମାନଙ୍କୁ ସଚେତନ ଜାରି ରଖିଛି। ଏହାର ଚାଷ କରାଇବା ସହ ପ୍ରୋସେସିଂ କରି ମହିଳାଗ୍ରୁପମାନଙ୍କୁ ସ୍ୱରୋଜଗାରକ୍ଷମ କରିପାରିଛି। ଏଥିପାଇଁ ବିଧାୟକ ପ୍ରଧାନ ସାଧୁବାଦ ଜଣାଇଥିଲେ। ୨ଦିନ ଧରି ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି କୁଇକବି ବଲୁ ପ୍ରଧାନ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏକାଧିକ ଥର ସମ୍ମାନିତ ହୋଇଥିବାବେଳେ କୁଇଭାଷାରେ ତାଙ୍କର ପାଣ୍ଡୁଲିପି ରହିଛି ତାକୁ ରାଜ୍ୟ ସରକାର ପ୍ରକାଶନ କରିବାକୁ ରାଜ୍ୟ ସଂସ୍କୃତି ବିଭାଗ ଯୋଜନା କରିଥିବାରୁ ତାଙ୍କୁ ମଧ ପୁରସ୍କୃତ ସହ ମାନପତ୍ର ଓ ଅଙ୍ଗବସ୍ତ୍ରଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଏପିଓ କେଦାର ଚନ୍ଦ୍ର ପଣ୍ଡା, ଯନ୍ତ୍ରୀ ବିଭାସ ପୁଟି, ତୁଷାର ସେଠି, ଯୋଗାଣ ନିରୀକ୍ଷକ ମଳୟ କୁମାର ମେହେର, ଧିରେନ ସେଠି, ସୁନିଲ କୁମାର ପାତ୍ର, କୁଳମଣି ବେହେରା, ପ୍ରମୁଖ ସହଯୋଗ କରିଥିଲେ।

## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
# ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।





ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:**
**ବ୍ରହ୍ମପୁର:** ମଳୟ କୁମାର ସାହୁ (୯୯୩୭୬୪୫୮୫୦/୯୪୩୯୬୮୩୯୯୯)

ଦୂରଭାଷ: ୦୬୮୪-୨୫୮୦୧୦୧/୨୫୪୯୩୦୨

## ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା

ପାତ୍ରପୁର,୨୮।୧୧(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ବରଙ୍ଗ ଗ୍ରାମର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସ୍କୁଲ ସ୍ତରୀୟ ବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷଷ୍ଠଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ରାମଲିଙ୍ଗେଶ୍ୱର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଚନ୍ଦ୍ରଭାନୁ ପଟ୍ଟନାୟକ ଓ ପ୍ରଫୁଲ କୁମାର ପାଢୀ ବିଚାରପତି ଭାବେ ଯୋଗ ଦେଇଥିଲେ। ଏଥିରେ ମୋଟ ୨୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ ୩ଟି ବ୍ଲକ ସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହୋଇଛି। କାର୍ଯ୍ୟକ୍ରମକୁ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ପରିଚାଳନା କରିଥିଲେ।





### ■ ନାବାଳିକା ଗଣ ବଳାତ୍କାର ଘଟଣା
## ମହିଳା ଡେସ୍କରେ ସେବା କରିବେ ନାବାଳକ

ଫୁଲବାଣୀ ଅଫିସ, ୨୮।୧୧

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ସମ୍ପୃକ୍ତ ନାବାଳକଙ୍କୁ ବୁଧବାର ଫୁଲବାଣୀ ବାଳ ନ୍ୟାୟିକ ସମିତି ଏକ ଦୃଷ୍ଟାନ୍ତମୂଳକ ନିର୍ଦ୍ଦେଶ ଦେଇଛନ୍ତି। ନାବାଳକ ଜଣକ ଦାରିଙ୍ଗବାଡି ଥାନାରେ ଥିବା ମହିଳା ଡେସ୍କରେ ୨ ବର୍ଷ ପର୍ଯ୍ୟନ୍ତ ସେବା ପ୍ରଦାନ କରିବେ। ମିଳିଥିବା ସୂଚନା ଅନୁସାରେ, ୨୦୧୭ ମାର୍ଚ୍ଚ ୨୪ ଦିନ ଏହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ମା' ବାପା ଡାକ୍ତରଖାନାକୁ ଯାଇଥିଲେ। ଏହାର ସୁଯୋଗ ନେଇ କେତେଜଣ ଯୁବକଙ୍କ ସହ ଜଣେ ନାବାଳକ ନାବାଳିକାଙ୍କୁ ଘରୁ ଉଠାଇ ନିକଟସ୍ଥ ଜଙ୍ଗଲରେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପରିବାର ଲୋକେ ନାବାଳିକାଙ୍କୁ ଘରେ ନ ପାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ପରିବାର ଲୋକେ କୌଣସି ସୂତ୍ରରୁ ଖବର ପାଇ ତାଙ୍କୁ ଜଙ୍ଗଲରୁ ଉଦ୍ଧାର କରିଥିଲେ। ପୀଡିତାଙ୍କ ବାପାଙ୍କ ଏତାଲା ଆଧାରରେ ପୋଲିସ ନଂ.୪୪/୧୭ରେ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିବା ସହ ନାବଳକଙ୍କୁ ଅଟକ ରଖିଥିଲେ। ଏହି ମାମଲାର ଶୁଣାଣୀ କରି ଜିଲା ବାଳ ନ୍ୟାୟିକ ସମିତିର ପ୍ରିନ୍ସପାଲ ମାଜିଷ୍ଟ୍ରେଟ ଅଭିଜିତ ପଲେଇ ନାବାଳକଙ୍କୁ ଦାରିଙ୍ଗବାଡି ଥାନାର ମହିଳା ଡେସ୍କରେ ୨ ବର୍ଷ ପର୍ଯ୍ୟନ୍ତ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପିପି ପ୍ରତାପ କୁମାର ପାତ୍ର ମାମାଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ଘଟଣାରେ ସମ୍ପୃକ୍ତ ଅନ୍ୟ ଯୁବକଙ୍କ ବିଚାର ଫୁଲବାଣୀ ଜିଲା ଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଅଛି।

## କୀଟନାଶକ ପିଇ ଜଣେ ମୃତ

ଦାରିଙ୍ଗବାଡି,୨୮।୧୧(ଡି.ଏନ.ଏ)

ଦାରିଙ୍ଗବାଡି ବ୍ଲକ ସିମନବାଡିର ଜଣେ ବ୍ୟକ୍ତି କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ସେହେଲେ ଉକ୍ତ ଗ୍ରାମର କାଡିପାଙ୍ଗା ସାହିର ବୁସ୍ତ ପ୍ରଧାନ। ମଙ୍ଗଳବାର ସନ୍ଧ୍ୟାରେ ବୁସ୍ତ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ପରିବାର ଲୋକେ ବାଲିଗୁଡା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଗୁରୁତର ଅବସ୍ଥାରେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳୁ ତାଙ୍କର ମୃତ୍ୟୁ ହୋଇଛି। ପରିବାର ଲୋକ ଏନେଇ ଫୁଲବାଣୀ ଟାଉନ ଥାନାରେ ଜଣାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘରୋଇ କଳହକୁ ନେଇ ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।





For a test drive, SMS 'RENAULT' to 53030 or call on 1800 300 44444 (Open from Monday to Sunday between 7:00 am to 11:00 pm). Also available in CSD. Special offers for Defence Personnel, Government, PSU and Corporate employees.

*Terms and conditions apply. #Price mentioned is for the base variant for ex-showroom and is exclusive of local taxes. Offers may vary across variants and cities. Benefits may vary based on the variant and year of manufacturing and are applicable only till stocks last. ^^ Benefits up to ₹30,000 include Insurance at ₹1 and ₹15,000 exchange offer. It is applicable only on limited stock of select variants. **Warranty of 4 Years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). ##Benefits available on all DUSTER 110 PS Diesel variants (except AWD) and includes cash benefit of ₹60,000 and Insurance at ₹1 for first year only. ^Benefits of ₹200,000 are available as special limited period offer on limited stock of select CAPTUR variants only. Benefits may vary based on the variant and year of manufacturing and are applicable only till stocks last. The abovementioned offers are valid till 30th November, 2018. For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in.

**SHOWROOM:ODISHA: BHUBANESWAR:** RENAULT Bhubaneswar - Mob: +91 8860076082, **CUTTACK:** RENAULT Cuttack - Mob: +91 8860877164, **SAMBALPUR:** RENAULT Sambalpur - Mob: +91 8860048351, **BALANGIR:** RENAULT Balangir - Mob: +91 9643800378.

LOK | SAATCHI & SAATCHI

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ